୬ ଆଜି ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୮୬ ● ୧୪ ନଭେମ୍ବର ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-286 ● 14th November 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଏକତା ପଦଯାତ୍ରା ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ନୀଳଗିରି ହେଉଛି ଜନଶକ୍ତି ଓ ଲୋକତନ୍ତ୍ରର ସ୍ପନ୍ଦନ



**ନୀଳଗିରି, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ସାରା ଭାରତବର୍ଷରେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲେଶ୍ୱରର ନୀଳଗିରି ଠାରେ ଏକତା ପଦଯାତ୍ରାର ଉଦଘାଟନ କରିଛନ୍ତି।

ଏହି ଅବସରରେ ନୀଳଗିରି ଠାରୁ ମିତ୍ରପୁର ପର୍ଯ୍ୟନ୍ତ ଆୟୋଜିତ ପଦଯାତ୍ରାରେ ସାହସ୍ରାଧିକ ଛାତ୍ରଛାତ୍ରୀ, ଯୁବବର୍ଗ, ଜନସାଧାରଣ ଓ ସରକାରୀ ଅଧିକାରୀମାନେ ଭାଗ ନେଇ ପ୍ରାୟ ୯ କି.ମି ବାଟ ପଦଯାତ୍ରା କରିଥିଲେ। ଏଥିସହିତ ଛାତ୍ରଛାତ୍ରୀ ମାନେ ୧୦୦ ଫୁଟ ବିଶିଷ୍ଟ ତ୍ରିରଙ୍ଗା ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀଳଗିରିରେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ପୋଲିସ ପଡ଼ିଆ ଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମ ରେ ବାଲେଶ୍ୱର ଜିଲ୍ଲାର ଭୂମିକା ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଏକତା ପଦଯାତ୍ରା କେବଳ ଏକ ସାଧାରଣ ପଦଯାତ୍ରା ନୁହେଁ, ଏହା ଭାରତୀୟତାର ପ୍ରତୀକ, ଦେଶକୁ ଏକ ରଖିବା ପାଇଁ ସାଧାରଣ ନାଗରିକଙ୍କ କର୍ତ୍ତବ୍ୟର ପ୍ରତୀକ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ଯେଉଁ ମାଟିରେ ଆମେ ଛିଡା ହୋଇଛେ, ନୀଳଗିରି, ଏହା କେବଳ ଏକ ଭୌଗଳିକ ସ୍ଥାନ ନୁହେଁ, ଏହା ହେଉଛି ଜନଶକ୍ତି ଓ ଲୋକତନ୍ତ୍ରର ସ୍ପନ୍ଦନ। ନୀଳଗିରି ପ୍ରଜା ଆନ୍ଦୋଳନ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଏକ ଅଦ୍ୱିତୀୟ ଅଧ୍ୟାୟ, ଯାହା ଶୋଷଣ ବିରୋଧରେ, ଅନ୍ୟାୟ ବିରୋଧରେ, ଏବଂ ଅଧିକାର ପାଇଁ ପ୍ରଜାଙ୍କ ମିଳିତ ସ୍ୱରର 'ଏକତା' ର ଗାଥା କୁହେ। ବ୍ରିଟିଶ ବିରୋଧୀ ଆନ୍ଦୋଳନର ପ୍ରଭାବରେ, ନୀଳଗିରିରେ ସ୍ଥାନୀୟ ଯୁବକ, କୃଷକ, ଶ୍ରମିକ, ଶିକ୍ଷିତ ଲୋକେ ଏକତାବଦ୍ଧ ହୋଇଥିଲେ ।

ନୀଳଗିରି ପ୍ରଜା ଆନ୍ଦୋଳନର ପରିଣାମ କେବଳ ରାଜ୍ୟ ଅଧିକାର ନୁହେଁ, ପ୍ରଜାଙ୍କ ଆତ୍ମସମ୍ମାନ, ମର୍ଯ୍ୟାଦା ଏବଂ ଲୋକତନ୍ତ୍ରୀୟ ଚେତନାର ବିଜୟ ଥିଲା। ଏହି ଆନ୍ଦୋଳନ ପ୍ରମାଣ କରିଥିଲା ଯେ, ପ୍ରଜା ଯଦି ଏକତାବଦ୍ଧ ହୁଅନ୍ତି, କୌଣସି ଅତ୍ୟାଚାରୀ ଶକ୍ତି *(ପୃଷ୍ଠା ୭ରେ)*

# ଏମିତି ଦଣ୍ଡ ଦେବୁ ଯେ ଭବିଷ୍ୟତରେ ଆକ୍ରମଣ ପାଇଁ କେହି ସାହସ କରିବେନି

**ନୂଆଦିଲ୍ଲୀ, ୧୩।୧୧**

ଦିଲ୍ଲୀ ବିସ୍ଫୋରଣ ମାମଲାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଆତଙ୍କବାଦୀମାନଙ୍କୁ କଡ଼ା ବାର୍ତ୍ତା ଦେଇଛନ୍ତି। ଘଟଣା ପଛରେ ରହିଥିବା ଦୋଷୀମାନଙ୍କୁ କଠୋରରୁ ଅତି କଠୋର ଦଣ୍ଡ ଦିଆଯିବ। ଏମିତି ଦଣ୍ଡ ଦେବୁ ଯେ ଭବିଷ୍ୟତରେ ଭାରତ ଉପରେ ଆକ୍ରମଣ କରିବାକୁ କେହି ସାହସ କରିବେନି। ସେମାନଙ୍କୁ ଯେଉଁ ଦଣ୍ଡ ଦିଆଯିବ ତାହା ସାରା ବିଶ୍ୱ ଦେଖିବ ବୋଲି ଶାହ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସୋମବାର ସନ୍ଧ୍ୟାରେ ଦିଲ୍ଲୀ ଲାଲ କିଲ୍ଲା ନିକଟ ମେଟ୍ରୋ ଷ୍ଟେସନ ୧ ନମ୍ବର ଗେଟ ପାଖରେ ଏକ କାରରେ ବିସ୍ଫୋରଣ ଘଟିଥିଲା। ଏଥିରେ ୧୩ ଜଣଙ୍କ ଜୀବନ ହାନି ଘଟିଥିବାବେଳେ ୨୦ରୁ ଅଧିକ ଆହତ ହୋଇଥିଲେ। ବିସ୍ଫୋରଣ ପଛରେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ



ଜୈଶ-ଏ-ମହମ୍ମଦର ହାତ ରହିଥିବା ଜଣାପଡ଼ିଛି। ଜାତୀୟ ତଦନ୍ତକାରୀ ସଂସ୍ଥା(ଏନଆଇଏ) ଏବଂ ଦିଲ୍ଲୀ ପୁଲିସ ଘଟଣାର ତନାଘନା ଜାରି ରଖିଥିବାବେଳେ ୧୨ରୁ ଅଧିକ ସନ୍ଦିଗ୍ଧଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ପ୍ରଶାସନିକ ସଂସ୍କାର ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ ଲକ୍ଷ୍ୟ ସାଧନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗଠିତ ପ୍ରଶାସନିକ ବ୍ୟବସ୍ଥା ଓ ଶାସନ ପରିଚାଳନାର ସଂସ୍କାର କମିଟିର ଅଧ୍ୟକ୍ଷ ଯୁଗଳ କିଶୋର ମହାପାତ୍ର ଏବଂ ସଦସ୍ୟ ଥିବା ଓ.ପି ଅଗ୍ରୱାଲ ଏବଂ ଟି.ଏମ ବିଜୟ ଭାସ୍କର ଗୁରୁବାର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ସାକ୍ଷାତ କରିବା ସହିତ ଅନୁଷ୍ଠିତ ଏକ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ ।

ଏହି ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ସେଣ୍ଟର ଫର ମଡର୍ଣ୍ଣାଇଜିଂ




ଗଭର୍ଣ୍ଣମେଣ୍ଟ ଇନିସିଏଟିଭ (ସିଏମଜିଆଇ)ର ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କମିଟିର ଅଧ୍ୟକ୍ଷ ଓ ସଭ୍ୟମାନେ ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅନ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ କମିଟିର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

କମିଟିର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ବିଶେଷ କରି ପ୍ରଥମେ ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ୫୦ ଟି ଅଗ୍ରାଧିକାର କ୍ଷେତ୍ର ସେବା ପ୍ରଦାନ ଉପରେ ଧ୍ୟାନ ଦେଇ କାର୍ଯ୍ୟ କରିବା ସଂପର୍କରେ ମତ ରଖିଥିଲେ । ଭିତ୍ତିଭୂମି ପ୍ରକଳ୍ପ ଗୁଡିକ କାର୍ଯ୍ୟାନ୍ୱୟନରେ ଉନ୍ନତ ତଦାରଖ ବ୍ୟବସ୍ଥା, ରହୁଥିବା ପ୍ରତିବନ୍ଧକଗୁଡ଼ିକ ଦୂର କରି ନିର୍ଦ୍ଧାରିତ ସମୟସୀମା ଭିତରେ ପ୍ରକଳ୍ପ କାର୍ଯ୍ୟଗୁଡ଼ିକ କିପରି ଶେଷ କରାଯାଇପାରିବ, ସେ ସମ୍ପର୍କରେ ଭିତ୍ତିଭୂମି ନିର୍ମାଣ ସଂପର୍କିତ ବିଭାଗମାନଙ୍କ ସହିତ ଆଲୋଚନା କରି କମିଟି ପରାମର୍ଶ ପ୍ରଦାନ କରିବ । କମିଟି ରାଜ୍ୟ ସରକାରଙ୍କ ତରଫରୁ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- କଟକ ବାଲିଯାତ୍ରାରେ ଠେଲାପେଲା, ୨ ସଂଜ୍ଞାହୀନ।
- ପୁଣେ : ନଓ୍ୱଲେ ସେତୁ ନିକଟରେ ଧକ୍କା ଦେଇ ଜଳିଗଲା ଟ୍ରକ୍, ୮ ଜୀବନ୍ତ ଦଗ୍ଧ।
- ଇସ୍ରୋ ମାନବ ବିମାନ ମିଶନ ପାଇଁ ପାରାସୁଟ ପରୀକ୍ଷା ସଫଳ।
- ଦିଲ୍ଲୀ ପ୍ରଦୂଷଣ ନେଇ ପଞ୍ଜାବ ଓ ହରିୟାଣା ସରକାରକୁ ସର୍ବୋଚ୍ଚ ନ୍ୟାୟାଳୟ ତୀବ୍ର ଭାବେ ସତର୍କ କଲେ ।
- ଇନ୍ଦ୍ରପ୍ରସ୍ଥ ଗ୍ୟାସ କମ୍ପାନୀ ସାଉଦି ଆରବରେ ପ୍ରାକୃତିକ ଗ୍ୟାସ ବଣ୍ଟନ ଚୁକ୍ତି ।
- ଆପୋଲୋ ଟାୟାର୍ସର ଦ୍ୱିତୀୟ ତ୍ରୟମାସିକ ଲାଭ ୧୩ ଶତାଂଶ କମିଲା ।
- ଏନଆରଆଇଙ୍କ ଅନୁଭବ ଭାରତକୁ ଫେରିବା ପରେ ଜୀବନର ବାସ୍ତବ ଚିତ୍ର ସୋସିଆଲ ମିଡିଆରେ ଭାଇରାଲ ।
- ନେତା ପୂଜା ସଂସ୍କୃତି ଭାରତର ଲୋକତନ୍ତ୍ରୀୟ ମୂଲ୍ୟକୁ ଦୁର୍ବଳ କରୁଛି-ସମାଜବିତ୍ ।
- ପୁରୀରେ ଆସନ୍ତା ଡିସେମ୍ବର ୫ ରୁ ୭ ପର୍ଯ୍ୟନ୍ତ ବିଶ୍ୱ ଉର୍ଜା ନେତା ସମ୍ମିଳନୀ ଆୟୋଜିତ ହେବ ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୮୬୨ (+୩୧୧)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୭୯୦ (+୨୮୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୬୪୭ (+୨୩୪)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୮୩ (+୧୦)

# ନୂଆପଡ଼ା ଉପନିର୍ବାଚନ: ସକାଳ ୮ଟାରୁ ଭୋଟ୍ ଗଣତି, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ନୂଆପଡା, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଉପନିର୍ବାଚନର ଭୋଟ ଗଣତି ଶୁକ୍ରବାର ସକାଳ ୮ଟାରୁ ଆରମ୍ଭ ହେବ ଏବଂ ଭୋଟ୍ ଗଣତି ଶେଷ ହେଲା ପରେ ଚୂଡାନ୍ତ ଫଳାଫଳ ଘୋଷଣା କରାଯିବ। ଭୋଟ୍ ଗଣତି ପାଇଁ ନୂଆପଡା ନ୍ୟାସନାଲ କଲେଜ ଠାରେ ହୋଇଥିବା ଗଣତି କେନ୍ଦ୍ରରେ ୧୪ଟି ଟେବୁଲ କରାଯାଇଛି। ୨୬ଟି ରାଉଣ୍ଡରେ ଏହି ଭୋଟ୍ ଗଣତି ହେବ। ଭୋଟ୍ ଗଣତି ପାଇଁ ପ୍ରାଶସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଦିଆଯାଇଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍. ଗୋପାଳନ୍ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ସାମ୍ବାଦିକ



ସମ୍ମିଳନୀରେ ଗୁରୁବାର କହିଛନ୍ତି, ଚଳିତ ନୂଆପଡ଼ା ଉପନିର୍ବାଚନରେ ୨,୫୪,୪୮୭ ଜଣ ମତଦାତା ଥିଲେ। ସେମାନଙ୍କର ମଧ୍ୟରୁ ମୋଟ୍ ୨,୧୨,୩୮୫ଜଣ ମତଦାନ କରିଥିଲେ। ଏଥିରେ ପୁରୁଷ ସଂଖ୍ୟା ୧,୦୩,୮୧୭ ଥିବା ବେଳେ ୧,୦୮,୫୬୩ ଜଣ ମହିଳା ଥିଲେ। ସେହିପରି ଅନ୍ୟ ବର୍ଗର ମତଦାତା ମାନଙ୍କର ସଂଖ୍ୟା ୫ଥିଲା। ମୋଟ୍ ୮୩.୪୫% ମତଦାନ ହୋଇଥିଲା। ଶୁକ୍ରବାର ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ସକାଳ ୮ଟାରେ ଆରମ୍ଭ ହେବ। ୮ଟା ୩୦ରେ ଇଭିଏମ୍ ଗଣତି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି। ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ୍ ସିଂହ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି, ଶୁକ୍ରବାର ଭୋଟ୍ ଗଣତି କାର୍ଯ୍ୟ ଏକ ବଡ଼ ଗୁରୁତ୍ୱପୂର୍ଣ୍ଣ । ନୂଆପଡ଼ା ଭୋଟ୍ ଗଣତି ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଗଣତି ସମୟରେ ସିଏପିଏଫ୍, ବିଏସ୍ଏଫ୍, ଏସ୍ଏପି ଓ ରାଜ୍ୟ ପୁଲିସ ମୁତୟନ ରହିବେ।

# ରାଷ୍ଟ୍ରପତିଙ୍କ ବିଧାନସଭା କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ

**ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେଉଥିବାବେଳେ ଏହି ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଗୃହକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଥିବା ପରିପ୍ରେକ୍ଷୀରେ ଗୁରୁବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ କିପରି ତ୍ରୁଟିଶୂନ୍ୟ ଓ ସଫଳତାର ସହ ସଂପନ୍ନ ହେବ ସେ ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ ଓ ଉପସ୍ଥିତ ରାଜ୍ୟ



ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।

ଏହି ଅବସରରେ *(ପୃଷ୍ଠା ୭ରେ)*

# ଏଜି ଛକରୁ ହଟିବ ଟ୍ରାଫିକ ପୋଷ୍ଟ, ତିଆରି ହେବ ଦୁଇ ଥାକିଆ ରାସ୍ତା

**ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଏଜି ଛକରୁ ହଟିବ ଟ୍ରାଫିକ ପୋଷ୍ଟ। ସହରର ଟ୍ରାଫିକ ସମସ୍ୟା ଦୂର ପାଇଁ ଦୁଇ ଥାକିଆ ରାସ୍ତା ନିର୍ମାଣ କରାଯିବ। ଏଜି ଛକ ଦେଇ ଏହି ରାସ୍ତା ଯିବ। ମାଟି ତଳେ ଏବଂ ମାଟି ଉପରେ ରାସ୍ତା ନିର୍ମାଣ କରାଯିବ। କଳ୍ପନା, ଖଣ୍ଡଗିରି, ଜୟଦେବ ବିହାର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ। ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୁରୁବାର ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ରାଜଧାନୀରେ ଏଲିଭେଟେଡ କରିଡର ଲାଗି ପୂର୍ତ୍ତ ବିଭାଗ ଯୋଜନା ପ୍ରସ୍ତୁତ କରି ଏହି ପ୍ରକଳ୍ପ ଆରମ୍ଭ କରିବ। ଟ୍ରାଫିକ ସମସ୍ୟା ଦୂର ପାଇଁ ୨୦ଟି ନୂଆ ରାସ୍ତା ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଡିପିଆର ପ୍ରସ୍ତୁତ



ହୋଇଥିବାବେଳେ ଏହାର ସମୀକ୍ଷା କରାଯାଇଛି।

ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଗୁରୁବାର ଦିନ ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ପ୍ରକଳ୍ପର ଅଗ୍ରଗତି ସହ କୋରାପୁଟ ବାଇପାସ୍, ଜୁନାଗଡ଼ ବାଇପାସ୍, ରାଉରକେଲା ବାଇପାସ୍, ନୂଆପଡ଼ା ବାଇପାସ୍, ଆସ୍କା ବାଇପାସ୍, ଜଗତସିଂପୁର ଜିଲ୍ଲା ଅନ୍ତର୍ଗତ ଓଏମ୍‌ପି-କନ୍ଦରପୁର-ପାରାଦ୍ୱୀପ ଆଦି ରାସ୍ତା ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଛି। ସେହିପରି ଭୁବନେଶ୍ୱର ସହରର ଭିଡ଼ ନିୟନ୍ତ୍ରଣ ପାଇଁ *(ପୃଷ୍ଠା ୭ରେ)*

# ଆତ୍ମସମର୍ପଣ କଲେ ଦୁଇ ହାର୍ଡକୋର୍ ମାଓବାଦୀ

**ରାଞ୍ଚି, ୧୩।୧୧**

ଲାତେହାର ପୁଲିସ୍ ନିକଟରେ ଜେଜେଏମ୍‌ପି ସଂଗଠନର ଦୁଇ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦୁଇ ହାର୍ଡକୋର ମାଓବାଦୀ ହେଲେ ଅବଧେଶ ଲୋହାର ଓ ବ୍ରଜେଶ ଯାଦବ । ଦୁଇ ମାଓବାଦୀଙ୍କ ମୁଣ୍ଡରେ ଥିଲା ୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି । ଆତ୍ମସମର୍ପଣ କରିଥିବା ନକ୍ସଲବାଦୀ ବ୍ରଜେଶ ଯାଦବଙ୍କ ବିରୋଧରେ ମୋଟ ୧୦ଟି ନକ୍ସଲ ମାମଲା ରୁଜୁ ହୋଇଥିବା ବେଳେ ଅବଧେଶଙ୍କ ବିରୋଧରେ ୫ଟି ମାମଲା ରୁଜୁ ହୋଇଛି।

ଏ ନେଇ ପାଲାମୁର ଆଇଜି ଶୈଳେନ୍ଦ୍ର କୁମାର ସିହ୍ନା କହିଛନ୍ତି ଯେ ଚଳିତ ବର୍ଷ ଲାତେହାର ଜିଲ୍ଲାରେ ୨୧ ଜଣ ନକ୍ସଲ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ଏକାଳ ପଖାଳ




ଚପଳତା ସହ ହସ ଖୁସି ଦିଅ
ତା ସହ ବି ଦିଅ ଜ୍ଞାନ
ଶିଶୁ ଦିବସରେ କଅଁଳ ମନରେ
କରାଅ ଅମୃତ ସ୍ନାନ
ଶିଶୁ ବଢି ରଖୁମାନ
ଅଯଥା ଗେହ୍ଲାକୁ ଉଶୃଙ୍ଖଳ କଲେ
ସଭିଁଏ ପାଇବା ପାନ ।

# ଜାଡ଼ରେ ଥରୁଛି ଓଡ଼ିଶାର ଦାର୍ଜିଲିଂ



**ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଘୁ.ଉଦୟଗିରିରେ ଶୀତର ପ୍ରକୋପ ଦେଖିବାକୁ ମିଳିଛି। ତିନି ଦିନ ଭିତରେ ତାପମାତ୍ରା ଖସିବାରେ ଲାଗିଛି। ଗୁରୁବାର ଘୁ.ଉଦୟଗିରିରେ ତୋପମାତ୍ରା ୭.୬ଡିଗ୍ରୀରେ ପହଞ୍ଚିଥିବା ବେଳେ ଗ୍ରାମାଞ୍ଚଳରେ ୬ଡିଗ୍ରୀକୁ ପହଞ୍ଚିଛି। ହଠାତ ତାପମାତ୍ରା ଖସିବା ଯୋଗୁଁ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି। କହିବାକୁ ଗଲେ ହାଡ଼ଭଙ୍ଗା ଶୀତ ଅନୁଭବ ହେଉଛି। ଜାଡ଼ରେ ଥରୁଛି ପୁରା ଅଞ୍ଚଳ। ଜୀବନ ଯାତ୍ରା ବ୍ୟାହତ ହେବାରେ ଲାଗିଛି। ରାତିପାହିଲେ ଗରିବ ଲୋକ ଖରା ଏବଂ ସଞ୍ଜ ନଇଁଲେ ନିଆଁକୁ ଭରସା କରୁଛନ୍ତି। ଅନ୍ୟପଟେ ଶୀତ ବଢିବା ଯୋଗୁଁ ଗରମ ପୋଷାକର ବେପାର ଜୋର ଧରିଛି। ଗରିବ ଲୋକ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଲଗେଇ ବସୁଥିବା ବେଳେ ଯାତ୍ରୀବାହୀ ବସ୍‌କୁ ରାତିରେ ଅପେକ୍ଷା କରୁଥିବା ଯାତ୍ରୀମାନେ ମଧ୍ୟ ରାସ୍ତାକଡ଼ରେ ନିଆଁ ଜାଳି ବସ୍‌କୁ ଅପେକ୍ଷା କରୁଛନ୍ତି। ଜାଡ଼ରେ ଥରୁଛି ଓଡ଼ିଶାର ଦାର୍ଜିଲିଂ ଘୁ.ଉଦୟଗିରି।

ରାଜ୍ୟରେ ଦିନକୁ ଦିନ ଶୀତ ଲହରୀ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ୧୦ ଡିଗ୍ରୀ ତଳେ ୪ ସହରର ତାପମାତ୍ରା ରହିଥିବାବେଳେ ସେମିଳିଗୁଡ଼ା ସବୁଠୁ ଥଣ୍ଡା ସହର ପାଲଟିଛି। ଏଠାରେ ତାପମାତ୍ରା ୭.୧ ଡିଗ୍ରୀ ରେକର୍ଡ *(ପୃଷ୍ଠା ୭ରେ)*

# ଏଣିକି ଗୋଟିଏ ରାଜସ୍ୱ ଆଇନ୍ ହେବ

**ପୁରୀ, ୧୩।୧୧ : ନ୍ୟୁଜ୍ ବ୍ୟୁରୋ**

ଏଣିକି ଓଡିଶାରେ ରହିବ କେବଳ ଗୋଟିଏ ରାଜସ୍ୱ ଆଇନ୍। ପୁରୀରେ ସମୀକ୍ଷା ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସରକାର ରାଜସ୍ୱ ବିଭାଗରେ ବିଭିନ୍ନ ଆଇନ୍‌ର ଅଧ୍ୟୟନ କରୁଛନ୍ତି, ଅନାବଶ୍ୟକ ଆଇନ୍‌ଗୁଡିକୁ ରଦ୍ଦ କରିବା ସହ ଗୋଟିଏ ପ୍ରକାର ରାଜସ୍ୱ ଆଇନ୍ ପ୍ରସ୍ତୁତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନେକ ଜଟିଳ ଆଇନ୍ ଅଛି, ଯାହାର କିଛି ଆବଶ୍ୟକତା ନାହିଁ। ଖୁବ୍ ଶୀଘ୍ର ଓଡିଶା ଗଭରମେଣ୍ଟ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ଅଣାଯିବ। ଏହା ସମୟ ଉପଯୋଗୀ ହେବ। ଲୋକଙ୍କୁ ବୁଝିଲା ଭଳି



ହେବ। ଗୁରୁବାର ପୁରୀ ସର୍କିଟ୍ ହାଉସ୍ ପରିସରରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ, ଉପଜିଲାପାଳଙ୍କ ସହ ୧୧ଟି ବ୍ଲକ ତହସିଲଦାର ,ସତ୍ୟବାଦୀ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରାଜ୍ୟର ସ୍ଥିତିକୁ ଦୁର୍ବଳ କରୁଛି ମାଗଣା ସହାୟତା

ସମ୍ପ୍ରତି ରାଜ୍ୟଗୁଡ଼ିକ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏହି ଅର୍ଥାଭାବ ସ୍ଥିତି ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବିକାଶ କାର୍ଯ୍ୟକ୍ରମ ପାଇଁ ପାଣ୍ଠି ଯୋଗାଇବାର କ୍ଷମତାକୁ ପ୍ରଭାବିତ କରିଛି। କେବଳ ଦରମା ଓ ପେନସନ ବାବଦରେ ରାଜ୍ୟଗୁଡ଼ିକ ବଜେଟ୍‌ର ୬୨% ବ୍ୟୟ କରୁଛନ୍ତି। ପିଆରଏସ୍ ଲେଜିସ୍‌ଲେଟିଭ୍ ରିସର୍ଚ୍ଚ ପକ୍ଷରୁ ପ୍ରକାଶିତ ଷ୍ଟେଟ୍ ଅଫ୍ ଷ୍ଟେଟ୍ ଫାଇନାନ୍ସ ୨୦୨୫ ଶୀର୍ଷକ ରିପୋର୍ଟରେ ଏହା କୁହାଯାଇଛି। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ବଜେଟ୍ ଡକ୍ୟୁମେଣ୍ଟ, ଅଡିଟ୍ ଆକାଉଣ୍ଟରୁ ତଥ୍ୟ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୪ରେ ଦେଶର ବିଭିନ୍ନ ରାଜ୍ୟଗୁଡ଼ିକ ରାଜସ୍ୱ ଆୟର ୫୩% ପ୍ରତିଶତ ଅର୍ଥ କେବଳ ଦରମା, ପେନସନ ଏବଂ ସୁଧ ଦେୟ ବାବଦ ଖର୍ଚ୍ଚ ହୋଇଛି। ପଞ୍ଜାବ ଭଳି ରାଜ୍ୟରେ ନିଜସ୍ୱ ରାଜସ୍ୱର ୧୦୭% ଅଧିକ ଖର୍ଚ୍ଚ କେବଳ ଏହି କ୍ଷେତ୍ରରେ ବ୍ୟୟ କରିଛି। ସେହିପରି ହିମାଚଳ ପ୍ରଦେଶ (୮୫ ପ୍ରତିଶତ), ତାମିଲନାଡୁ (୭୭ ପ୍ରତିଶତ), କେରଳ (୭୫ ପ୍ରତିଶତ) ଏବଂ ହରିୟାଣା (୭୧ ପ୍ରତିଶତ) ରହିଛି। ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ ୨୦୨୫-୨୬ରେ ରାଜ୍ୟଗୁଡ଼ିକ ସେମାନଙ୍କ ରାଜସ୍ୱ ଆୟର ୫୦ ପ୍ରତିଶତ ଅର୍ଥ ଦରମା, ପେନସନ ଏବଂ ସୁଧ ଦେୟ ପାଇଁ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ଆସାମ, ହିମାଚଳ ପ୍ରଦେଶ, କେରଳ, ପଞ୍ଜାବ ଏବଂ ତାମିଲନାଡୁ ଭଳି ରାଜ୍ୟଗୁଡ଼ିକ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ୬୦ ପ୍ରତିଶତରୁ ଅଧିକ ଅର୍ଥ ଖର୍ଚ୍ଚ କରିବେ ବୋଲି ଆକଳନ କରାଯାଇଛି। ରିପୋର୍ଟ ଅନୁସାରେ, ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଅନେକ ରାଜ୍ୟକୁ ତୁରନ୍ତ ଖର୍ଚ୍ଚ ପାଇଁ ମଧ୍ୟ ଋଣ ନେବାକୁ ବାଧ୍ୟ କରିଛି। ଏହା ଫଳରେ ମୋଟ ଋଣ ଜିଡିପିର ୨୭.୫ ପ୍ରତିଶତରେ ପହଞ୍ଚିଛି, ଯାହା ସୁପାରିଶ କରାଯାଇଥିବା ୨୦ ପ୍ରତିଶତ ସୀମାଠାରୁ ବହୁତ ଅଧିକ। ଏହା ରାଜ୍ୟଗୁଡିକର ଋଣ ବାବଦ ସୁଧ ପୈଠ ପରିମାଣ ବୃଦ୍ଧି କରିଛି, ଯାହା ଆର୍ଥିକବର୍ଷ ୨୦୨୪ରେ ରାଜସ୍ୱ ପ୍ରାପ୍ତିର ୧୩ ପ୍ରତିଶତ ଥିଲା। ପଞ୍ଚଦଶ ଅର୍ଥ ଆୟୋଗଙ୍କ ସୁପାରିଶ ଯୋଗୁଁ ନିରନ୍ତର ସ୍ଥାନାନ୍ତର ହ୍ରାସ ରାଜ୍ୟଗୁଡ଼ିକର ଖର୍ଚ୍ଚ ସ୍ୱାୟତ୍ତତାକୁ ଆହୁରି ହ୍ରାସ କରିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନିକଟରେ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି। ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସର ଏକ କର୍ମଶାଳାରେ କେନ୍ଦ୍ରଅର୍ଥମନ୍ତ୍ରୀ ଅନେକ ରାଜ୍ୟ ସେମାନଙ୍କ ଆୟର ପ୍ରାୟ ୭୦ ପ୍ରତିଶତ ଦରମା ଏବଂ ପେନସନରେ ଖର୍ଚ୍ଚ କରୁଛନ୍ତି, କେବଳ ୩୦ ପ୍ରତିଶତ ବିକାଶ ଆବଶ୍ୟକତା ରହୁଥିବା ଉଲ୍ଲେଖ କରି ଏଥିପାଇଁ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହିଳାଙ୍କ ପାଇଁ ନିରନ୍ତର ନଗଦ ହସ୍ତାନ୍ତର (ୟୁସିଟି) ଯୋଜନାର ପ୍ରସାର ରାଜ୍ୟର ଆର୍ଥିକ ସ୍ଥିତିକୁ ଦୁର୍ବଳ କରିଛି। ୨୦୨୩ ମାତ୍ର ୨ଟି ରାଜ୍ୟ ମହିଳାଙ୍କୁ ମାଗଣା ସହାୟତା ଯୋଜନା ପ୍ରଚଳନ କରିଥିବାବେଳେ ଏବେ ଏହା ୧୨ଟି ରାଜ୍ୟରେ ପ୍ରଚଳିତ ହେଉଛି। ଏଥିପାଇଁ ଏହି ରାଜ୍ୟଗୁଡ଼ିକ ଗୋଟିଏ ବର୍ଷରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଯାହା ଫଳରେ ରାଜ୍ୟଗୁଡ଼ିକର ରାଜସ୍ୱ ନିଅଣ୍ଟ ବୃଦ୍ଧି କରିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୪୩)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ପ୍ରତି ମୁହୂର୍ତ୍ତରେ ସେହି ହୃଦୟ ବିଦାରକ ଘଟଣାକୁ ଚିନ୍ତାକରି କରି ମୋ ଆଖିରୁ ଲୁହଧାର ବହିଯାଉଛି। କାହାକୁ କହିବି ଏ ପୋଡା ହୃଦୟର ଯନ୍ତ୍ରଣାକୁ କାହାକୁ କହିବି ଏ ଶରୀର ଭିତରେ ଜଳୁଥିବା କାମନାର ଦାବାଗ୍ନିକୁ ? ଏ ଦୁନିଆରେ ଜନ୍ମ ନେଇଥିବା ପ୍ରତିଟି ଝିଅ ଭଳି ମୁଁ ବି ଗୋଟିଏ ଝିଅ। ପ୍ରତିଟି ଝିଅ ସ୍ୱପ୍ନ ଦେଖିଥାନ୍ତି ଦିନେ ନା ଦିନେ ବଡ ହେବେ। ସୁନ୍ଦର ସ୍ୱାମୀଟିଏ ବିବାହ କରିବେ। ଆଉ ସେହି ସ୍ୱାମୀଙ୍କୁ ଇହ ଆଉ ପର କାଳର ଦେବତାମନେ କରି ତାଙ୍କରି ସହିତ ସାରା ଜୀବନ କଟାଇବେ। କିନ୍ତୁ ହେ ସନ୍ନ୍ୟାସୀ, ମୋ ଜୀବନରେ ପାଇଲି କ'ଣ ? ପାଦରୁ ଅଳତା ଲିଭିନି ଅଥଚ ସ୍ୱାମୀ ମୋତେ ଛାଡିଦେଇ ଆରପାରିକୁ ଚାଲିଗଲା। ଶଙ୍ଖା ସିନ୍ଦୂରକୁ ଭଲଭାବରେ ମନ ଖୁସି କରି ପିନ୍ଧିନି। ଚିରଦିନ ପାଇଁ ମଥାରୁ ଲିଭିଗଲା ସିନ୍ଦୂର ଆଉ ହାତରୁ ଭାଙ୍ଗିଗଲା ଶଙ୍ଖା। ଏଇ କ'ଣ ମୋ କପାଳ ଲିଖନ ମୋ କପାଳରେ ବିଧାତା ଲେଖିଥିଲା ? ଯଦି ପ୍ରତ୍ୟକ ଲୋକଙ୍କ କପାଳରେ ଭାଗ୍ୟରେଖା ଲେଖୁଥିବା ବିଧାତା କେବେ ମୋ ଦେଖା ହୁଅନ୍ତେ ତେବେ ସେ ନିର୍ଦ୍ଦୟ ବିଧାତାଙ୍କୁ ମୁଁ ପଚାରନ୍ତି କେଉଁ ଅପରାଧ ତାଙ୍କ ପାଖରେ ମୁଁ କରିଥିଲି ଯାହା ଫଳରେ ଜୀବନ ସାରା ମୁଁ ଜଳି ଜଳି ବଂଚିବି ? ହେ ସନ୍ନ୍ୟାସୀ, ସେ ବିଧାତା ମୋତେ କେବେବି ଦେଖା ଦେବେନି। ମୁଁ ଏ କଥା ଭଲଭାବରେ ଜାଣେ, ସେ ବିଧାତା ହେଉଛନ୍ତି ରାଜା, ମହାରାଜା, ସମ୍ରାଟ ଆଉ କୁବେରଙ୍କ ପରି ପ୍ରତିପତ୍ତିଶାଳୀ ଭାଗ୍ୟବାନ୍ ମଣିଷ ମାନଙ୍କର, ଆଉ ଯିଏ ଗରୀବ, ନିଃସମ୍ବଳ, ନିଷ୍କପଟ, ସରଳ ମଣିଷ ସେମାନେ ମଥା ପିଟିଦେଲେ ବି ବିଧାତା କେବେବି ଦେଖାଦିଅନ୍ତି ନାହିଁ। ସ୍ୱାମୀଙ୍କ ଦେହାନ୍ତ ପରେ ପରେ ଏହିଭଳି ଚିନ୍ତା ମୋ ମନ ଭିତରେ ଧୀରେ ଧୀରେ ଆଧିପତ୍ୟ କରି ବସିଲା। ଯାହା ଫଳରେ ମୁଁ ନିଜକୁ ଆୟତ୍ତ କରି ପାରିଲି ନାହିଁ। ଦିନକୁ ଦିନ ଏହି ଚିନ୍ତାଧାରା ଆଜି ପର୍ଯ୍ୟନ୍ତ ଆନ୍ଦୋଳିତ କରି ଚାଲିଛି। ଯାହାକୁ ବଖାଣିବା ପାଇଁ ମୋର ଧୈର୍ଯ୍ୟ ନାହିଁ।"

ନିଷାର୍ଦ୍ଧ ସମୟ ଧୀରେ ଧୀରେ ଅତିକ୍ରମ କରି ଚାଲିଥାଏ। ବିଶର ଏହି ଲୋମଟାଙ୍କୁରା ଜୀବନ ଯନ୍ତ୍ରଣାର ଅଶ୍ରୁଳ ଅଧ୍ୟାୟ ଗୁଡିକ କଳ୍ପନା ଠାରୁ ଶୁଣି ପଥର ପାଲିଟି ଗଲେଣି। ଆଖିରୁ ତାଙ୍କର ଅବିଶ୍ରାନ୍ତ ଅଶ୍ରୁଧାର ଗୁଡିକ ବହିଯାଇ ନିଜର ବକ୍ଷସ୍ଥଳକୁ ଭିଜାଇ ଦେଲେଣି। ତଥାପି କଳ୍ପନା କରି ଚାଲିଛି ମର୍ମନ୍ତୁଦ ଜୀବନ କାହାଣୀ। ବିଶର ଶତପ୍ରତିଶତ ଅନୁଭବ କରୁଛନ୍ତି ଯେ କଳ୍ପନାର ହୃଦୟରେ ବସାବାନ୍ଧି ରହିଥିବା ବିଦ୍ରୋହର ପରିଭାଷା ଏତେ ଭୟାବହ ଭାବେ ତାକୁ କ୍ଷତାକ୍ତ କରୁଛି ଯାହାକୁ ସେ କାହା ଆଗରେ କହିବା ପାଇଁ ମଧ୍ୟ ସମର୍ଥ ମଣିଷଟିଏ ପାଇନଥିଲା। ଏତେ ଦିନ ପରେ ତା' ହୃଦୟର ମଣିଷଟିଏ ସମ୍ଭବତଃ ପାଇଛି। ଯାହା ଆଗରେ ଜୀବନ ସଂଘର୍ଷର ଏହି ଅଗ୍ନୀ ବର୍ଷୀ ବିଦ୍ରୋହ ଗୁଡିକ ପୃଷ୍ଠା ପରେ ପୃଷ୍ଠା ଉନ୍ମୋଚିତ କରିଚାଲିଛି। ପୁନର୍ବାର ବିଶର ପଚାରିଲେ "ତୁମେ ସ୍ୱାମୀଙ୍କର ଦେହାନ୍ତ ପରେ ତୁମେ କ'ଣ ନିଜ ଇଛାରେ ତୁମର ଏ ବାପ ଘରକୁ ଚାଲି ଆସିଲ ?" କଳ୍ପନା ଅଶ୍ରୁଭିଜା କଣ୍ଠରେ ଉତ୍ତର ଦେଲା "ନା! ମୋର ସ୍ୱାମୀ ବସନ୍ତ ମହାମାରୀରେ ପଡିବା ଦିନ ଠାରୁ ଆଉ ରୋଗର ପ୍ରକୋପ ଧୀରେ ଧୀରେ ଅଧିକ ଜଟିଳ ହେବାରୁ ମୋ ଶ୍ୱଶୁର ମୋର ପିତାଙ୍କ ନିକଟକୁ ଜଣେ ଲୋକକୁ ଖବର ଦେଇ ପଠାଇଥିଲେ। ମୋର ପିତା ଏହି ଦୁଃସମ୍ବାଦ ଶୁଣି ଅତି ଅସ୍ଥିର ଭାବରେ ଦୀର୍ଘ ଦୁଇଦିନ କାଳ ଯାତ୍ରା କରିଜ୍ୱାଇଁଙ୍କୁ ଦେଖିବା ପାଇଁ ଆସି ପହଞ୍ଚିଥିଲେ। ଦେଖିବା ପାଇଁ ପହଞ୍ଚିଲା ବେଳକୁ ମୋ ସ୍ୱାମୀଙ୍କର ଶବ ଶ୍ମଶାନ ଘାଟରେ ଦାହ ହେବାକୁ ଚାଲିଯାଇଥିଲା। ସ୍ୱାମୀଙ୍କ ଶବ ଶ୍ମଶାନ ଘାଟରେ ପହଞ୍ଚିସାରିବା ପରେ କିଛି ଯୁବକ ଜବରଦସ୍ତ ମୋତେ ଟେକି ନେଇ ଗଲେ ସ୍ୱାମୀର ଚିତାରେ ମୋତେ ଅଗ୍ନିସଂଯୋଗ କରି ଭସ୍ମ କରିଦେବା ପାଇଁ। ସ୍ୱାମୀର ଚିତାରେ ମୋତେ ଶୁଆଇ ଅଗ୍ନି ସଂଯୋଗ କଲେ ମୁଁ କୁଆଡେ ସତୀ ହୋଇ ସ୍ୱର୍ଗରେ ସ୍ୱାମୀଙ୍କ ସହିତ ଆନନ୍ଦରେ କାଳଯାପନ କରିବି। ଗୃହରୁ ମୋତେ ଜବର ଦସ୍ତ ଟେକି ନେବା ପାଇଁ ଭେଣ୍ଡିଆ ଯୁବକମାନଙ୍କ ମଧ୍ୟରେ ଏତେ ବଳ କଷା କଷି ହେଉଥିଲା ଯେ ସେ ଦୃଶ୍ୟକୁ ଯିଏ ବି ଦେଖିବ ସେ ନିଶ୍ଚୟ ଭାବିବ ଯେ ମୋର ନିତମ୍ବ ଆଉ ବକ୍ଷୋଜକୁ ଧରିବା ପାଇଁ ଏତେ ଆଗ୍ରହ ବୃଦ୍ଧି ପାଉଥାଏ ଯେ ମୁଁ ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ମୋତେ ଟେକି ନେଉଥିବା ଯୁବକମାନଙ୍କ କାହାରି ହୃଦୟରେ ସାମାନ୍ୟତମ ମାନବିକତା ମଧ୍ୟ ନଥାଏ। (କ୍ରମଶଃ)

# ବିଶ୍ୱ ମଧୁମେହ ଦିବସ



ଡା. ଅଶୋକ କୁମାର ମହାନ୍ତି
ଟାଟା ମେନ୍ ହସପିଟାଲ୍,
ନୂଆମୁଣ୍ଡି
ମୋବାଇଲ
ନଂ-୯୨୩୪୬୬୭୫୪୬

୧୪ ନଭେମ୍ବର ହେଉଛି ବିଶ୍ୱ ମଧୁମେହ ଦିବସ, ସାର୍ ଫ୍ରେଡେରିକ୍ ବାଣ୍ଟିଂ (ଇନସୁଲିନ୍‌ର ଆବିଷ୍କାରକ) ଙ୍କ ଜନ୍ମଦିନକୁ ମନେ ପକାଇବା ପାଇଁ ଏହି ଦିବସ ପାଳନ କରାଯାଏ। ମଧୁମେହ ଏବଂ ଏହାର ପ୍ରତିରୋଧ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏହା ଅନ୍ତର୍ଜାତୀୟ ମଧୁମେହ ଫେଡେରେସନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପରିଚାଳିତ ଏକ ବିଶ୍ୱ ସଚେତନତା ଅଭିଯାନ। ଭାରତରେ ମଧୁମେହ ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ଚିନ୍ତାର ବିଷୟ, ଯେଉଁଠାରେ ୭୫ ନିୟୁତରୁ ଅଧିକ ବୟସ୍କ ଏହି ରୋଗରେ ପୀଡିତ ଅଛନ୍ତି। ଏହା ବିଷୟରେ ବିଶ୍ୱବ୍ୟାପୀ ସଚେତନତା ବୃଦ୍ଧି କରିବା ଏବଂ ଏହାର ନିବାରଣ, ପ୍ରାରମ୍ଭିକ ନିର୍ଣ୍ଣୟ ତଥା ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ମଧୁମେହ ଦିବସ ପାଳନ କରାଯାଏ । ଯଦି ଡାଇବେଟିସ୍ ନିୟନ୍ତ୍ରଣ ନ କରାଯାଏ, ତେବେ ଏହା ହୃଦରୋଗ, ବୃକ୍କ ରୋଗ ଏବଂ ଅନ୍ଧତ୍ୱ ଭଳି ଗମ୍ଭୀର ସ୍ୱାସ୍ଥ୍ୟ ଜଟିଳତା ସୃଷ୍ଟି କରିପାରେ। କିନ୍ତୁ ପ୍ରାରମ୍ଭିକ ଚିହ୍ନଟ, ସୁସ୍ଥ ଜୀବନଶୈଳୀ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସହିତ, ଡାଇବେଟିସ୍ ରୋଗୀମାନେ ସକ୍ରିୟ ଜୀବନଯାପନ କରିପାରିବେ। ସୁସ୍ଥତାକୁ ପ୍ରାଥମିକତା ଦେଇ ଏବଂ ମଧୁମେହ ରୋଗୀଙ୍କୁ ସମର୍ଥନ କରି ଆମେ ଏକ ସୁସ୍ଥ ଭବିଷ୍ୟତ ପାଇଁ କାମକରିପାରିବା। ବିଶ୍ୱ ମଧୁମେହଦିବସ ୨୦୨୫ ର ବିଷୟବସ୍ତୁ ହେଉଛି 'ମଧୁମେହ ଏବଂ ସୁସ୍ଥତା', ଯାହା ମଧୁମେହ ପୀଡିତ ବ୍ୟକ୍ତିମାନଙ୍କ ପାଇଁ ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ଏବଂ ଭାବପ୍ରବଣ ସୁସ୍ଥତା ମଧ୍ୟରେ ସଂଯୋଗ ଉପରେ ଗୁରୁତ୍ୱାରୋପ କରେ। ବିଶ୍ୱ ମଧୁମେହ ଦିବସ ୨୦୨୫ ର ସ୍ଲୋଗାନ ହେଉଛି 'ଜୀବନ ପର୍ଯ୍ୟାୟରେ ମଧୁମେହ', ଏହା ସ୍ୱୀକାର କରିଥାଏ ଯେ, ମଧୁମେହ ଏକ ଜୀବନବ୍ୟାପୀ ଅବସ୍ଥା, ଯାହା ପାଇଁ ଜଣେ ବ୍ୟକ୍ତିଙ୍କ ଜୀବନ ସାରା ସମନ୍ୱିତ ଯତ୍ନ ଏବଂ ସମର୍ଥନ ତଥା ସ୍ୱାସ୍ଥ୍ୟକର କର୍ମକ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଥାଏ। ମଧୁମେହ (ଡାଏବେଟିସ ) ହେଉଛି ଏକ କ୍ରନିକ୍ ମେଟାବୋଲିକ୍ ବ୍ୟାଧି, ଯେଉଁଥିରେ ଶରୀର ପର୍ଯ୍ୟାପ୍ତ ପରିମାଣରେ ଇନସୁଲିନ୍ ଉତ୍ପାଦନ କରେ ନାହିଁ କିମ୍ବା ଉତ୍ପାଦନ କରୁଥିବା ଇନସୁଲିନକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିପାରିବ ନାହିଁ, ଯାହାଦ୍ୱାରା ରକ୍ତରେ ଶର୍କରା ସ୍ତର ବୃଦ୍ଧି ହୋଇଥାଏ। ମଧୁମେହ ଟାଇପ ୧(insulin-dependent diabetes mellitus, ଏକ ଅଟୋଇମ୍ମ୍ୟୁନ୍ ରୋଗ )- ଯଥେଷ୍ଟ ଇନ୍‌ସୁଲିନ୍ ସ୍ରାବ ନ ହେବାରୁ ଏହି ରୋଗ ହୁଏ, ସାଧାରଣତଃ ପିଲା ଏବଂ ଯୁବକମାନଙ୍କଠାରେ ନିର୍ଣ୍ଣୟ କରାଯାଏ। ମଧୁମେହ ଟାଇପ ୨ (ନନ୍ ଇନ୍‌ସୁଲିନ୍ ଡେପେଣ୍ଡେଣ୍ଟ ଡାଏବେଟିସ) ରୋଗରେ ଇନ୍‌ସୁଲିନ ପ୍ରତି ଜୀବକୋଷ ପ୍ରତିକ୍ରିୟାହୀନ ହୁଏ ଏବଂ ମୁଖ୍ୟତଃ ବୟସ୍କମାନଙ୍କୁ ପ୍ରଭାବିତ କରେ(୯୦%), କିନ୍ତୁ ପିଲାମାନଙ୍କୁ ମଧ୍ୟ ଏହା ହୋଇପାରେ। ଗର୍ଭାବସ୍ଥା ଡାଏବେଟିସ୍- କେତେକ ମହିଳାମାନଙ୍କର ପୁର୍ବରୁ ଅଧିକ ରକ୍ତ ଶର୍କରା ନ ଥାଇ ମଧ୍ୟ ଡାଏବେଟିସ ହୁଏ । ପ୍ରିଡାଇବେଟିସ୍ - ଏହି ପ୍ରକାର ହେଉଛି ଟାଇପ୍ ୨ ମଧୁମେହର ପୂର୍ବ ପର୍ଯ୍ୟାୟ । ପୁଷ୍ଟିହୀନତା ସମ୍ବନ୍ଧୀୟ Diabetes, 'ଟାଇପ୍ ୫ Diabetes ',ଏହା ମୁଖ୍ୟତଃ ପୁଷ୍ଟିହୀନ କିଶୋର ଏବଂ ଯୁବକମାନଙ୍କୁ ପ୍ରଭାବିତ କରୁଥିବା ଦୀର୍ଘକାଳୀନ ଅପପୁଷ୍ଟି ଯୋଗୁଁ ହୋଇଥାଏ।



ଲକ୍ଷଣ:

ଅଧିକ ଶୋଷ, ଅଧିକ ପରିସ୍ରା, ଓଜନ କମିଯିବା, ଅଧିକ ଭୋକ, ଅଧିକ ଥକା, ଉଦାସୀନତା, ମାନ୍ଦା ତଥା ଦୁର୍ବଳ ଲାଗିବା, ଆଖିକୁ ଝାପ୍ସା ଦିଶିବା, ମୁଣ୍ଡ ବୁଲାଇବା, ଯୌନାଙ୍ଗରେ ଘା' ହେବା, ମୂତ୍ରାଶୟ ସଂକ୍ରମଣ, ପେଟ ଯନ୍ତ୍ରଣା ଏବଂ ବାନ୍ତି ହେବା, ଯୌନ ଶକ୍ତି କମିଯିବା, ହାତ, ପାଦ ଝିମ୍ ଝିମ୍ ହେବା, ଘା' ନ ଶୁଖିବା, ଗୁପ୍ତାଙ୍ଗ ପ୍ରବାହ, ଧଳାସ୍ରାବ, କୁଣ୍ଡାଇ ହେବା, କାଛୁ, ଯାଦୁ, ଚର୍ମ ସଂକ୍ରମଣ, କୁଣ୍ଡିଆ ପ୍ରଭୃତି ବାରମ୍ବାର ହେବା ଇତ୍ୟାଦି, ଦାନ୍ତ ହଲିବା ତଥା ମାଢି ରୋଗ ଇତ୍ୟାଦି। ଅନେକ କ୍ଷେତ୍ରରେ ମଧୁମେହ ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ଏହି ରୋଗ ହେଇଥାଏ।

ମଧୁମେହର ଚିକିତ୍ସା ଏବଂ ପ୍ରତିରୋଧ:

ବହୁ କ୍ଷେତ୍ରରେ ଡାଇବେଟିସ ସାରା ଜୀବନ ରହିଥାଏ । ତେଣୁ ଜୀବନଶୈଳୀ ପରିବର୍ତ୍ତନ ଡାଇବେଟିସର ମୂଳ ଚିକିତ୍ସା । ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ, ନିୟମିତ ବ୍ୟାୟାମ, ବାୟୁ ପ୍ରଦୁଷଣ ଠାରୁ ଦୂରେଇ ରହିବା, ମାନସିକ ଚାପ କମେଇବା, ଧୂମ୍ରପାନ ତଥା ମଦ୍ୟପାନ ବର୍ଜନ ଓ ସଠିକ ଶାରୀରିକ ଓଜନ ଉପରେ ଏହି ରୋଗର ପ୍ରତିଷେଧ ଓ ଚିକିତ୍ସା ନିର୍ଭର କରେ । ଏଥିରେ ଯଦି ଡାଇବେଟିସ , ମାତ୍ରା ଅନୁସାରେ ନିୟନ୍ତ୍ରିତ ନ ହୁଏ ତେବେ ଔଷଧ ସେବନ ବା ଇନସୁଲିନ୍ ଚିକିତ୍ସା କରାଯାଇଥାଏ । ଏହି ରୋଗରେ ରକ୍ତଚାପ ନିୟନ୍ତ୍ରଣ ଓ ପାଦର ଯତ୍ନ ନେବା ନିତାନ୍ତ ଆବଶ୍ୟକ। ରକ୍ତ ଶର୍କରା, ରକ୍ତଚାପ, କୋଲେଷ୍ଟ୍ରଲ, HbA1C, ECG, body weightl BMIନିୟମିତ ଯାଞ୍ଚ କରିବା ଉଚିତ୍। ଡାକ୍ତରଙ୍କ ପରାମର୍ଶ ବିନା କୌଣସି ଔଷଧ ସେବନ କରନ୍ତୁ ନାହିଁ । ସ୍ୱାସ୍ଥ୍ୟ ହେଉଛି ପ୍ରକୃତ ଧନ, ତେଣୁ ସର୍ବଦା ଆପଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

ତୁମର ରକ୍ତରେ ନୁହେଁ , ହସରେ ମିଠା ଭରିଦିଅ।

ଜନ ଗଣ ସ୍ୱାସ୍ଥ୍ୟ-୧୪

# ଜୀବନରେ ଯେବେ ଆସିବ ମଧୁମେହ, ଖାଦ୍ୟରେ ଆଣିବ ପରିବର୍ତ୍ତନ ଅବଶ୍ୟ



ଡାକ୍ତର ଅଂଶୁମାନ କର
ଏନ୍-୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

ହଲିଉଡର ନିକ୍ ଜୋନ୍ସ ଥରେ ଏକ ସାକ୍ଷାତକାରରେ କହିଥିଲେ, 'ଡାଇବେଟିସ୍ ଶୁଣିବା ମାତ୍ରେ ତୁମେ ମରିଯିବ ବୋଲି ମନେହୁଏ। ମୁଁ ତୁରନ୍ତ ଭୟଭୀତ ହୋଇଗଲି। କିନ୍ତୁ ଥରେ ମୁଁ ଏହା କ'ଣ ତାହା ବିଷୟରେ ଭଲ ଭାବରେ ଧାରଣା ପାଇଲି ଏବଂ ଏହା ଏପରି କିଛି ଥିଲା ଯାହାକୁ ମୁଁ ନିଜକୁ ପରିଚାଳନା କରିପାରିବି, ମୁଁ ସାନ୍ତ୍ୱନା ପାଇଲି।' ଜୋନ୍ସଙ୍କ ଦ୍ୱାରା କୁହାଯାଇଥିବା ଏହି ଧାଡିଟି ମଧୁମେହ ବିଷୟରେ ଏକ ବିଶ୍ୱସ୍ତରୀୟ ଲୋକପ୍ରିୟ ବକ୍ତବ୍ୟ କାରଣ ଏହା ତାଙ୍କ ଦ୍ୱାରା କୁହାଯାଇଥିଲା।

ଆମର ହସ୍ପିଟାଲ, କ୍ଲିନିକ୍, ପରିବାର, ସମାଜ ସବୁଠି ଆମେ ପ୍ରଥମେ ମଧୁମେହ ବିଷୟରେ ଯେପରି କଥାବାର୍ତ୍ତା କରୁ ଲାଗେ ଏହା ଜୀବନର ଶେଷ। କିନ୍ତୁ ତା'ପରେ ଚିକିତ୍ସାର ଉନ୍ନତ ଜ୍ଞାନ, ଉନ୍ନତ ସ୍କ୍ରିନିଂ ଏବଂ ତଦନ୍ତ ଏବଂ ସ ଭଲ ଅଧ୍ୟୟନର ପାଠ ସହିତ ଆମେ ଧୀରେ ଧୀରେ ନିଜକୁ ବିଶ୍ୱାସ କରାଉଛୁ ଏବଂ ଆମେ ଆମର ରୋଗୀ ଏବଂ ଅନ୍ୟ ସମସ୍ତଙ୍କୁ ବିଶ୍ୱାସ କରାଉଛୁ ଯେ ଏହା ଏପରି ଏକ ସମସ୍ୟା ଯାହା ସହିତ ଜଣେ 'ସାଧାରଣତଃ ବଞ୍ଚିପାରିବ'। ଔଷଧ ଏହି ରୋଗର ମୁଖ୍ୟ ଚିକିତ୍ସା କିନ୍ତୁ ମୁଖ୍ୟତଃ ମଧୁମେହ ଏକ ଜୀବନଶୈଳୀର ବ୍ୟାଧି। ଜୀବନଶୈଳୀ ଏପରି ଏକ ଜିନିଷ ଯାହା ମୁଖ୍ୟତଃ ଆମର କାମ, ନିଦ୍ରା, ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପ ଅଭ୍ୟାସକୁ ପ୍ରଭାବିତ କରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ ଯଦି ଆମେ ଆମ ଜୀବନରେ ଏହି ୫ଟି ଜିନିଷ ଯାଞ୍ଚ କରୁ, ତେବେ ମଧୁମେହ ଏବଂ ରକ୍ତଚାପ ଭଳି ରୋଗକୁ ଏଡାଯାଇପାରିବ କିମ୍ବା ପରିଚାଳନା କରାଯାଇପାରିବ। ଟେକ୍ସାସର ଏକ ଅଧ୍ୟୟନ (ଲିଣ୍ଡା ଏଟ୍.ଆଲ୍ ୧୯୯୮) ରେ କୁହାଯାଇଛି ଯେ 'ଯେତେବେଳେ ରୋଗୀମାନେ ସେମାନଙ୍କ ଦୈନନ୍ଦିନ ଜୀବନର ପରିପ୍ରେକ୍ଷୀରେ ଚିକିତ୍ସା ସୁପାରିଶଗୁଡ଼ିକୁ ପ୍ରୟୋଗ କରନ୍ତି, ସେମାନଙ୍କୁ ନିରନ୍ତର ଆତ୍ମ-ଯତ୍ନ ଆଚରଣକୁ ପ୍ରଭାବିତ କରୁଥିବା ଅନେକ ଛୋଟ ନିଷ୍ପତ୍ତି ନେବାକୁ ପଡିବ। ରୋଗୀଙ୍କ ଜୀବନର ନିର୍ଦ୍ଦିଷ୍ଟ ପ୍ରସଙ୍ଗ, ସେମାନଙ୍କ ଆର୍ଥିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ପରିସ୍ଥିତି ସହିତ, ଟାଇପ୍ ୨ ମଧୁମେହ ପରିଚାଳନାର ସାଧାରଣ ନୀତିଗୁଡ଼ିକୁ କିପରି କାର୍ଯ୍ୟକାରୀ କରାଯାଏ ତାହା ନିର୍ଣ୍ଣୟ କରେ। ରୋଗୀମାନଙ୍କୁ ସେମାନଙ୍କ ନିଜ ପରିସ୍ଥିତି ସହିତ ସେମାନଙ୍କର ଆତ୍ମ-ଯତ୍ନ ଆଚରଣକୁ ଗ୍ରହଣ କରିବା ସମୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ସକ୍ଷମ କରିବା ପାଇଁ କ୍ଲିନିକାଲ୍ ରଣନୀତିଗୁଡ଼ିକ ଏହି ପରିସ୍ଥିତି ପ୍ରତି ପ୍ରତିକ୍ରିୟାଶୀଳ ହେବା ଆବଶ୍ୟକ।' ତେଣୁ ମଧୁମେହ ଚିକିତ୍ସାରେ ଆମର ପ୍ରେସକ୍ରିପସନର ଗୋଟିଏ ଦିଗ ଭଲ ଖାଦ୍ୟ ଅଭ୍ୟାସ ସହିତ ଜଡିତ ହେବା ଉଚିତ। ଆମେରିକୀୟ ମଧୁମେହ ଆସୋସିଏସନ୍ (ADA) ୨୦୨୪ ରୁ ପୁଷ୍ଟିକର ଲକ୍ଷ୍ୟଗୁଡ଼ିକ ନିମ୍ନଲିଖିତ ଅନ୍ତର୍ଭୁକ୍ତ କରେ:

କ. ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଉପଯୁକ୍ତ ଅଂଶ ଆକାରରେ ବିଭିନ୍ନ ପ୍ରକାରର ପୁଷ୍ଟିକର-ଘନ ଖାଦ୍ୟ ଉପରେ ଗୁରୁତ୍ୱ ଦେଇ ସୁସ୍ଥ ଖାଦ୍ୟ ଢାଞ୍ଚାକୁ ପ୍ରୋତ୍ସାହିତ ଏବଂ ସମର୍ଥନ କରିବା ଏବଂ:

ଶରୀର ଓଜନ ଲକ୍ଷ୍ୟ ହାସଲ ଏବଂ ବଜାୟ ରଖିବା।

ବ୍ୟକ୍ତିଗତ ଗ୍ଲାଇସେମିକ୍, ରକ୍ତଚାପ ଏବଂ ଲିପିଡ୍ ଲକ୍ଷ୍ୟ ହାସଲ କରେ।

ମଧୁମେହର ଜଟିଳତାକୁ ବିଳମ୍ବ କରେ କିମ୍ବା ରୋକେ।

ଖ. ବ୍ୟକ୍ତିଗତ ଏବଂ ସାଂସ୍କୃତିକ ପସନ୍ଦ, ସ୍ୱାସ୍ଥ୍ୟ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ, ସୁସ୍ଥ ଖାଦ୍ୟର ଉପଲବ୍ଧତା, ଆଚରଣଗତ ପରିବର୍ତ୍ତନ କରିବାର ଇଚ୍ଛା ଏବଂ କ୍ଷମତା ଏବଂ ପରିବର୍ତ୍ତନ ପାଇଁ ବିଦ୍ୟମାନ ପ୍ରତିବନ୍ଧକ ଉପରେ ଆଧାରିତ ବ୍ୟକ୍ତିଗତ ପୁଷ୍ଟିକର ଆବଶ୍ୟକତାକୁ ସମାଧାନ କରନ୍ତୁ।

ଗ. ବୈଜ୍ଞାନିକ ପ୍ରମାଣ ଦ୍ୱାରା ସୂଚିତ ହେଲେ କେବଳ ଖାଦ୍ୟ ପସନ୍ଦକୁ ସୀମିତ କରିବା ସହିତ ଖାଦ୍ୟ ପସନ୍ଦ ବିଷୟରେ ଅଣ-ବିଚାରମୂଳକ ବାର୍ତ୍ତା ପ୍ରଦାନ କରି ଖାଇବାର ଆନନ୍ଦ ବଜାୟ ରଖନ୍ତୁ।

ଘ. ମଧୁମେହରେ ପୀଡିତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ମାକ୍ରୋପୁଷ୍ଟିକର, ସୂକ୍ଷ୍ମ ପୁଷ୍ଟିକର କିମ୍ବା ଏକକ ଖାଦ୍ୟ ଉପରେ ଧ୍ୟାନ ଦେବା ପରିବର୍ତ୍ତେ ସୁସ୍ଥ ଖାଦ୍ୟ ପଦ୍ଧତି ବିକାଶ ପାଇଁ ବ୍ୟବହାରିକ ଉପକରଣ ପ୍ରଦାନ କରନ୍ତୁ।

ମଧୁମେହ ରୋଗୀଙ୍କ ପାଇଁ ପୁଷ୍ଟିକର ଚାରୋଟି ମୁଖ୍ୟ ଉଦ୍ଦେଶ୍ୟ ମଧ୍ୟରୁ ସେମାନଙ୍କୁ ବିକଳ୍ପ ପୁଷ୍ଟିକର ସାମଗ୍ରୀ ପ୍ରଦାନ କରିବା ଏବଂ ଖାଦ୍ୟର ଅବୈଜ୍ଞାନିକ ପ୍ରତିବନ୍ଧକକୁ ଦୂର କରିବା ଏକ ମଧୁମେହ କ୍ଲିନିକରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି ବିଭିନ୍ନ ପ୍ରକାରର ମୌଖିକ ହାଇପରଗ୍ଲାଇସେମିକ୍ ଔଷଧ, ଇନସୁଲିନ୍ ଏବଂ ଅନ୍ୟାନ୍ୟ ଔଷଧ ସହିତ ଚିକିତ୍ସାଧୀନ ରୋଗୀମାନେ ଔଷଧର ଅତ୍ୟଧିକ ମାତ୍ରା ଏବଂ ଭଲ ଖାଦ୍ୟର କମ୍ ମାତ୍ରା ଯୋଗୁଁ ଦୁର୍ବଳ ଅନୁଭବ କରୁଛନ୍ତି। ନିରନ୍ତର ଗ୍ଲୁକୋଜ୍ ମନିଟରିଂ (ଉଏଗ) ଏବଂ ସ୍ୱୟଂଚାଳିତ ଇନସୁଲିନ୍ ବିତରଣ ପ୍ରଣାଳୀର ବର୍ଦ୍ଧିତ ବ୍ୟବହାର ମଧୁମେହରେ ପୀଡିତ ଲୋକଙ୍କ ମଧ୍ୟରେ ଗ୍ଲୁକୋଜ୍ ପ୍ରୋଫାଇଲ୍ ପାଇଁ ଚିକିତ୍ସା ଲକ୍ଷ୍ୟ ବିଷୟରେ ପ୍ରଶ୍ନ ଉଠାଇଥାଏ। କୋରିଆରେ ହୋଇଥିବା ଏକ ଅଧ୍ୟୟନ (ଜିନ୍-ଆହ ସିଓକ୍ ଏବଂ ଅନ୍ୟାନ୍ୟ ୨୦୨୪) ରେ କୁହାଯାଇଛି ଯେ 'କାର୍ବୋହାଇଡ୍ରେଟ୍ ଗ୍ରହଣ ଏବଂ ମୋଟ ଶକ୍ତି ଗ୍ରହଣର ଅନୁପାତ ମଧୁମେହ ରୋଗୀଙ୍କ ମଧ୍ୟରେ ଖରାପ ଗ୍ଲାଇସେମିକ୍ ନିୟନ୍ତ୍ରଣର ସମ୍ଭାବନାକୁ ବୃଦ୍ଧି କରେ। ତେଣୁ, ମଧୁମେହ ରୋଗୀଙ୍କ ମଧ୍ୟରେ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରିବା ପାଇଁ, କାର୍ବୋହାଇଡ୍ରେଟ୍ ଗ୍ରହଣକୁ ନିୟନ୍ତ୍ରଣ କରିବା ସହାୟକ ହୋଇପାରେ।' ୩୦ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ସ୍ଥୂଳତା ବୃଦ୍ଧି ପାଉଛି ଏବଂ ୩୦% ରୁ ଅଧିକ ଲୋକ ପ୍ରିଡାଇବେଟିସ୍ ପର୍ଯ୍ୟାୟରେ ଅଛନ୍ତି ବୋଲି ବିଚାର କରି, ମଧୁମେହ ନିବାରଣ ଏବଂ ପରିଚାଳନା ପାଇଁ ଜୀବନଶୈଳୀ ପରିବର୍ତ୍ତନର ଗୁରୁତ୍ୱକୁ ଗୁରୁତ୍ୱ ଦିଆଯାଇଛି। ଏକ ପ୍ରଭାବଶାଳୀ ମଧୁମେହ ପରିଚାଳନା ପାଇଁ, ଦୈନନ୍ଦିନ ଜୀବନରେ ନିୟନ୍ତ୍ରଣଯୋଗ୍ୟ କାରକ, ଯେପରିକି ଖାଦ୍ୟ, ବ୍ୟାୟାମ, ମଦ୍ୟପାନ ଏବଂ ଧୂମପାନକୁ ଚିହ୍ନଟ କରାଯିବା ଆବଶ୍ୟକ। ମଧୁମେହ ରୋଗୀଙ୍କ ପାଇଁ, କାର୍ବୋହାଇଡ୍ରେଟ୍ ଗ୍ରହଣ ହ୍ରାସ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରିବାରେ ପ୍ରଭାବଶାଳୀ, ଏବଂ ବ୍ୟକ୍ତିଗତ ଆବଶ୍ୟକତା ଏବଂ ପସନ୍ଦକୁ ପୂରଣ କରୁଥିବା ବିଭିନ୍ନ ଖାଦ୍ୟ ପଦ୍ଧତିକୁ ନିୟୋଜିତ କରାଯାଇପାରିବ।

ତଥାପି, ଓଜନ ହ୍ରାସ କରିବା ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣକୁ ଉନ୍ନତ କରିବା ପାଇଁ ଅତ୍ୟଧିକ କାର୍ବୋହାଇଡ୍ରେଟ୍ ପ୍ରତିବନ୍ଧକ, ମୌଖିକ ହାଇପୋଗ୍ଲାଇସେମିକ୍ ଏଜେଣ୍ଟ (OHA) କିମ୍ବା ଇନସୁଲିନ୍ ବ୍ୟବହାର କରୁଥିବା ରୋଗୀଙ୍କ ମଧ୍ୟରେ ହାଇପୋଗ୍ଲାଇସେମିଆ ହେବାର ବିପଦ ବୃଦ୍ଧି କରେ ଏବଂ ଦୀର୍ଘକାଳୀନ ଭାବରେ ବଜାୟ ରଖିବା କଷ୍ଟକର। ତେଣୁ, ନିୟମିତ ଭାବରେ ପୁନଃମୂଲ୍ୟାୟନ ଏବଂ ବ୍ୟକ୍ତିଗତକରଣ କରିବା ଗୁରୁତ୍ୱପୂର୍ଣ୍ଣ।

ମେଘାଳୟରେ କରାଯାଇଥିବା ଏକ ଅଧ୍ୟୟନରେ (ମୁକସୋର, ଏ., ଏବଂ ପରମାର, ଡି. (୨୦୨୩)) ଜଣାପଡିଛି ଯେ ଖାଦ୍ୟ ସହିତ ଜଡିତ ଭୁଲ ଧାରଣା, ଯେପରିକି ଭୂମିରେ ଚାଷ ହେଉଥିବା ସମସ୍ତ ପନିପରିବା ଏଡାଇ ଦିଆଯିବା ଆବଶ୍ୟକ ଏବଂ କଟୁ ଔଷଧ ଏବଂ ପନିପରିବା ରକ୍ତ ଶର୍କରା ନିୟନ୍ତ୍ରଣ ପାଇଁ ଭଲ, ପ୍ରକୃତରେ ରୋଗ ପରିଚାଳନାରେ ପ୍ରତିବନ୍ଧକ ଥିଲା, ଯାହା ପ୍ରାୟତଃ ସଂସ୍କୃତି ଦ୍ୱାରା ଲୋକଙ୍କ ମନରେ ଆକୃତି ପାଇଥାଏ। ତେଣୁ, ସ୍ୱାସ୍ଥ୍ୟସେବା ସେବା ପ୍ରଦାନକାରୀମାନଙ୍କୁ ଜାଣିବା ଉଚିତ ଯେ ଲୋକମାନେ ମଧୁମେହ ଏବଂ ଏହାର ପରିଚାଳନା ବିଷୟରେ କ'ଣ ଭାବନ୍ତି। ତଦନୁସାରେ, ମଧୁମେହର ପ୍ରଭାବଶାଳୀ ପରିଚାଳନା ପାଇଁ ମଧୁମେହ ସମ୍ବନ୍ଧୀୟ ସୂଚନା ଜନସାଧାରଣଙ୍କ ନିକଟରେ ପ୍ରସାରିତ ହେବା ଉଚିତ। ତେଣୁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଆମେ ନିର୍ଦ୍ଧାରିତ ଔଷଧ ଯାଞ୍ଚ କରିବା ସମୟରେ ରୋଗୀଙ୍କ ଖାଦ୍ୟ ଗ୍ରହଣ ଏବଂ ଖାଦ୍ୟପେୟ ମଧ୍ୟ ଯାଞ୍ଚ କରୁ। ଖାଦ୍ୟରେ ଛୋଟ ପରିବର୍ତ୍ତନ ଟାଇପ୍ ୨ ମଧୁମେହର ଅନେକ ଦିଗକୁ ଉନ୍ନତ କରିପାରିବ, ଯେଉଁଥିରେ ଆପଣଙ୍କ ଶରୀରର ଓଜନ ଏବଂ ରକ୍ତଚାପ ପରିଚାଳନା କରିବାରେ ସାହାଯ୍ୟ କରିବା ଅନ୍ତର୍ଭୁକ୍ତ। ମଧୁମେହ ପୀଡିତ ଯୁବକମାନଙ୍କ ମଧ୍ୟରେ ସ୍ୱାଭାବିକ ବୃଦ୍ଧି, ବିକାଶ ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣ ବଜାୟ ରଖିବା ପାଇଁ ପୁଷ୍ଟିସାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅଯଥା କଟକଣା ପୁଷ୍ଟିକର ଅଭାବ ଏବଂ ଖାଦ୍ୟ ଯୋଜନାର ଦୁର୍ବଳ ପାଳନର କାରଣ ହୁଏ। କମ ମୂଲ୍ୟର, ଅତ୍ୟଧିକ ପ୍ରକ୍ରିୟାକୃତ ଏବଂ ଅତ୍ୟନ୍ତ ସ୍ୱାଦିଷ୍ଟ ଖାଦ୍ୟର ବ୍ୟାପକ ଉପଲବ୍ଧତା ଆହୁରି କ୍ଷତିକାରକ। ଅଧିକାଂଶ ପରିବାର କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ (GI) ସହିତ ପୁଷ୍ଟିକର, ତଥାପି ଆକର୍ଷଣୀୟ ଖାଦ୍ୟ ଯୋଗାଇବା ପାଇଁ ଉପାୟ ଖୋଜିବା ପାଇଁ ସଂଘର୍ଷ କରନ୍ତି।

ମଧୁମେହ ଏବଂ ଶରୀରର ଓଜନ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଅଧିକାଂଶ ଲୋକ ଯାହା କରିପାରିବେ ତାହା ହେଉଛି ସମସ୍ତ ମିଠା ପାନୀୟ, ଯେପରିକି ମୃଦୁ ପାନୀୟ କିମ୍ବା ଜୁସ୍ ପରି ପରିହାର କରିବା, କିମ୍ବା ଯଦି ଏହା ସମ୍ଭବ ନୁହେଁ, ତେବେ ସେବନକୁ ଯଥେଷ୍ଟ ସୀମିତ କରିବା। ସାମଗ୍ରିକ ଖାଦ୍ୟ ଅଂଶ ଆକାରକୁ ସୀମିତ କରିବା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ଏବଂ ଯଦି ଆବଶ୍ୟକ ହୁଏ ତେବେ ଆମେ ସେହି ଅନୁସାରେ ଭବିଷ୍ୟତର ଚିକିତ୍ସା ନିଷ୍ପତ୍ତି ନେଇପାରିବା। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ଯିଏ ମଧୁମେହ ପୀଡିତ ଏବଂ କଠୋର ଖାଦ୍ୟ ଗ୍ରହଣ କରୁଛନ୍ତି ତାଙ୍କୁ କମ୍ ଔଷଧ ଦିଆଯିବା ଉଚିତ। ପ୍ରଯୁକ୍ତିର ଉନ୍ନତି ସହିତ ଅନେକ ପ୍ରକାରର ମୌଖିକ ଔଷଧ ଏବଂ ଉନ୍ନତ ଦକ୍ଷ ଇନସୁଲିନ୍ ପ୍ରସ୍ତୁତି ଉପଲବ୍ଧ, ତେଣୁ ଡାକ୍ତରମାନେ ରୋଗୀଙ୍କ ଖାଦ୍ୟ ଗ୍ରହଣକୁ ମନେ ରଖି ବୁଦ୍ଧିମାନ ଭାବରେ ସେଗୁଡ଼ିକୁ ବ୍ୟବହାର କରିବା ଉଚିତ।

ଭାରତରେ ୨୦୧୫ ମସିହାରେ ହୋଇଥିବା ଏକ କ୍ରସ୍-ସେକ୍ସନାଲ୍ ଅଧ୍ୟୟନ ଉଚ୍ଚ ଆୟକାରୀ ଦେଶମାନଙ୍କରୁ ମିଳିଥିବା ତଥ୍ୟକୁ ନିଶ୍ଚିତ କରିଛି ଯେ ବୟସ୍କ ଭାରତୀୟମାନଙ୍କ ମଧ୍ୟରେ ମଧୁମେହ, ଯାହା ବଡ଼ ଏବଂ ବଢୁଛି, ଡାଲି, ବିନ୍ସ, ଫଳ ଏବଂ କ୍ଷୀର ଉତ୍ପାଦ ସମେତ ନିରାମିଷ ଖାଦ୍ୟ ନିୟମିତ ବ୍ୟବହାର ଦ୍ୱାରା ନିୟନ୍ତ୍ରଣ କରାଯାଇପାରେ। ଭାରତ ହେଉଛି ଏକ ସମୃଦ୍ଧ ଏବଂ ବିବିଧ ସାଂସ୍କୃତିକ ଏବଂ ରାନ୍ଧଣା ଐତିହ୍ୟ ସହିତ ସବୁଠାରୁ ପୁରୁଣା ନିରନ୍ତର ସଭ୍ୟତା ମଧ୍ୟରୁ ଗୋଟିଏ। ଶତାବ୍ଦୀ ପୁରୁଣା 'ଥାଳି' (ଅର୍ଥାତ୍ ପ୍ଲେଟ୍) ଧାରଣା ସମେତ ପାରମ୍ପରିକ ଖାଦ୍ୟ ଅଭ୍ୟାସ, ସ୍ଥାନୀୟ, ଋତୁକାଳୀନ ଏବଂ ମୁଖ୍ୟତଃ ଉଦ୍ଭିଦ-ଆଧାରିତ ଉପାଦାନର ମିଶ୍ରଣ (ଶସ୍ୟ, ମସୁର, ପନିପରିବା, କ୍ଷୀର, ମସଲା, ପ୍ରିବାୟୋଟିକ୍ସ ଏବଂ ପ୍ରୋବାୟୋଟିକ୍ସ ଏବଂ ଚର୍ବି ) ଉପରେ ଗୁରୁତ୍ୱ ଦିଏ। ଏହି ଅଭ୍ୟାସଗୁଡ଼ିକ ନିଶ୍ଚିତ କରେ ଯେ ସମସ୍ତ ଆବଶ୍ୟକୀୟ ଖାଦ୍ୟ ଗୋଷ୍ଠୀ ଯୋଗାଇ ଦିଆଯାଇଛି ଏବଂ ବର୍ତ୍ତମାନର ପ୍ରମାଣ-ଆଧାରିତ ସୁପାରିଶ ସହିତ ଭଲ ଭାବରେ ଫିଟ୍ ହେଉଛି। ଏହି ଅଭ୍ୟାସଗୁଡ଼ିକ ପୁଷ୍ଟିକର ଘନତା, ଖାଦ୍ୟ ବିବିଧତା ଏବଂ ସ୍ୱାଦିଷ୍ଟତାକୁ ଲାଭ ପହଞ୍ଚାଏ ଏବଂ ଏହିପରି ଖାଦ୍ୟ ଯୋଜନା ଏବଂ ଗ୍ଲାଇସେମିକ୍ ନିୟନ୍ତ୍ରଣର ପାଳନକୁ ଉନ୍ନତ କରେ। ଏହି ଜ୍ଞାନ ଗ୍ଲାଇସେମିକ୍ ନିୟନ୍ତ୍ରଣ ସହିତ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ବିଶ୍ୱବ୍ୟାପୀ ଲାଭଦାୟକ ହୋଇପାରେ।

ତେଣୁ ମଧୁମେହ ରୋଗୀଙ୍କ ପାଇଁ ଜୀବନକୁ ଉନ୍ନତ କରିବା ପାଇଁ ଆମକୁ ଭଲ ଖାଦ୍ୟକୁ ଗୁରୁତ୍ୱ ଦେବା ଉଚିତ।

" ଜୀବନରେ ଯେବେ ଆସିବା ମଧୁମେହ, ଖାଦ୍ୟରେ ଆଣିବ ପରିବର୍ତ୍ତନ ଅବଶ୍ୟ
ନିତ୍ୟ ପରୀକ୍ଷା, ବ୍ୟାୟାମ କରିବ, ଉତ୍ତମ ରଖିବ ପାନୀୟ ଓ ଶସ୍ୟ"।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ସତ ପ୍ରେମର ଶେଷ ପାଠ

ଘନଶ୍ୟାମ ପଲେଇ



ଏକ ଅଜଣା ନମ୍ବରରୁ ଲମ୍ବା ରିଙ୍ଗ୍ ହେଲା ମୋବାଇଲରେ... ପୁଣି ରାତି ସାଢେ ଏଗାରଟାରେ। ଚମକି ପଡିଲେ ଚନ୍ଦ୍ରକାନ୍ତ। ଘରଟାରେ ଏକୁଟିଆ ଅଛନ୍ତି ସିଏ। ସ୍ତ୍ରୀ ସୁରଭି ବି ପିଲାମାନଙ୍କୁ ନେଇ ବାପଘରକୁ ଯାଇଛନ୍ତି ଏଇ ଦଶହରା ଛୁଟିରେ। ମାଆ ବି ଏକୁଟିଆ ରହୁଥିଲେ ଗାଁରେ... ତେଣୁ ରାତିରେ ମୋବାଇଲ ସାଇଲେଣ୍ଟ ନ କରି ଶୁଅନ୍ତି। କାଳେ କାହାର କ'ଣ ଅସୁବିଧା ହେଲା କି... ମନ ଭିତରେ ଶଙ୍କା ଆସିବା ସ୍ୱାଭାବିକ। ଡରି ଡରି ଫୋନ ଉଠେଇଲେ। କହିଲେ- ହେଲୋ...

ସେପଟୁ ଜଣେ ନାରୀର କଣ୍ଠସ୍ୱର ... ଖିଲି ଖିଲି ହସ ସହ କହିଲା- ଓ! ହ୍ୟାଲୋ ମିଃ... ଚନ୍ଦ୍ରକାନ୍ତ! ମୋତେ ଚିହ୍ନି ପାରୁଛ...

ବଡ ଚିନ୍ତାରେ ପଡିଗଲେ ଚନ୍ଦ୍ରକାନ୍ତ। କିଏ.. ? କାହାର ଏ କଣ୍ଠସ୍ୱର.. ? ଚିହ୍ନା ଲାଗିଲେ ବି କାହିଁ ମନେ ପକେଇ ପାରିଲେନି। ପୁଣି ଚିନ୍ତାକଲେ ଆଜି କାଲି ଫ୍ରଡ କଲ୍ ବି ବହୁତ ଆସୁଛି... ମିଠାମିଠା କଥା କହି ସର୍ବସ୍ୱ ଲୁଟିନେଉଛନ୍ତି ଏପରି ଠକଗ୍ୟାଙ୍ଗ୍। ତେଣୁ ଫୋନଟି କାଟିବାକୁ ଯାଉଥିଲେ... ସେପଟୁ ପୁଣି ଶୁଣାଗଲା- ଆରେ ଡରିଗଲ ନା କ'ଣ... ମୁଁ ପା.. ତୁମ ସୁନୟନା କହୁଛି... ଜାଣିପାରିଲ।

ସୁନୟନା ନାଁଟା ଶୁଣି ପରସ୍ତେ ଚମକି ଉଠିଲେ ନିଜ ଭିତରେ। ଦୀର୍ଘ ପନ୍ଦର ବର୍ଷ ତଳର ସୁନୟନା ଯାହାକୁ ସେ ଏତେ ଭଲ ପାଉଥିଲେ...ସିଏ ଫୋନ କରିଛି। ଭାବି ପାରୁ ନଥିଲେ। ଖୁସିରେ ଭାବବିହ୍ୱଳ ହେଲା ଭଳି ଅନୁଭବ କଲେ। କହିଲେ- ସୁନୟନା ... ତୁମେ ଏବେ କେଉଁଠି... ଏତେ ରାତିରେ କଲ କରୁଛ ଯେ.. ? ସେ ପୁଣି ଖିଲିଖିଲି ହସି ଉଠିଲା। ଠିକ୍ ପନ୍ଦର ବର୍ଷ ତଳେ ଯେମିତି ମନମୋହିନୀ ହସ ହସୁଥିଲା। କହିଲା- ମୁଁ ଏବେ ଆମେରିକାରେ... ହଷ୍ଟନ ସହରରୁ କହୁଛି... ଆଉ ରାତି..! ଆମର ତ ଏବେ ଦିନ ଗୋଟାଏ...।

ଘରେ ପିଲାମାନେ ନଥିବାରୁ ଟିକିଏ ଚନ୍ଦ୍ରକାନ୍ତବାବୁ ଆରାମରେ କଥା ହେବାକୁ ଚାହିଁଲେ। ଦିହେଁ ଦିହିଙ୍କ ଭଲମନ୍ଦ କଥା ପଚାରି ବୁଝିଲେ। ନିଜ ନିଜ ପିଲାମାନେ କେଡେବଡ ହେଲେଣି... କେଉଁ କ୍ଲାସରେ ପଢୁଛନ୍ତି ଜାଣିଲେ। ସୁନୟନା ବି ଜାଣିଲେ ଯେ ଚନ୍ଦ୍ରକାନ୍ତବାବୁଙ୍କ ସ୍ତ୍ରୀ ସୁରଭି ନାହିଁ ତେଣୁ ସେ ବି ଗପ ବଢେଇ ଚାଲିଲେ। ଦିହେଁ ଗପିବାରେ ଏମିତି ମଜିଗଲେ ଯେ ଯେମିତି ସେମାନେ ଦୁହେଁ କଲେଜ ପଢୁଆ ପିଲା... କେଉଁ ଏକ ପାର୍କରେ ବସି ଗପୁଛନ୍ତି। ଗପୁଗପୁ ରାତି ତିନିଟା ବାଜିଗଲା। ଚନ୍ଦ୍ରକାନ୍ତ ଜଣେ ସରକାରୀ ଅଧିକାରୀ, କାଲି ଡ୍ୟୁଟି ଯାଇ ପାରିବେ ତ... ତେଣୁ କହିଲେ ରାତି ଢେର ହେଲାଣି ... ରଖୁଛି।

ଏଣିକି ପ୍ରତିଦିନ ରାତି ବଢିଲେ ଆସିଲା ଫୋନ ସୁନୟନାର। ଦୁହେଁ ଦୁହିଁଙ୍କ ପ୍ରତି ଚୁମ୍ବକ ଟାଣିଲା ଭଳି ହେଉଥିଲେ ଆକର୍ଷିତ...ଦୁର୍ବଳତା ବଢୁଥିଲା ନିଜ ନିଜ ଭିତରେ।

ଆଜି ଥିଲା ମା'ଲକ୍ଷ୍ମୀଙ୍କ ପୂଜା। ପୂଜା ପେଣ୍ଡାଲ ପାଖରେ ଛିଡାହୋଇ ସଂଧ୍ୟା ଆଳତି ଦେଖୁଥିଲେ ଚନ୍ଦ୍ରକାନ୍ତ। ତାଙ୍କ ସ୍ତ୍ରୀଙ୍କ ଫୋନ ଆସିଲା। କହିଲେ ଆମକୁ ଆଉ ନେବାକୁ ଆସିବ ନାହିଁ କି... ଆମେ ବି ସେଇଠିଗଲେ ମିଶିକି ସଂଧ୍ୟା ଆଳତି ଦେଖନ୍ତେ।

ମା'ଙ୍କ ମୃଣ୍ମୟ ମୂର୍ତ୍ତିର ଆଖିକୁ ନଜର ଗଲା ଚନ୍ଦ୍ରକାନ୍ତବାବୁଙ୍କ। କିଛି ପ୍ରଶ୍ନଭରା ଆଖିନେଇ ଅଟକିଗଲା ମା'ଙ୍କ ପାଖରେ। ସମାଧାନ ଖୋଜୁଥିଲେ... କରିବେ କ'ଣ ମୁକୁଳିବେ କିପରି ଏ ଜଟିଳ ପରିସ୍ଥିତିରୁ। ପ୍ରେମ ଆଗ ନା... ନିଜ ପରିବାର ଆଗ। କ'ଣ କରିବା ଠିକ୍ ? ନା ଲୁଚାଛପା ଚୋରା ପିରତି ଚାଲିଥିବ...ଧାଇଁଥିବେ ମରିଚିକା ପାଶେ।

ସେଇଦିନ ରାତି ଏଗାରକୁ ପୁଣି ଆସିଗଲା ଫୋନ୍। ଏଣିକି ଖିଲିଖିଲି ହସ ନୁହଁ... ସୁ ସୁ ଗର୍ଜନ ବାହାରୁଥିଲା ଠିକ୍ ସାପ ପରି ସୁନୟନାର କଣ୍ଠସ୍ୱରରୁ। କହିଲା- ତମେ ଜଣେ ଭୀରୁ କାପୁରୁଷ। ତମେ ଲୁଚେଇପାରନା ପ୍ରେମକୁ। ତମକୁ ଆଜିଠୁ ସତରେ ଘୃଣା କରୁଛି... ଦୁରେଇ ଦେଉଛି ମନରୁ। କହି କାଟିଦେଲା ଫୋନ୍ ସବୁଦିନ ପାଇଁ।

ଚନ୍ଦ୍ରକାନ୍ତଙ୍କ ଆଖିରୁ ଦୁଇଟୋପା ଲୁହ ଖସି ପଡିଲା ଖସ୍‌ଖସ୍। ଆଉ ଦରଦ ଭରା ହସଟିଏ ହସିଲେ ଜୋରରେ। କହିଲେ- ସତରେ ସଚ୍ଚା ପ୍ରେମକୁ ଭୁଲିବା କଷ୍ଟ। ହୃଦୟ ଭାଙ୍ଗି ଟୁକୁଡା ଟୁକୁଡା ହେଇଯାଉ ପଛେ ବଞ୍ଚିଯାଉ ଦୁଇ ପରିବାର। ଏଇସବୁ ସମ୍ଭବ ହେଲା କେବଳ ତା'ର ପ୍ରିୟ ସାଙ୍ଗ ପାଇଁ ହେଲା। ମନେ ମନେ କହି ଉଠିଲେ- ଧନ୍ୟବାଦ୍ ସାଙ୍ଗ।

ଏଇଠି ପୁଣି ସାଙ୍ଗ କିଏ? କାହାକୁ ଧନ୍ୟବାଦ୍‌ଦେଉଛି ଚନ୍ଦ୍ରକାନ୍ତ। ତା'ପ୍ରେମିକାକୁ ସାଙ୍ଗ କହିଲା ନା ଆଉ କେଉଁ ବନ୍ଧୁକୁ!

ଏଇଠି କହି ରଖେ... ଜଣେ ସାଙ୍ଗର ପରାମର୍ଶରେ ଭାଙ୍ଗିଥିଲା ସେଦିନ ସୁନୟନା ଆଉ ଚନ୍ଦ୍ରକାନ୍ତର ବାହାଘର। ଠିକ୍ ପନ୍ଦର ବର୍ଷ ତଳର ସେ ଭୁଲକୁ ଦୋହରାଇବାକୁ ଚାହୁଁ ନ ଥିଲେ ଚନ୍ଦ୍ରକାନ୍ତ। ଯେତେବେଳେ ପୁଣି ଯୋଡିବାର ପରିସ୍ଥିତି ଆସିଲାଣି ପୁଣି ସେଇ ସାଙ୍ଗ କଥା ମନେ ପଡିଲା। ସେତେବେଳେ ସିନା ତା'ର ପରାମର୍ଶରେ ହେଉ ବା ନିଜ ଭିତରେ ଭଲ ପାଇବାର କମି ହେଉ... ସିଧା ମନା କରି ଦେଇଥିଲେ ବାହା ହେବାକୁ। ସେଦିନ ସୁନୟନା କାନ୍ଦିଥିଲା ଢେର। ଜୀବନରୁ ସବୁଦିନ ଦୂରେଇ ଗଲାବେଳେ କହିଥିଲା- ତମର ଯେପରି କିଛି ଅସୁବିଧା ନ ହୁଏ.. ମୁଁ ଧ୍ୟାନ ଦେବି... ଦୂରରୁ ଥାଇ ବି ଭଲ ପାଇହୁଏ।

ତେଣୁ ଆଉ ସିଧା ମନା କରିବାକୁ ସାହସ କିମ୍ବା ଇଚ୍ଛା ହେଲା ନାହିଁ। ସେଇ ସାଙ୍ଗର କଥା ମନେ ପଡିଲା। ଯାହାର କି ଘରଟା ଥିଲା ସୁନୟନା ଘର ପାଖାପାଖି। ସାଙ୍ଗ ହିସାବରେ ଖୋଲିକି- ସୁନୟନା ରାତିରେ ଫୋନ କରୁଥିବା କଥା କହିଲା। ଏସବୁ ଗୋପନ କଥା ତାକୁ କହିବାର ଉଦ୍ଦେଶ୍ୟ ଥିଲା- ଏହା ତା'ଦେହରେ ହଜମ ହିଁ ହେବ ନାହିଁ। ସୁନୟନାର ମା'ବାପା କାନରେ ଯାଇ ପହଞ୍ଚାଇବ କେଉଁ ନା କେଉଁ ମାଧ୍ୟମରେ। ଆଉ... ସତ ବିହେଲା। ଦିନକ ଭିତରେ ହିଁ ଫଳ ଫଳିଲା।

ପ୍ରେମିକା ଠାରୁ ଗାଳି ଶୁଣି କଷ୍ଟ ହେଲା ଚନ୍ଦ୍ରକାନ୍ତକୁ। ସେ ଗାଳି ଦେଉ ପଛେ... ଫାଟିଯାଉ ପଛେ ଚନ୍ଦ୍ରକାନ୍ତର ଛାତିଟା... ଭଲ ହିଁ ହେଲା ଉଭୟଙ୍କ ପାଇଁ।

ସତରେ ସତ ପ୍ରେମର ଶେଷ ପାଠ ଅନ୍ୟର ମଙ୍ଗଳରେ ହିଁ ଲୁଚିଥାଏ... ଠିକ୍ ଚନ୍ଦ୍ରକାନ୍ତଙ୍କ ପ୍ରେମ ଭଳି।

--- ସମାପ୍ତ ----


ଟେନସା,
ସୁନ୍ଦରଗଡ-୪୨,
ମୋ- ୯୪୩୭୭୧୮୫୦୦


## ବଳୟ

ସୁନନ୍ଦା ମହାନ୍ତି

ଅପୁତ୍ରିକ ଦୋଷରୁ ମୁକ୍ତି ପାଇବାକୁ କେତେ ଦିଅଁ ଦେବତା କରି ପାଇଥିବା ପୁତ୍ରଟି ଯେ କୁଳାଙ୍ଗାର ହେବ ଏକଥା ସ୍ୱପ୍ନରେ ଭାବିନଥିଲେ ମନୋଜ। ଯାହା ଘରେ ସାପ ପଶିବ ସେଇଠିକୁ ଯାଇ ହାଜର ହୋଇଯିବ ଅଶୋକ। ସାପକୁ ଧରି ବୋତଲରେ ଭରି ଛାଡ଼ିବା ଯାଏଁ ତାକୁ ଭୋକ ଶୋଷ ନଥିବ। ଯଦି କାହା ଘରେ ମୂଷା ପଶିବ ତ ବିଲେଇ ତାକୁ ମାରିବା ପୂର୍ବରୁ ଓ ସେଘରର ବୁଢ଼ା ବୁଢ଼ୀମାନେ ବିଷ ଆଣି ମୂଷାମାନଙ୍କୁ ମାରିବା ପୂର୍ବରୁ ପହଁଞ୍ଚି ଯିବ ଅଶୋକ। ଯନ୍ତା ବସାଇ ମୂଷା ଧରି ତାଙ୍କୁ ନେଇ ନଈ ସେପାରିରେ ଛାଡିବ। ବାପା ମନୋଜ ବ୍ୟସ୍ତ ହୋଇ ଯେବେ କହନ୍ତି କୁଳାଙ୍ଗାର ନିଜ ବଳୟ ଭିତରେ ରହୁନୁ। ତୋର ଏବେ ପାଠ ପଢ଼ା ବେଳାରେ ତୁ ସାପ ଧରିବା, ମୂଷା ଛାଡ଼ିବା, କ୍ଷତାକ୍ତ ଷଣ୍ଢ ଓ କୁକୁରଙ୍କ ସେବା କରିବା କଣ ଦରକାର। ବୋଉ ରୋଜା ଆଗକୁ ଆସି କହନ୍ତି ସେମିତି କହିବନି ମୋ ପୁଅକୁ। ଅନ୍ୟର ଦୁଃଖ କଷ୍ଟ ଦେଖି ସହିପାରେ ନାହିଁ ବୋଲି ମୋ ପୁଅ ଏସବୁ କରି ମଣିଷ ଓ ପଶୁଙ୍କ ସେବା କରି ପୁଣ୍ୟ ଅର୍ଜନ କରୁଛି। ଦେଖିବ ରୁହ ଭଲମଣିଷ ହୋଇ ବାହାରିବ ମୋ ପୁଅ। ପାଠ ନପଢି ପୁଅ ବାଲୁଙ୍ଗାରୁ ଦଣ୍ଡବାଲୁଙ୍ଗା ହେବାକୁ ଗଲାଣି ମାଆ ଗୁଣବତୀ କହୁଛନ୍ତି ପୁଅ କାଳେ ବଡମଣିଷ ତଥା ଭଲମଣିଷ ହେବ କହି ବିଡି ବିଡି ହୁଅନ୍ତି ରୋଜା। ରୋଜା ଫିସ ଫିସ କରି ବୁଝେଇବାକୁ ଚେଷ୍ଟା କରନ୍ତି ମନୋଜଙ୍କୁ ଦେଖ ବଡ଼ ହେଉଛି ପୁଅ ତାକୁ ଏମିତି ଦଣ୍ଡବାଲୁଙ୍ଗା କି ଅପାତ୍ର କି କୁପୁତ୍ର, ତଥା ଘୋଡ଼ାମୁହାଁ ପୁତ୍ର ନକହି ନିଜ ବଳୟରେ ରୁହ। କାହିଁ ତୁମେତ ଶିକ୍ଷିତ ମାଆ ହୋଇ ପୁଅକୁ ବଳୟ ଭିତରେ ରହିବାକୁ କହି ପାରୁନ! ମତେ କହିବାକୁ ସହଜ ଭାବୁଛ କିଆଁ ? ରୋଜା ବୁଝେଇ ଦିଅନ୍ତି ଓ କହନ୍ତି ଦେଖ ଖାଲି ପାଠ ପଢି ଗ୍ରନ୍ଥକୀଟ ହେଲେ ବା ସେହି ଆଧାରରେ ପୁଅ ବଡ଼ ଚାକିରୀ କରି ଶେଷରେ ଆମକୁ ନେଇ ଅନାଥାଶ୍ରମରେ ରଖିଲେ ପୁଅ ସୁପୁତ୍ର ହୋଇଯାଏନି ବରଂ ଅନ୍ୟର ସାହାଯ୍ୟ, ଅନ୍ୟକୁ ସେବା ତଥା ପଶୁ ଓ ମଣିଷମାନଙ୍କ କଷ୍ଟ ଓ ଯନ୍ତ୍ରଣା ସବୁ କୁ ଏକା ବୋଲି ଭାବୁଥିବା ପୁତ୍ର କୁ ଏ ବଢନ୍ତା ବୟସରେ ତୁମେ ସବୁବେଳେ ଏମିତି ଗାଳି ଦେଲେ ସେ ଯଦି ଆତ୍ମହତ୍ୟା ଭଳି କିଛି ପଦକ୍ଷେପ ବା ଘରଛାଡିବା ଭଳି କିଛି ଚିନ୍ତା କରେ! ତଥାପି ବାପା ମନୋଜ ବୁଝନ୍ତିନି। ମାଆ ରୋଜା ମଧ୍ୟ ବୁଝେଇବାକୁ ପଛାନ୍ତି ନାହିଁ। ଦେଖିଲ ରାମବାବୁଙ୍କ ପୁଅକୁ ଏତେ ଭଲ ପଢି ବଢି, ଚାକିରୀରେ ସର୍ବୋତ୍ତମ ଶିଢ଼ି ଚଢି ମଧ୍ୟ ବାପା ମାଆଙ୍କ ବୃଦ୍ଧାବସ୍ଥାରେ ପାଖରେ ଠିଆ ନହୋଇ କୋଉ କମ୍ପାନୀକୁ ସେମାନଙ୍କ ମୃତ୍ୟୁ ପରେ ଦଶାହ ଇତ୍ୟାଦି ପାଇଁ ପ୍ୟାକେଜ କରିଥିଲା। ବିଚରା ବୁଢ଼ା ବୁଢ଼ୀ ଦିଇଟା ପୁତ୍ରମୁଖ ସୁଖରୁ ବଞ୍ଚିତ ହୋଇ ଶବ ସଂସ୍କାରଠୁ ଦଶାହ ପର୍ଯ୍ୟନ୍ତ ସବୁ ପ୍ୟାକେଜ ସହାୟତାରେ ଆଗ ପଛ ହୋଇ ବୁଢ଼ୀ ଓ ବୁଢ଼ା ଗଲେ। କାହିଁ ତାଙ୍କ ପୁଅକୁ ତ କୁଳାଙ୍ଗାର ବୋଲି କେହି କହିଲେନି! ଚୁପ ହୋଇ ରହିଥିବା ମନୋଜ ପୁଅର ମାଟ୍ରିକ ପରୀକ୍ଷା ରେଜଲ୍ଟ ଦେଖି ଆଉ ଦୁଃଖ ପ୍ରକାଶ କଲେ ନାହିଁ। ଫେଲ ହେବା ପୁଅକୁ ଅବା କଣ କହିବେ ସେ ତ ଏଥର ରଜକୁ କୁକୁଡ଼ା ଲଢେଇ ବଦଳରେ ନଡ଼ିଆ ଲଢେଇ କରିବା ଯୋଜନାରେ ବ୍ୟସ୍ତ। ସ୍ଲୋଗାନ ଦେଉଛି ଯେ ପଶୁପକ୍ଷୀଙ୍କୁ ମାରି ଖାଇବା ଦ୍ୱାରା ଭୂତାଣୁ ଓ ଭାଇରସ ତଥା ଭାଇରାଣ୍ଟ ସଂକ୍ରମିତ ହୋଇ ରୋଗ ହେଉଛି। ବାଦୁଡ଼ିକୁ ଅଯଥା ଦୋଷ ଦିଆଯାଉଛି। ଜନ୍ମ ହେଲେ ମଣିଷର ଯେମିତି ଏନ୍ତୁଡ଼ି ନିଆଁ ଓ ମଲାପରେ ଜୁଇ ନିଆଁ ଜଳୁଛି ସେମିତି ପଶୁପକ୍ଷୀଙ୍କ ପାଇଁ ଅନ୍ତତଃ ଗୋଟିଏ ଜୁଇ ନିଆଁ ଜଳୁ। ଗଞ୍ଜା ଲଢେଇ କରି ତାଙ୍କୁ ଯନ୍ତ୍ରଣା ଦେବା ଛାଡ଼ି ନଡ଼ିଆ ଲଢେଇ କରି ଗାଁରେ ଭୋଜିଭାତ କରିବା ଯୋଜନା କରୁଥିବା ପୁଅ ଅଶୋକ ମାଟ୍ରିକ ପରୀକ୍ଷାରେ ଫେଲ ହୋଇଥିବା ଖବର ପାଇ ଯେତିକି ଦୁଃଖିତ ନଥିଲା ବରଂ ସେହି ଗାଁର ଝିଅ, ନିଜେ ଅଶୋକର ସହପାଠିନୀ ଧର୍ଷିତା ହେବା କଥା ଶୁଣି ମ୍ରିୟମାଣ ପ୍ରାୟ ହୋଇ ବାୟା ବାତୁଳ ପରି ହେଉଥିଲା। କିଛି ଦିନ ପରେ ସେହି ସହପାଠିନୀକୁ ରାତିରେ ନଈକୁ ଡେଇଁ ପଡି ଜୀବନ ହାରୁଥିବା ବେଳେ ଉଦ୍ଧାର କରି ଯେବେ ତା ମଥାରେ ସିନ୍ଦୁର ଦେଇ ଘରକୁ ଆଣିଲା ବାପା କମ୍ପୁଥିଲେ ବୋଉ ଉପରେ ଆଉ ବୋଉ କୁଲାରେ ଦୁବ, ବରକୋଳି ପତ୍ର, ଦୀପ, ଧୂପ, ସିନ୍ଦୁର, ଚନ୍ଦନ ନେଇ ଦୁହିଁଙ୍କୁ ଘରର ଇଷ୍ଟ ଦେବୀଙ୍କ ପାଖରେ ବନ୍ଦାପନା କରି ବୋହୁକୁ ଘର ଭିତରକୁ ନେଲା ବେଳେ ମନୋଜ ବଳୟର ସଂଜ୍ଞା ନିଜ ସଂସାରରେ ଭିତରେ କୋଉଠି ଅଛି ଖୋଜି ଚାଲିଥିଲେ।


ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭


## ନିର୍ଦ୍ଦୋଷ

ମଧୁସ୍ମିତା ପଟ୍ଟନାୟକ

ମଦନ ବହୁତ ବ୍ୟସ୍ତ ବିବ୍ରତ ହେଇ ସାରିଥିଲା କୁଆ ମାନଙ୍କର ଉତ୍ପାତରେ। ଘର ଅଗଣାଟା ଖୋଲା ଥିବା ଯୋଗୁଁ ଅଗଣାରେ ଥିବା ଆମ୍ବଗଛରେ ବସିଥିବା କୁଆମାନେ ମନ ଇଛା ଉତ୍ପାତ କରୁଥିଲେ। କେତେବେଳେ ଆଣି ଅଗଣାରେ ହାଡ ପକେଇଲେଣି ତ କେତେବେଳେ ମାଛ ପୁଟା । କେତେବେଳେ ଅଗଣା ସାରା ଝାଡା ଫେରିଲେଣି ତ ଆଉ କେତେବେଳେ କାହା ମୁଣ୍ଡ ଉପରେ ବସିଲେଣି । ବାଡି ଖଣ୍ଡେ ନ ଧରିଲେ ହାତରେ ଅଗଣାରେ କେହି ଚଳ ପ୍ରଚଳ କରି ପାରୁନଥିଲେ ନିର୍ଭୟରେ । ତା'ଛଡା ଦିନସାରା କା' କା' ରାବି କାନ ଅତଡା କରି ଦେଉଥିଲେ। ଅଗଣାରେ ନା' ତ କେହି କିଛି ଶୁଖେଇ ପାରୁଥିଲେ ନା' କେହି ବସି ପାରୁନଥିଲେ ଟିକିଏ ଶାନ୍ତିରେ । ଦିନେ ମଦନ ବହୁତ ଭାବି ଚିନ୍ତି ଅଟାର ଗୁଳାରେ ମୂଷାମରା ଔଷଧ ମିଶାଇ କୁନି କୁନି ଟିକି ବନେଇ ବିଛେଇ ଦେଲା ଅଗଣାରେ। ସେ ଭାବିଥିଲା କାଉ ଏହାକୁ ଖାଇଲେ ନିଶ୍ଚୟ ମରିଯିବେ । ଗୋଟିଏ କାଉ ଆସି ବସିଲା ସେହି ଟିକି ଗୁଳା ପାଖରେ । ମୁଣ୍ଡ ବୁଲେଇ ବୁଲେଇ ବାରମ୍ବାର ଚାହିଁଲା ସେହି ଟିକିକୁ ହେଲେ ସେଥିରେ 'ମୁହଁ ନମାରି କା' କା' କରି ଉଡିଯାଇ ବସି ପଡିଲା ଆମ୍ବ ଗଛରେ । ଅଗଣାର ସ୍କାଇ ଲାଇଟ୍‌ରେ ଗୋଟିଏ ଗୋବରା ଚଢେଇ ବସା ବନେଇ ରହୁଥିଲା ଅନେକ ଦିନ ହେଲା । ସେହି ଗୋବରା ଚଢେଇ ତା'ର କୁନି କୁନି ଛୁଆମାନଙ୍କୁ ଦାନା ଦେଇ ସାରିଲା ପରେ ବାହାରକୁ ଆସି ଟିକିଏ ଚାହିଁଲା ଭଲରେ। କାଳେ କେଉଁଠି କାଉ କିମ୍ବା ବିଲେଇ ଥିବ । ଚାରିଆଡେ ଭଲରେ ଚାହିଁ ସାରିଲା ପରେ ତା'ର ଦୃଷ୍ଟି ପଡିଲା ସେହି ଟିକି ଉପରେ । ସେ ଚୁପଚାପ୍ ଅଗଣାକୁ ଯାଇ ଟିକିକୁ ଥଣ୍ଟରେ ପୁରାଇ ବସା ଆଡେ ଉଡିବାକୁ ଚେଷ୍ଟା କଲା । ହେଲେ ଡେଣା ଫଡ୍ ଫଡ୍ କରି ପଡିଗଲା ତଳେ ଆଉ ତଳେ ଶାନ୍ତ ହେଇଗଲା । ଠିକ୍ ଏତିକି ବେଳେ ଆଖି ପିଛୁଳାକେ କାଉଟି ଆସି ସେହି ଗୋବରା ଚଢେଇକୁ ଥଣ୍ଟରେ ପୁରାଇ ଉଡିଗଲା ବାହାରକୁ ଆଉ ମଦନ ଏସବୁ ଦେଖି ପଶ୍ଚାତାପ କରୁଥିଲା ଚୁପ୍‌ଚାପ୍ ବସିକି ତାରି ପାଇଁ ଆଜି ଗୋଟିଏ ନିର୍ଦ୍ଦୋଷ ପ୍ରାଣୀ ମୃତ୍ୟୁ ବରଣ କରିବା ସହିତ ଗୋବରା ଚଢେଇର କୁନି କୁନି ପିଲାମାନେ ମା' ଛେଉଣ୍ଡ ହେଇଗଲେ..।




ପ୍ଲଟ ନମ୍ବର-୨୭, ବ୍ରହ୍ମେଶ୍ୱର ବାଗ, ଟଙ୍କପାଣି ରୋଡ,
ଭୁବନେଶ୍ୱର-୭୫୧୦୧୮


## "ହସର ପୋଷ୍ଟର"


ମୂଳ ହିନ୍ଦୀ-ବୀନା ସିଂହ
ଅନୁବାଦ-ଦେବସ୍ମିତା ବେହେରା


ବସ ଆଡ୍ଡାରେ ଥିବା ଭଙ୍ଗା ବେଞ୍ଚରେ ବସିଥିବା ରଧିଆର ଆଖିର ଲୁହ ଶୁଖି ସାରିଥିଲା କେତେବେଳୁ । ଏବେ ଆଉ ଯେତେବେଳେ କାନ୍ଦିଲେ ବି ବଦଳି ବାକୁ କିଛି ନଥିଲା ହାତରେ । ହାତରେ ଥିଲା କିଛି କାଗଜ-ରଙ୍ଗ-ବିରଙ୍ଗ, ଚମକୁଥିବା କାଗଜ । ପ୍ରତ୍ୟେକଟି କାଗଜରେ ଥିଲା ସେହି ହସୁଥିବା ଚେହେରା, ଯାହା ପ୍ରତି ନିର୍ବାଚନ ପୂର୍ବରୁ ଗାଁରେ ମିଠା ମିଠା ସ୍ୱରରେ ପ୍ରତିଜ୍ଞା ବର୍ଷା କରି ପକାଉ ଥିଲା। 'ଘରେ-ଘରେ ଶୌଚାଳୟ, ପ୍ରତି ହାତକୁ କାମ, ଝିଅ ବଞ୍ଚାଅ, ଝିଅକୁ ପଢାଅ'..ଭଳି ସ୍ଲୋଗାନ୍ ଏବେ ଚିଡେଇବାକୁ ଆରମ୍ଭ କରି ସାରିଥିଲେ ତାକୁ । ଦଶମ ଶ୍ରେଣୀ ପାସ୍ କରିଥିବା ରଧିଆର ଝିଅ ସରସ୍ୱତୀ ଗତ ବର୍ଷ ପ୍ଲସ୍‌ଟୁ ପରୀକ୍ଷାରେ ପୁରା ଜିଲ୍ଲାରେ ଟପ୍ କରିଥିଲା । ଫଟୋ ବାହାରିଥିଲା ତା'ର ପରେ ନିଜେ ତାଙ୍କ ଅଞ୍ଚଳର ନେତା ଆସିଥିଲେ ଘରକୁ ଆଉ ସେଲ୍‌ଫି ନେଇଥିଲେ ଝିଅ ସହିତ । ଆଉ ଆଜି ସେହି ନେତା ସରସ୍ୱତୀର ଆଗକୁ ପଢିବା ପାଇଁ ଆପ୍ଲାଇ କରିଥିବା ଛାତ୍ର ବୃତ୍ତି ଫାଇଲ୍‌କୁ ଫାଡି ଦେଇ କହୁଥିଲେ , 'ରେକର୍ଡ ହଜି ଯାଇଛି, ଆଉ କେବେ ଆସ ବୋଲି' । ଗତ ଥର ମଧ୍ୟ ଏଇଆ ଶୁଣି ଘରକୁ ଫେରିଥିଲା ରଧିଆ । ଏଥର ଯଦି କିଛି ବଦଳି ଥିଲା ତାହା ଥିଲା ସରସ୍ୱତୀର ଆଖିରେ ଥିବା ଆଶାର କିରଣ ଲିଭି ସାରିଥିଲା । ଝିଅ ଏବେ ଆଉ ଆଗକୁ ପଢିବନି । କ୍ଷେତରେ କାମ କରିବ,ମନେ ମନେ ସ୍ଥିର କଲା ରଧିଆ । ସ୍କୁଲ୍‌ର କାନ୍ଥରେ ଲାଗିଥିବା ସରସ୍ୱତୀର ପୋଷ୍ଟର ଏବେବି ହସୁଥିଲା ମୁଣ୍ଡ ଉପରେ ଥିଲା ନେତା ମହାଶୟଙ୍କର ହାତ, ଆଉ ତଳେ ଲେଖା ଥିଲା, ନାରୀ-ଗୌରବ ସମ୍ମାନର ଯୋଜନାର ଚମକୁ ଥିବା ଲୋଗୋ । ପାଖରେ ଛେଳି ଚରାଉ ଥିବା ପିଲା ହସି ଦେଇ କହିଲା,'ଏବେ ତ ବହୁତ ଆଗକୁ ବଢି ଗଲାଣି ସରସ୍ୱତୀ..କାଗଜରେ' । କିଛି କହିଲାନି ରଧିଆ ଏହା ଶୁଣି । ବାସ୍ କେବଳ ବଲବଲ ହେଇ ଚାହିଁଥିଲା ପୋଷ୍ଟରକୁ ।



ଏବେ ପୋଷ୍ଟରରେ ସେ ହସ ତାକୁ ମିଛ ଲାଗୁଥିଲା । କିଛି ଦୂରରେ ଗାତ ଖୋଳୁଥିଲା ସରସ୍ୱତୀ ଆଉ କହୁଥିଲା,'ମା' ଏବେ ମୁଁ ଆଗକୁ ଆଉ ପଢିବିନି । ଏବେ ମୁଁ କାମ କରିବି ତୁମ ସହିତ' । ନିଜ ଭିତରେ କିଛି ହଜିଗଲା ପରି ଲାଗିଲା ରଧିଆକୁ । ଝିଅର ଭବିଷ୍ୟତକୁ ନେଇ ଦେଖିଥିବା ସୁନେଲୀ ସ୍ୱପ୍ନ ସବୁ ଭାଙ୍ଗିଗଲା କ୍ଷଣିକରେ । ସେ ହାତରେ ଧରିଥିବା କାଗଜ ସବୁକୁ ଉଡେଇ ଦେଲା ପବନରେ ଆଉ ନେତାଙ୍କର ହସ ଖେଳିଗଲା ଆକାଶରେ ବିନା ମାଟିରେ । ଶେଷରେ ପୋଷ୍ଟର ସେମିତି ଲାଗିଥିଲା କାନ୍ଥରେ । ସରସ୍ୱତୀ ଥିଲା କ୍ଷେତରେ ଆଉ ରଧିଆ,ସରସ୍ୱତୀର ସ୍ୱପ୍ନ ଦୂର ଦୂର ପର୍ଯ୍ୟନ୍ତ ନଥିଲେ କେଉଁଠି ।


ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨


## ମୋହଭଙ୍ଗ

ବିମଳ ଚାନ୍ଦ ପଟ୍ଟନାୟକ

ପରାଶର ରିକ୍ସାବାଲା ଝାଳନାଳ ହେଇ ସବାରିକୁ ଷ୍ଟେସନରେ ଛାଡିଦେଇ ପାଖ କୃଷ୍ଣଚୂଡା ଗଛ ମୂଳରେ ଥକାମାରିବାକୁ ଘଡିଏ ବସିପଡିଲା। ବୈଶାଖ ମାସ ଖରାକୁ ଦିପହରର ଗୁଲୁଗୁଳି ତାକୁ ଆଉ ଆଗକୁ ବଢିବାକୁ ସାହସ ଜୁଟାଇ ଦେଲାନି । ପଛକୁପଛ ଜଣଜଣ କରି ତିନି ଚାରିଟି ରିକ୍ସା ଆସି ତା ରିକ୍ସା ପାଖରେ ଠିଆ ହେଲେ । ସମକର୍ମୀ ମାନେ କୁଆଡେ ବନ୍ଧୁ ହେଇଯାଇଥାନ୍ତି । କିନ୍ତୁ ପରାଶର କ୍ଷେତ୍ରରେ ଏଇଟା ଥିଲା ବ୍ୟତିକ୍ରମ । କାରଣ ତା ସହିତ ରିକ୍ସା ଟାଣୁଥିବା ସମସ୍ତ ସମକର୍ମୀ ନିତି ସନ୍ଧ୍ୟା ହେଲେ ଭାଟିରେ ଆସର ଜମାନ୍ତି । ଘରକୁ ଫେରିଲାବେଳକୁ ଦିନ ତମାମର ଉପାର୍ଜନର ସିଂହଭାଗ ପି'ବାରେ ଉଡାଇଦେଇଥାନ୍ତି । ଏଥିପାଇଁ ସମସ୍ତଙ୍କ ଘରେ ସବୁବେଳେ ସନ୍ଧ୍ୟାରେ ମହାଭାରତଟିଏ ହୁଏ । ପରାଶର କିନ୍ତୁ ବେଶ ଆରାମରେ ଘରକୁ ଆସି ଗଣ୍ଡାଏ ଖାଇ ବିଛଣାରେ ସୁସ୍ଥି ହୁଏ ।

ଗଛମୂଳରେ ବସିବସି ସେ ଆଜିର ଉପାର୍ଜନ କଥା ଭାବୁଥାଏ। ମନେମନେ ଆଜି ଏବେ ସୁଦ୍ଧା କମେଇଥିବା ଟଙ୍କାର ହିସାବ କରୁଥାଏ । ଭାବୁଥାଏ ଏବେକୁ ତିନିଶହ ହେଇଛି । ଏଥିରୁ ସେ କିଛି ମିଠା ନେବ, ଆଉ ବାକି ଟଙ୍କାରେ ଗୋଟିଏ ଦାମୀ କଲମ ନେବ। ଆଜି ପୁଅର ଅଠରତମ ଜନ୍ମଦିନ । କାଲିପରି ଲାଗୁଛି, ସେ ଜନ୍ମ ହେଇଥିଲା ଏଇ ବୈଶାଖ ପୂର୍ଣ୍ଣମୀରେ । ସେଥିପାଇଁ ସେ ଖୁସିରେ ତା ନାଁ ରଖିଥିଲା ଗୌତମ। କାରଣ ଏଇ ବୈଶାଖ ପୂର୍ଣ୍ଣମୀରେ ପରା ଗୌତମବୁଦ୍ଧଙ୍କ ଜନ୍ମ। ଏଣୁ ତା'ର ଅନେକ ହିତାକାଂକ୍ଷୀଙ୍କ ମତ ନେଇ ସେ ସେଇ ନାଁକୁ ରଖିଥିଲା। ପୁରୋହିତ ତ କହିଥିଲେ, "ତୋ ପୁଅ ବଡହେଲେ ସେଇ ମହାତ୍ମାଙ୍କ ପରି ବିଶ୍ୱଦରବାରରେ ନିଶ୍ଚୟ ନାଁ କରିବ । କିନ୍ତୁ ସେଥିପାଇଁ ତୋତେ ବେଶ କିଛି ସାଧନା କରିବାକୁ ପଡିବ । ତୋ ପୁଅର ଜାତକ ଅନୁସାରେ ତାର ବିଦ୍ୟା ଯୋଗ ବେଶ ସୁଦୃଢ ଅଛି। ହେଲେ ଆଜିକାଲିକା କଥା କ'ଣ ତୁ ଜାଣିନୁ, ଯେତେ ଜ୍ଞାନ ଥିଲେବି ଅର୍ଥ ନଥିଲେ ସବୁ ଅସାର। ଗୋଟେ କଥା ଶୁଣ, ଯେତେ କଷ୍ଟ ହେଲେ ବି ପିଲାର ପାଠପଢାରେ କେବେ ସାଲିସ କରିବୁ ନାହିଁ ।"

ପୁରୋହିତଙ୍କ ସେଇ କଥାଗୁଡ଼ିକୁ ସେ ମନରେ ଗଣ୍ଠି ପକାଇ ରଖିଲା। ପିଲାଟି ଦିନରୁ ତାକୁ ଭଲ ସ୍କୁଲରେ ନାଁ ଲେଖାଇ ଆଜି ଏ ପର୍ଯ୍ୟନ୍ତ ଆଣିଛି । ପୁଅର ପାଠପାଇଁ ସେ ତାର ନିଜର ତଥା ତା ସ୍ତ୍ରୀର କେତେ ଯେ ଇଚ୍ଛାକୁ ଜଳାଞ୍ଜଳି ଦେଇଛି ତାର ହିସାବ କରିହେବନି । ରିକ୍ସାଟଣା ବେଉସା ବଳରେ ପିଲାକୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢାଇବା କେତେଯେ କଷ୍ଟ ସେକଥା ସେ ହିଁ ଜାଣିଛି । ବେଳେବେଳେ ସ୍ୱାମୀ-ସ୍ତ୍ରୀ ଦୁଇଜଣ ଭୋକ ଉପାସରେ ବି ଶୋଇଛନ୍ତି, ହେଲେ ପୁଅକୁ କୌଣସି ଅଭାବବୋଧର ସୁରାକ ବି ପାଇବାକୁ ଦେଇନାହାନ୍ତି । ପୁଅ ମଧ୍ୟ ଆଶାନୁରୂପ ଫଳ ଦେଇ ଆସିଛି । ଆଜି ସୁଦ୍ଧା ଦୁଇଦୁଇଥର ଅଲିମ୍ପିଆଡ ପରୀକ୍ଷାରେ ସଫଳତା ହାସଲ କରିବା ସହିତ ମାଟ୍ରିକ ପରୀକ୍ଷାରେ ଏତେବଡ ଏଇ ସହରରେ ଦ୍ୱିତୀୟସ୍ଥାନ ଅଧିକାର କରି ବାପାମାଁଙ୍କ ପରିଶ୍ରମର ଉପଯୁକ୍ତ ଫଳ ଦେଇଛି ।

ଗଛାମୂଳରେ ବସିବସି ଏମିତି ଭାବିଲା ବେଳକୁ ସାଥୀ ରିକ୍ସାବାଲା ଜଣେ ପଚାରିଲା, "ଆରେ ପରାଶର, ଆଜି କ'ଣ ତୁ ଏଇଠି । କ'ଣ ଦିହ ଭଲ ନାହିକି ? ତୁ ତ ଏମିତି ଆମ ଗହଣରେ ବସିବା କଥା ନୁହେଁ। ଏବେ ତୋର ଭଲଲୋକି ଚେହେରାରେ କଣ ଦାଗ ଲାଗିଯିବନି ? ଆରେ ଆମେ ତ ମଦୁଆ ବେଧୁଆ । ତୁ କ'ଣ କେବେ ଆମ ସାଥୀ ହେଇଥିଲୁ ନା ହେବୁ ? ତଥାପି ପାଖରେ ବସିଛୁ ବୋଲି କିଛି ପଚାରି ଦେଲି । ହଉ, ଆଉ ଦିହକୁ ନିଏନା ।''

ପରାଶର ଭାବୁଥିଲା, -ସତରେ ତ ସେ ଏମାନଙ୍କ ପାଇଁ କେତେ ଅନ୍ୟାୟ ନ କରିଛି । ରିକ୍ସାବାଲା ୟୁନିଅନ ଗଠନ ପରେ ସେ ଟଙ୍କାଟିଏ ବି ଦେଇନି । ତାକୁ ଯେତେଥରେ ମାଗିଲେ ସେ କହିଛି, "ହଁ ଏ ୟୁନିଅନ ଗଠନ କରି ତମେସବୁ କଣ ତାଡିପକାଇବ ? ୟୁନିଅନ ନାଁ ରେ ମାସକୁ ଥରେ ମଦ-ମାଂସର ଭୋଜିକରି ଆମର ଝାଳବୁହା ପରିଶ୍ରମର ଉପାର୍ଜନକୁ ଅୟସରେ ଉଡାଇବ, ନୁହେଁ? ମୁଁ ମୋର କଷ୍ଟାର୍ଜିତ ଧନକୁ ଏମିତି ଉଡାଇବାକୁ ତମମାନଙ୍କୁ ଦେଇପାରିବିନି।" ତା' କଥାରେ ୟୁନିଅନ ଲୋକେ କୁହନ୍ତି, "ଜାଣିଥା ପରାଶର, ଏକା ମାଘକେ ଶୀତ ଯାଏନି। ଏଇ ୟୁନିଅନ କେବେ ନା କେବେ ତୋର ଦରକାରରେ ଆସିବ। ସେତେବେଳେ ଆମକଥାକୁ ହେଜ କରିବୁ, ବୁଝିଲୁ?" ତଥାପି ପରାଶର କୁ କୌଣସି କଥା କାଟୁ କରୁନଥାଏ । ହେଲେ ସେ ସେଦିନ ୟୁନିଅନ ଆଗରେ ସେ ବାଧହୋଇ ମୁଣ୍ଡ ନୁଆଇଥିଲା, ଯୋଉଦିନ ତା' ମାଁ ଆରପାରିକୁ ଚାଲିଯାଇଥିଲା। ଏଇ ୟୁନିୟନବାଲା ନଥିଲେ ସେ କ'ଣ ଏତେବଡ ଅନ୍ତେଷ୍ଟିକ୍ରିୟାକୁ ସହଜରେ ସମ୍ପନ୍ନ କରିପାରିଥାନ୍ତା ? ୟୁନିଅନ ପାଣ୍ଠିରୁ ତାକୁ ଆର୍ଥିକ ସାହାଯ୍ୟ ସହିତ ସଭ୍ୟଙ୍କଠାରୁ ଅକୁଣ୍ଠ ଶାରୀରିକ ସାହାଯ୍ୟ ବି ସେ ପାଇଥିଲା । ସେଇଦିନ ସେ ୟୁନିୟନର ମହତ୍ୱ ଆଉ ଗୁରୁତ୍ୱକୁ ମରମେ ବୁଝିଯାଇଥିଲା । ଆଉ ତା' ମନରେ ଥିବା ଦ୍ୱନ୍ଦ୍ୱକୁ ତୁରନ୍ତ ଦୂରେଇ ଦେଇଥିଲା।

ସେ ଏତେସବୁ ଭାବିବା ଭିତରେ ତା' ସାଥୀ ରିକ୍ସାବାଲାର କଥାକୁ ପୂରାପୂରି ଭୁଲିଯାଇଥିଲା । ସାଥୀଜଣକ ଯେତେବେଳେ ପୁଣି ପଚାରିଲା, "କଣ ହେଲାକିରେ ପାରାଶର, ଆଜି ଘରକୁ ଯିବୁନି କି ? ନା ମୋ ସହିତ ଗଲେ ତୋର ସମ୍ମାନରେ ଆଞ୍ଚ ଆସିବ ?"

ତୁରନ୍ତ ପରାଶର ଜବାବ ଦେଲା, "ନା ଭାଇ, ସେମିତି କାହିଁକି କହୁଛୁ ? ବରଂ ତମେମାନେ ହିଁ ତ ମୋର ମନୋବଳର ଖୁରାକ। ଆଜି କାହିଁକି କେଜାଣି ମନ ଭଲ ଲାଗୁନି । ଆଜି ପୁଅର ଜନ୍ମ ଦିନ। ତା'ପାଇଁ ଭଲ ଉପହାରରଟିଏ ବି କିଣି ପାରିଲିନି । ପିଲାଟାକୁ ଅଠର ବର୍ଷ ହେଇଗାଲାଣି । ପ୍ରତିବର୍ଷ ପରି ତାକୁ ସେଇ କଲମ ଦେଇ ଆଉ ସନ୍ତୁଷ୍ଟ କରି ହେଉନି । ଭାବିଥିଲି ଆଜି କିଛି ଅଧିକା ରୋଜଗାର ହେଲେ ତାପାଇଁ ଭଲ ଡ୍ରେସ ହଳେ ନେଇ ଯାଆନ୍ତି । ହେଲେ କେଜାଣି କାହିଁକି ଏ ଦେହ ଜମା ଭଲ ଲାଗୁନି । ଲାଗୁଛି ଏସନ ବି ପିଲାଟାର ମନ ରଖିପାରିବିନି ।"

ବନ୍ଧୁ କହୁଥାଏ- ହଁ ରେ ଭାଇ, ପୁଅ ଭଳି ପୁଅଟେ ପାଇଛୁ। ତୋର ଭାଗ୍ୟ। ଆଉ ତୋ ସଂସ୍କାର ଯେମିତି ନା, ତୋ ପୁଅର ଏମିତି ହିଁ ଉନ୍ନତି ହେବା ନିଶ୍ଚିତ ଥିଲା । ଆଉ ମୋ ପିଲାଙ୍କ କଥା କହନି। ଦି ଦି ଟା ପୁଅ ଯେ କୋଉ କୁଳକୁ ନାଇଁ। ବଡଟା ତିନିଥର ହେଲାଣି ମାଟ୍ରିକ ଫେଲ ହେଲାଣି । ଆଉ ସାନଟା ଏବେଠୁ ପୁଡିଆ ଖଇନି ଖାଇଲାଣି । ମୋ ଦୁଃଖ ଆଉ କା' ଆଗର କହିବ ? ଯାହାକୁ କହିଲେ ତ ମୋତେ ହିଁ ଦୋଷ ଦେଉଛନ୍ତି ।

ପରାଶର କହୁଥାଏ, "ଆଉ ନୁହଁ ତ କଣ? ତୁ ପିଲାଙ୍କ ଆଗରେ ନିତି ପିଆପିଇ କଲେ ସେମାନେ ଆଉ କ'ଣ ଶିଖନ୍ତେ କହିଲୁ ? ଶୁଣ, ଏବେ ବି ସମୟ ଅଛି, ତୁ ଏଇ ନିଶାପାଣି ଛାଡି ଦେ । ଦେଖିବୁ ତୋ ପିଲାମାନେ ବି ଭଲ ବାଟକୁ ଆସିଯିବେ । ଆଉ ତୁ ନିଜେ ଭୁଲ ବାଟରେ ରହି ସେମାନଙ୍କୁ ଉପଦେଶ ଦେଲେ, ସେମାନେ କଣ ଶୁଣିବେ ?"

ବନ୍ଧୁ ଜଣକ ବିଷର୍ଣ୍ଣମନରେ କହିଲା, "ଆରେ ସେମିତି ନୁହଁରେ। ଯାହା କପାଳରେ ଯାହା ଅଛି ତା'ର ସେଇଆ ହିଁ ହେବ। ମୋ ବାପା କ'ଣ ମଦ ପିଉଥିଲେ ନା ଗଞ୍ଜେଇ ଖାଉଥିଲେ? ସେ ତ ପାନ ଖଣ୍ଡେ କି ପୁଡିଆ ଟିକେ ପାଟିରେ ପକାଉ ନଥିଲେ। ଆଉ ସେ ତ ସ୍କୁଲ ମାଷ୍ଟର ଥିଲେ । ହେଲେ ମୋ ଅବସ୍ଥା କ'ଣ ହେଲା ? ତୁ ତ ଦେଖୁଛୁ। ବାପା ମୋତେ ଭଲବାଟକୁ ଆଣିବାକୁ କ'ଣ ନାଇଁ କ'ଣ କରିଛନ୍ତି । ହେଲେ ସେସବୁ ମୋତେ କ'ଣ ପ୍ରଭାବିତ କଲା? ମୁଁ ତ "ସେଇ ଦରପୋଡା କାଠ" ହେଇ ରହିଗଲି । ବାପାଙ୍କ ତାଗିଦରେ ମୁଁ ସୁଧୁରିବା ବଦଳରେ ଆହୁରି ବିଗିଡିଗଲି । ବାପାଙ୍କ ଇଚ୍ଛା ବିରୁଦ୍ଧରେ ଅଜାତିରେ ବାହା ହେଲି । ବାପା, ମାଁ, ଗୁରୁଜନଙ୍କୁ ହତାଦର କରି, ମୁଁ ଭୋଗି ନଥାନ୍ତି ତ ଆଉ କିଏ ଭୋଗିଥାନ୍ତା ? ସବୁ ସେଇ କପାଳରେ ଭାଇ । ହେଲେ ତୁ ତ ସୁନାମୁଣ୍ଡାଟାଏ । ତୋ ପିଲାକୁ ବି ସୁନା କରି ଗଢିଛୁ । ହଁ ଆଉ ମନ ଦୁଃଖ କରନା । ମୋ ଠୁ କିଛି ଉଧାର ନେଇଥା । ପୁଅପାଇଁ ଡ୍ରେସ କିଣି ଦେବୁ। ପିଲାଟା ଯୁଆନ ହେଲାଣି । ଏଣିକି ତା'ର ଆବଶ୍ୟକତା ନିଶ୍ଚୟ ବଢିବ । ତା'ଛଡା ସେ ତା' ସାଙ୍ଗସାଥୀ ମାନଙ୍କ ସହିତ ବି ଗୋଟିଏ କାଇଦାରେ ଚାଲୁଥିବ ନା ।"

କେବେ କାହାଠାରୁ ଉଧାର ନେଉନଥିବା ପାରାଶର, କେଜାଣି କାହିଁକି କେଉଁ ଗୋଟିଏ ମୋହ ର ବଶବର୍ତ୍ତୀ ହେଇ ବନ୍ଧୁଠାରୁ ଟଙ୍କାତକ ବଢାଇନେଲା । ଆଉ କହିଲା, "ତୁ ଯାହା କହ ଭାଇ, ମୁଁ ଯେମିତି ହେଲେ ମୋ ପୁଅକୁ ଏ ଦୁନିଆ ଆଗରେ ଗୋଟିଏ ସମ୍ଭ୍ରାନ୍ତ ପଦବୀରେ ଦେଖିବାକୁ ଚାହେଁ । ସେଥିପାଇଁ ମୁଁ ଯାହା କିଛି ବି କରିପାରେ। ମୋ ପୁଅ ନିଶ୍ଚୟ ମୋ ଆଶା ଓ ଆକାଂକ୍ଷା ପୂରଣ କରିବ । ଦେଖିବୁ, ସେଦିନ ମୁଁ ଆଉ ଏଇ ରିକ୍ସାଟଣା ବେଉସା ଛାଡିଦେବି। ତୋତେ ବହୁତ ବହୁତ ଧନ୍ୟବାଦ। ମୁଁ ସପ୍ତାହକ ଭିତରେ ତୋ ଉଧାର ଟଙ୍କା ଶୁଝିଦେବି ।"

-ଆରେ ପରାଶର ତୁ ସେମିତି କ'ଣ କହୁଛୁ? ମୋ ପିଲାମାନେ ତ ମଣିଷ ହେଇ ପାରିଲେନି । ଅନ୍ତତଃ ତୋ ପୁଅଟା ଗୋଟିଏ ଅଫିସର ହେଲେ ମୋତେ ବହୁତ ଖୁସି ଲାଗିବ । ଆଉ ଟଙ୍କା ଫେରାଇବା କଥା ଏବେ ମୁଣ୍ଡକୁ ଆଣେ ନା । ତୋର ଯେବେ ସୁବିଧା ହେବ ସେବେ ଫେରାଇବୁ । ଏଇ ସହରରୁ ତୁ କୁଆଡେ ପଳଉଛୁ ନା ମୁଁ ? ଚାଲ ଆଜି ଏଇ ଖୁସିରେ ଗୁଣ୍ଡିଚା ଢାବାରେ ଦି'ଜଣ ମିଶି ଖାଇବା ।

ବନ୍ଧୁର ଏଇ ନିମନ୍ତ୍ରଣରେ ପରାଶର ଟିକିଏ ଶଙ୍କିଗଲା । ତା'ର ମନର ଭାବକୁ ଠିକ ଠଉରେଇ ବନ୍ଧୁ ଜଣକ କହିଲା, "ଆରେ ଡରିଗଲୁ ନା କ'ଣ? ମୁଁ କ'ଣ ତୋତେ ସାଥୀରେ ନେଇ ଢାବାରେ ପି'ବାକୁ କହୁଛି ଭାବୁଛୁ ? ସେମିତି ନାଇଁ ରେ ସାଙ୍ଗ, ମୁଁ କ'ଣ ତୋତେ ଏଇ ବୟସରେ ଅବାଟରେ ନେବି ? ଜମା ଭୟ କରନା । ଚାଲ ଗୁଣ୍ଡିଚା ଢାବାରେ ବଢିଆ ଓଡିଆ ପଖାଳ ମିଳୁଛି । ଏଇ ଖରାକୁ ଗଣ୍ଡେ ପଖାଳ ଆଉ ଦିଟା ମାଛଭାଜା ଖାଇକି ଘରକୁ ଯିବା । ଆଜି ମୋ ତରଫରୁ ତୋତେ ତୋ ପୁଅର ଜନ୍ମଦିନର ଭେଟି ବୋଲି ଭାବି ନେ ।'

ଉପକାରର ଭାରାତଳେ ଦବି ହେଇଯାଇଥିବା ମଣିଷ ସର୍ବଦା ମୁଣ୍ଡ ନୁଆଁଇଥାଏ । ଏଥିରୁ ପରାଶର ଯେ କେମିତି ଭିନ୍ନ ହେଇଥାନ୍ତା? ତା' ମାଁର ମୃତ୍ୟୁ ସମୟରେ ଏଇ ବନ୍ଧୁ ହିଁ ବିନା ଯାଚଞ୍ଚାରେ ଅକୁଣ୍ଠ ସାହାଯ୍ୟ କରିଥିଲା। ସେକଥା ସେ କ'ଣ ଭୁଲିଯାଇଥାନ୍ତା ? ପୁଣି ଆଜି ବି ତା' ପୁଅର ଅଠରତମ ଜନ୍ମଦିନରେ ଗୋଟିଏ ସ୍ୱତନ୍ତ୍ର ଉପହାର ଦେବାପାଇଁ ଏଇ ବନ୍ଧୁ ହିଁ ସହଯୋଗର ହାତ ବଢାଇଛି । ତଥାପି ସେ ନିଜର ଆତ୍ମସମ୍ମାନକୁ ଜଳାଞ୍ଜଳି ଦେଇ କିଛି ବି କରିପାରିବନି । ସେଥିପାଇଁ ଢାବାର ନାଁ ଧରୁଧରୁ ସେ ଟିକିଏ ଶଙ୍କି ଯାଇଥିଲା । କିନ୍ତୁ ତା' ବନ୍ଧୁ ତା' ମନର ଅନ୍ତର୍ଦ୍ୱନ୍ଦ୍ୱ ଦୂର କରିଦେଇ କେବଳ ଭୋଜନ ନିମନ୍ତେ ନିମନ୍ତ୍ରଣ କରୁଥିବାରୁ ସେ ଅଗତ୍ୟା ସହମତି ଜଣାଇଲା । ଆଜିଠାରୁ ତା' ପୁଅ ଏଇ ଭାରତରେ ନାଗରିକର ଅଧିକାର ପାଇଯିବ । ଅର୍ଥାତ ସେ ଭୋଟଦେବାର ଅଧିକାର ଲାଭ କରିବ। ଏଇ କାଲିପରି ଲାଗୁଛି, ସେ ପୁଅକୁ ତା' ରିକ୍ସାରେ ବସାଇ କେତେ ମନ୍ଦିର, ପାର୍କ, ଦୋକାନ ବଜାର ବୁଲାଉଥିଲା । ଏବେ ତା' ଚପଲର ମାପ ସହିତ ପୁଅ ଚପଲର ମାପ ସମାନ ହେଇଗଲାଣି । କୁହାଯାଏ ସନ୍ତାନ ଯୁବକ ବା ଯୁବତୀ ହେଇଗଲେ, ପିତାମାତା ସେମାନଙ୍କ ସହିତ ବନ୍ଧୁତୁଲ୍ୟ ବ୍ୟବହାର କରିବା ଉଚିତ । ଏ କଥାକୁ ପରାଶର ବୋଧେ ମରମେ ବୁଝି ସାରିଥିଲା । ସେଥିପାଇଁ ଏଇ ଦୁଇବର୍ଷ ହେଲା ସେ ପୁଅ ଉପରେ ଗଭୀର ବିଶ୍ୱାସ ରଖି ତା'ର ସମସ୍ତ କଥାରେ ରାଜି ହେଇଯାଉଥିଲା । ଗଲାବର୍ଷ ପୁଅର ଅରମାନ ପୂରଣ କରି ବହୁତ କଷ୍ଟରେ ମୋବାଇଲ ଫୋନଟିଏ କିଣିଦେଇଥିଲା। ତା'ର ଆଶା ଠାରୁ ଅଧିକ ଫଳ ପ୍ରଦାନ କରୁଥିବା ପୁଅର ଏଇ ଅନୁରୋଧକୁ ସେ ମନା କରିପାରି ନଥିଲା । ଆଉ ନ କରନ୍ତା କେମିତି ? ପୁଅ ତା'ର ସାଇନ୍ସ ପଢୁଛି । ସିଏ ଜାଣିଛି, ସାଇନ୍ସଟା ବଡ କଠିନ ପାଠ । ସେଥିପାଇଁ ପାଠରେ କିଛି ଅବୁଝା ରହିଲେ ଆଜିକାଲି ଇଣ୍ଟରନେଟ ଦେଖି ପିଲାମାନେ ତା'ର ସାମାଧାନ ପାଇଯାଉଛନ୍ତି । ସିଏ ତ କେଉଁ ବଡ ଚାକିରି କରିନି ଯେ, ପୁଅର ପ୍ରତ୍ୟେକ ବିଷୟ ପାଇଁ ମାସକୁ ହଜାରହଜାର ଟଙ୍କା ଦେଇ ଟିଉସନ ପଢାନ୍ତା । ଏଣୁ ତା' ପୁଅର ଚଲାକ ବୁଦ୍ଧି ବଳରେ କେବଳ ଦଶହଜାର ଟଙ୍କାରେ ଫୋନଟିଏ କିଣି ଦେବାରୁ ସବୁ ସମସ୍ୟାର ସମାଧାନ ହେଇଗଲା ।

ଏମିତି ଭାବୁଭାବୁ ଦୁଇବନ୍ଧୁ ଗୁଣ୍ଡିଚାଢାବାରେ ପହଞ୍ଚିଗଲେ । ହାତଧୁଆ ବେସିନରେ ହାତ ଧୋଇ ଭିତରକୁ ପଶି ସେ ଦେଖିଲା, ଢାବା ଭିତରେ ଆଉ ଗୋଟିଏ ଛୋଟିଆ ବଖରା ଅଛି । ଜଣେ ୱେଟର ତା' ଭିତରକୁ କିଛି କାଚ ଗ୍ଲାସ ଆଉ ବୋତଲ ନେଇ ଯାଉଛି । ସେଇଟା ଦେଖୁଦେଖୁ ପାରାଶରର ପାଦ ଆଉ ଆଗକୁ ବାଢିଲା ନାହିଁ । ତା' ମନରେ ଗୋଟିଏ ହୀନମନ୍ୟତା ଭାବନା ଜାଗ୍ରତ ହେଲା। ସେ ଭବିଲା, 'ସେ ସାହାଯ୍ୟର ବୋଝତଳେ ଦାବି ହେଇ କିଛି ଭୁଲ କରୁନାହିଁ ତ ? ତାକୁ ଏଇ ଢାବାରେ ଦେଖି ଲୋକେ ତା ଚରିତ୍ରର କିଛି ଅନ୍ୟ ଅର୍ଥ କରିନେବେ ନି ତ ?' ଏଣୁ ସେ ସେଇଠି ଘଡିଏ ଅଟକି ଗଲା । ଚାରିଆଡକୁ ଅନାଇ ବଡ ସଙ୍କୋଚବୋଧର ସହିତ ଶେଷରେ ଚଉକିରେ ବସିପଡିଲା । ବଡ କୁନ୍ଥକୁନ୍ଥ ହେଇ ବନ୍ଧୁସହିତ ବସି ପଖାଳ ଆଉ ମାଛଭଜା ଖାଇବାକୁ ଲାଗିଲା । ଠିକ ଏତିକିବେଳେ ସେଇ ଛୋଟିଆ ବଖରା ଭିତରୁ ପରାଶରକୁ ଗୋଟିଏ ଚିହ୍ନାଚିହ୍ନା କଣ୍ଠସ୍ୱର ଶୁଣାଗଲା। ସେ ତୁରନ୍ତ କେଉଁ ଗୋଟିଏ ଆଶଙ୍କାରେ ଅଟକିଗଲା । ସୁସ୍ୱାଦୁ ଭୋଜନ ସତେ ଯେମିତି ତା' ତଣ୍ଟି ଭିତରକୁ ଗଳୁନଥିଲା। କ୍ରମଶଃ ସେ ଥରିବାକୁ ଲାଗିଲା । ବନ୍ଧୁଙ୍କ କୌଣସି କଥା ତା'ର କର୍ଣ୍ଣଗତ ହେଉନଥିଲା । ଗୋଟିଏ ଆଶଙ୍କା ତଥା ଭୟ ମିଶ୍ରିତ ଭାବନେଇ ଖାଇବା ଅଧାରୁ ଉଠି ସେ ସେଇ ଛୋଟ ବଖରା ଆଡକୁ ମାଡି ଚାଲିଲା । ଥରଥର ହାତରେ ବଖରାର ପରଦା ଉଠାଇ ଯାହା ଦେଖିଲା, ସେଥିରେ ସତେ ଯେମିତି ତା ପାଦତଳୁ ମାଟି କୁଆଡେ ଉଭେଇଗଲା। ତା'ର ଏକୋଇରବଳା ବିସିକେଶନ ସାଙ୍ଗମାନଙ୍କ ସହିତ ସେଠାରେ ବସି କାଚ ଗିଲାସରେ ନାଲିପାଣି ଧରି "ଚିଅର୍ସ" କରୁଛି । ରାଗରେ ସେ ଅନ୍ଧ ହେଇଗଲା। ତୁରନ୍ତ ସେଠାରେ ପଡିଥିବା ଖାଲି ମଦବୋତଲକୁ ଉଠାଇ ଭିତରକୁ ପଶିଗଲା । ସାମ୍ନାରେ ପୁଅର ଏପରି ରୂପକୁ ଦେଖି ସେ ତା'ର କାଣ୍ଡଜ୍ଞାନ ମଧ୍ୟ ହରାଇ ସାରିଥିଲା । ତା'ର ପାରୁପର୍ଯ୍ୟନ୍ତ ସମସ୍ତ ବଳ ଖଟାଇ ଚିତ୍କାରଟିଏ କରି ପୁଅକୁ ପାହାରଟିଏ ପକାଇବାକୁ ବୋତଲଟିକୁ ଉପରକୁ ଉଞ୍ଚାଇଲା । କ୍ରମଶଃ ତାକୁ ଚଉଦିଗ ଅନ୍ଧାର ଦେଖାଗଲା । ତା' ହାତର ବୋତଲଟା ପୁଅର ମୁଣ୍ଡକୁ ଆଘାତ କରିବା ପୂର୍ବରୁ ମୁଣ୍ଡ ଘୁରେଇଯାଇ ସେ ସେଇଠି କଚାଡିହେଇ ପଡିଗଲା । ତା' ବନ୍ଧୁ ଜଣକ ତୁରନ୍ତ ତାକୁ ଉଠାଇବାକୁ ଚେଷ୍ଟା କରୁଥିଲା । ଆଉ ପୁଅଟି ଅପରାଧବୋଧ ଭାବ ନେଇ ସେମିତି ସେଇଠି ଚୁପଚାପ ଠିଆ ହେଇଥିଲା । ଢାବା ମାଲିକ ତୁରନ୍ତ ଆମ୍ବୁଲେନ୍ସ ଡାକିବାର ବ୍ୟବସ୍ଥା କରୁଥିଲେ । ପାରାଶର ଦୀର୍ଘଦିନ ଧରି ମନରେ ପାଳିଥିବା ମୋହଟି ଏଇ ଘଟଣାରେ ଭଙ୍ଗ ହେଇଯିବା ସହିତ ତା' ନିଃଶ୍ୱାସର ଖରତା କ୍ରମଶଃ କ୍ଷୀଣରୁ କ୍ଷୀଣତର ହେଉଥିଲା । ବ୍ୟସ୍ତହୋଇ ବନ୍ଧୁଜଣକ କେତେବେଳେ ମୁହଁରେ ପାଣି ଛାଟୁଥିଲା ତ କେତେବେଳେ ପାଣି ମୁନ୍ଦାଏ ପିଆଇବାର ବୃଥା ଚେଷ୍ଟା କରୁଥିଲା ।


ଦୁର୍ଗୀ, ରାୟଗଡ଼
ଫୋନ : ୭୦୦୮୨୩୨୬୦୬

# ଜ୍ୟାକବ ଡଫିଙ୍କ ଘାତକ ବୋଲିଂ
# ୩-୧ରେ ସିରିଜ୍ ଜିତିଲା ନ୍ୟୁଜିଲାଣ୍ଡ




**ଡୁନେଡିନ**

ଜ୍ୟାକବ ଡଫିଙ୍କ ଘାତକ ବୋଲିଂ ବଳରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଟି୨୦ ମ୍ୟାଚ୍‌କୁ ନ୍ୟୁଜିଲାଣ୍ଡ ୮ ଉଇକେଟରେ ଜିତି ନେଇଛି। ୱେଷ୍ଟଇଣ୍ଡିଜ୍ ଦ୍ୱାରା ପ୍ରଦତ୍ତ ୧୪୧ ରନର ଟାର୍ଗେଟକୁ ନ୍ୟୁଜିଲାଣ୍ଡ ୧୫.୪ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ନ୍ୟୁଜିଲାଣ୍ଡ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ ୩-୧ ବ୍ୟବଧାନରେ ବିଜୟୀ ହୋଇଛି। ସିରିଜ୍‌ର ଚତୁର୍ଥ ମ୍ୟାଚ୍ ବର୍ଷାରେ ଧୋଇଯାଇଥିଲା। ଡଫିଙ୍କୁ ଉଭୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ କରାଯାଇଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ୍ ୧୮.୪ ଓଭରରେ ୧୪୦ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ରୋଷ୍ଟନ ଚେଜ ୩୮ (୩ ଚୌକା ଓ ୧ ଛକା), ରୋମାରିଓ ଶେଫର୍ଡ ୩୬ (୩ ଲେଖାଏ ଚୌକା ଓ ଛକା) ଓ ଜାସନ ହୋଲ୍ଡର ୨୦ (୧ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଡଫି ୪ ଓ ଜେମ୍ସ ନିଶାମ ୨ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୧୫.୪ ଓଭରରେ ୨ ଉଇକେଟ ହରାଇ ବିଜୟଲକ୍ଷ୍ୟ ହାସଲ କରି ନେଇଥିଲା। ଦଳ ପାଇଁ ଟିମ୍ ରବିନସନ ୪୫ (୫ ଚୌକା ଓ ୩ ଛକା) ଓ ରଚିନ ରବୀନ୍ଦ୍ର ୨୧ (୨ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିବା ବେଳେ ଡେଭନ କନୱେ ୪୭ (୪ ଚୌକା ଓ ୧ ଛକା) ଓ ମାର୍କ ଚାପମ୍ୟାନ ୨୧ (୨ ଛକା) ରନରେ ଅପରାଜିତ ରହି ମ୍ୟାଚ୍ ଫିନିଶ କରିଥିଲେ।

# ଆଜି ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

**କୋଲକାତା**

ଭାରତ-ଦକ୍ଷିଣ ଆଫ୍ରିକା ଟେଷ୍ଟ୍ ଲଢ଼େଇ ଲାଗି 'ସିଟି ଅଫ୍ ଜୟ' କୋଲକାତା ଏବେ ପୂରା ପ୍ରସ୍ତୁତ। ଉଭୟ ଭାରତ ଓ ବିଶ୍ୱ ଟେଷ୍ଟ୍ ଚାମ୍ପିଅନ୍‌ସିପ୍ ବିଜେତା ଦକ୍ଷିଣ ଆଫ୍ରିକାର ବଛାବଛା ଓ ତାରକା ଖେଳାଳି ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ୍ ଲାଗି ଏଠାରେ ଡେରା ପକାଇବା କ୍ରିକେଟ୍‌ପ୍ରେମୀଙ୍କୁ ଯେତିକି ଉତ୍ସାହିତ କରୁଛି, ସହରକୁ ମଧ୍ୟ ସେତିକି ଚଳଚଞ୍ଚଳ କରି ରଖିଛି। ବିଶ୍ୱ ପ୍ରସିଦ୍ଧ ଇଡେନ୍ ଗାର୍ଡେନ୍ସ ପିଚ୍ କେମିତି ବ୍ୟବହାର କରିବ, ଭାରତୀୟ ବ୍ୟାଟର୍ କିଭଳି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ମୁକାବିଲା କରିବେ, ଟସ୍ କେତେ ଗୁରୁତ୍ୱପୂର୍ଣ୍ଣ ରହିବ ସେ ଚର୍ଚ୍ଚା କୋଲକାତା କ୍ରିକେଟ୍ ଜଗତକୁ ଆନ୍ଦୋଳିତ କରୁଛି।

ପ୍ରଥମ ଟେଷ୍ଟ ପାଇଁ ଏକ ଆଦର୍ଶ ପିଚ୍ ପ୍ରସ୍ତୁତ କରାଯାଇଥିଲେ ହେଁ ଉଭୟ ଦଳ ୩ଜଣ ଲେଖାଏଁ ସ୍ପିନରଙ୍କୁ ନେଇ ଗ୍ରାଉଣ୍ଡକୁ ଓହ୍ଲାଇବା ନିଶ୍ଚିତ। ତଥାପି ଏହି ଟେଷ୍ଟରେ ପେସ୍



ବୋଲରମାନଙ୍କ ପ୍ରଭାବ ଜାରି ରହିବ ବୋଲି ମତ ପ୍ରକାଶ ପାଇଛି।

ଉଭୟ ଦଳ ୩ଜଣିଆ ସ୍ପିନ ବାହିନୀ ନେଇ ଗ୍ରାଉଣ୍ଡକୁ ଓହ୍ଲାଇବା ଏକ ପ୍ରକାର ନିଶ୍ଚିତ। ଭାରତୀୟ ଗ୍ରାଉଣ୍ଡରେ ଦକ୍ଷିଣ ଆଫ୍ରିକା ପ୍ରଥମ କରି ୩ଜଣ ସ୍ପିନରଙ୍କୁ ଖେଳାଇବାକୁ ଯାଉଛି। ଭାରତ ଆସିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳ ପାକିସ୍ତାନରେ ୨ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିଥିଲା। ଏହି ସିରିଜରେ ୩ ସ୍ପିନର କେଶବ ମହାରାଜ, ସେନୁରାନ ମୁଥୁସାମି ଓ ସିମନ ହାର୍ମର ୩୩ଟି ୱିକେଟ୍ ଅକ୍ତିଆର କରିଥିଲେ।

ସ୍ପେଶାଲିଷ୍ଟ ପେସ୍ ବୋଲର ଭାବେ ଏକମାତ୍ର କାଗିସୋ ରାବାଡ଼ା ଦଳରେ ରହିଛନ୍ତି। ଏମାନଙ୍କ ବ୍ୟତୀତ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ମାର୍କୋ ଜାନସେନ, ୱିଆନ ମୁଲ୍ଡର ଓ କର୍ବିନ ବସ୍କ ଦଳରେ ଅଛନ୍ତି। ତେଣୁ ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗ ଭାରତ ତୁଳନାରେ ଅଧିକ ସନ୍ତୁଳିତ ଓ ଶକ୍ତିଶାଳୀ। କେବଳ ଅଭିଜ୍ଞତା ଫରକ ପକାଇବ। ଦକ୍ଷିଣ ଆଫ୍ରିକାର ଦଳରେ ରହିଥିବା ୮ଜଣ ଖେଳାଳି ଏପର୍ଯ୍ୟନ୍ତ ଭାରତରେ ଟେଷ୍ଟ ଖେଳି ନାହାନ୍ତି।

ପ୍ରଥମ ଟେଷ୍ଟ ପାଇଁ ଏକ ଆଦର୍ଶ ପିଚ୍ ପ୍ରସ୍ତୁତ କରାଯାଇଛି। ଉଭୟ ଦଳ ପିଚକୁ ନେଇ ଉତ୍ସାହିତ ରହିଛନ୍ତି। ପ୍ରଥମ ଦୁଇ ଦିନ ପର୍ଯ୍ୟନ୍ତ ପେସ୍ ବୋଲରମାନେ ପିଚରୁ ଭରପୁର ସହାୟତା ପାଇବେ। ତୃତୀୟ ଦିବସ ଅପରାହ୍ଣରୁ ପିଚ୍ ସ୍ପିନରଙ୍କୁ ସହାୟତା କରିବ। ତେଣୁ ଟସ୍ ବିଜୟୀ ଦଳ ପ୍ରଥମେ ବ୍ୟାଟିଂ କରି ବିଶାଳ ସ୍କୋର ଛିଡ଼ା କରିବାକୁ ପ୍ରୟାସ କରିବ।

ଦକ୍ଷିଣ ଆଫ୍ରିକାର ସ୍ପିନ ବାହିନୀ ଭାରତର ଚିନ୍ତା ବଢ଼ାଇବା ଆଶଙ୍କା କରାଯାଉଛି। ଗତ ବର୍ଷ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପରାଜୟ ପରେ ଭାରତୀୟ ବ୍ୟାଟରଙ୍କ ତ୍ରୁଟି ନଜରକୁ ଆସିଛି। ଭାରତୀୟ ବ୍ୟାଟରମାନେ ସ୍ପିନରଙ୍କୁ ଖେଳିବାରେ ବିଫଳ ହେଉଛନ୍ତି।

ସମ୍ଭାବ୍ୟ ଭାରତୀ ଦଳ : ଯଶସ୍ୱୀ ଜୈସ୍ୱାଲ୍, କେଏଲ ରାହୁଲ, ସାଇ ସୁଦର୍ଶନ, ଶୁଭମନ ଗିଲ (ଅଧିନାୟକ), ରିଷଭ ପନ୍ତ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡ଼େଜା, ୱାସିଂଟନ ସୁନ୍ଦର, କୁଲଦୀପ ଯାଦବ/ଅକ୍ଷର ପଟେଲ, ମହମ୍ମଦ ସିରାଜ, ଯଶପ୍ରୀତ ବୁମରା।

# ଅର୍ଜୁନ ତେନ୍ଦୁଲକରଙ୍କୁ ଛାଡ଼ିପାରେ ମୁମ୍ବାଇ ଇଣ୍ଡିଆନ୍ସ !







**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୬ ପାଇଁ ଖେଳାଳି ରିଟେନ୍‌ସନ୍‌ର ଡେଡ୍‌ଲାଇନ୍ (ନଭେମ୍ବର ୧୫) ପାଖେଇ ଆସୁଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ଶିବିରରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକରଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିପାରେ।

'କ୍ରିକବଜ୍' ରିପୋର୍ଟ ଅନୁସାରେ, ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲଏସଜି) ମଧ୍ୟରେ ଅର୍ଜୁନ ତେନ୍ଦୁଲକର ଏବଂ ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁରଙ୍କୁ ନେଇ ଆଲୋଚନା ଚାଲିଛି। ତେବେ ଏହା ସିଧାସଳଖ ଖେଳାଳି ଅଦଳବଦଳ ନ ହୋଇ, ଉଭୟ ଖେଳାଳିଙ୍କୁ ନଗଦ ଅର୍ଥ ମାଧ୍ୟମରେ ନେବା ପାଇଁ ଦଳଗୁଡ଼ିକ ଚାହୁଁଛନ୍ତି। ଅର୍ଜୁନ ତେନ୍ଦୁଲକର ୨୦୨୩ରେ ଆଇପିଏଲ୍‌ରେ ଡେବ୍ୟୁ କରିବା ପରଠାରୁ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ମାତ୍ର ୫ଟି ମ୍ୟାଚ୍ ଖେଳି ୩ଟି ୱିକେଟ୍ ନେଇଛନ୍ତି। ଆଇପିଏଲ୍ ୨୦୨୫ର ମେଗା ଅକ୍ସନରେ ତାଙ୍କୁ ମୁମ୍ବାଇ ୩୦ ଲକ୍ଷ ଟଙ୍କାରେ କିଣିଥିଲା।

ଶାର୍ଦ୍ଦୁଲ ଠାକୁରଙ୍କୁ ଆଇପିଏଲ୍ ୨୦୨୫ ନିଲାମରେ କୌଣସି ଦଳ କିଣି ନଥିଲେ, କିନ୍ତୁ ପରେ ସେ ଆହତ ମୋହସିନ ଖାନଙ୍କ ବଦଳରେ ଏଲଏସଜି ଦଳରେ ସାମିଲ ହୋଇଥିଲେ। ସେ ଏଲଏସଜି ପାଇଁ ୧୦ଟି ମ୍ୟାଚ୍ ଖେଳି ୧୩ଟି ୱିକେଟ୍ ନେଇଥିଲେ। ନଭେମ୍ବର ୧୫ରେ ରିଟେନସନ୍ ତାଲିକା ଜମା ହେବା ପରେ ଏହି 'ଟ୍ରେଡ୍'ର ଚୂଡ଼ାନ୍ତ ନିଷ୍ପତ୍ତି ସାମ୍ନାକୁ ଆସିବ।

# ଶ୍ରୀଲଙ୍କା ଖେଳାଳିଙ୍କ ନିଷ୍ପତ୍ତିରେ ଚିନ୍ତିତ ମୋହସିନ ନକ୍‌ଭି
# ଓଡିଆଇ ସିରିଜ୍‌ର ସୂଚୀ ପରିବର୍ତ୍ତନ କଲା ପିସିବି





**ନୂଆଦିଲ୍ଲୀ**

ଇସଲାମାବାଦରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣ ପରେ ଖେଳାଳି ଭୟଭୀତ। ଫଳରେ ପାକିସ୍ତାନ ଗସ୍ତରେ ଥିବା ଶ୍ରୀଲଙ୍କା ଦଳ ସୁରକ୍ଷା ଦୃଷ୍ଟିରୁ ସ୍ୱଦେଶ ଫେରିବାକୁ ଚାହୁଁଛି। ଜୀବନ ପ୍ରତି ବିପଦ ଦର୍ଶାଇ ଭୟରେ ଅଛି ଶ୍ରୀଲଙ୍କା ଟିମ୍। ତଥାପି ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ୍ ନକ୍‌ଭି ଦାବି କରିଛନ୍ତି ଯେ ସିରିଜ ଜାରି ରହିବ। କେବଳ ସାମାନ୍ୟ ପୁନଃନିର୍ଦ୍ଧାରିତ ସମୟ ସୂଚୀରେ ପରିବର୍ତ୍ତନ କରାଯିବ।

ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଦିନିକିଆ ଗୁରୁବାର ରାୱଲପିଣ୍ଡିରେ ଖେଳାଯିବାକୁ ଥିଲା। କିନ୍ତୁ ଏହାକୁ ଏବେ ଶୁକ୍ରବାରକୁ ସ୍ଥଗିତ ରଖାଯାଇଛି। ଆଗକୁ ତୃତୀୟ ମ୍ୟାଚ୍ ଏବେ ନଭେମ୍ବର ୧୫ ପରିବର୍ତ୍ତେ ନଭେମ୍ବର ୧୬ରେ ସମାନ ସ୍ଥାନରେ ଖେଳାଯିବ। ଶ୍ରୀଲଙ୍କା ସିରିଜ ପାଇଁ ଏକ ୧୬ ଜଣିଆ ଦଳ ପଠାଇଛି। ସୂତ୍ର ଅନୁଯାୟୀ ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ଆଠ ଜଣ ସ୍ୱଦେଶ ଫେରିବାକୁ ଚାହୁଁଛନ୍ତି। ଶ୍ରୀଲଙ୍କା କ୍ରିକେଟ୍ (ଏସଏଲସି) ଖେଳାଳିଙ୍କ ଦାବିକୁ ଗ୍ରହଣ କରିଛି। କିନ୍ତୁ ସେମାନଙ୍କୁ ଓ ଦଳର ସହାୟକ କର୍ମଚାରୀଙ୍କୁ ଗସ୍ତ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛି।

ଏସଏଲସି ଏକ ବିବୃତ୍ତିରେ କହିଛି, 'ଟିମ୍ ମ୍ୟାନେଜମେଣ୍ଟ ଆମକୁ ଜଣାଇଛି ଯେ ପାକିସ୍ତାନ ଗସ୍ତ କରୁଥିବା ଜାତୀୟ ଦଳର ଅନେକ ଖେଳାଳି ସୁରକ୍ଷା ଚିନ୍ତାର କାରଣ ଦର୍ଶାଇ ସ୍ୱଦେଶ ଫେରିବାକୁ ଅନୁରୋଧ କରିଛନ୍ତି। ଏସଏଲସି ତୁରନ୍ତ ଖେଳାଳିମାନଙ୍କ ସହିତ ଯୋଗାଯୋଗ କରିଥିଲା। ସେମାନଙ୍କୁ ଆଶ୍ୱାସନା ଦେଇଥିଲା ଯେ ସମଗ୍ର ଦଳର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପସିବି ଓ ପ୍ରାସଙ୍ଗିକ ସୁରକ୍ଷା ଏଜେନ୍ସି ସହିତ ପରାମର୍ଶ କରି ସେମାନଙ୍କର ସମସ୍ତ ଚିନ୍ତାକୁ ଗମ୍ଭୀରତାର ସହ ବିଚାର କରାଯାଉଛି।

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ଦିନିକିଆକୁ ପାକିସ୍ତାନ ଛଅ ରନ୍‌ରେ ଜିତିଛି। ଏହି ଦିନିକିଆ ସିରିଜ୍ ପରେ, ଶ୍ରୀଲଙ୍କା ଦଳ ପାକିସ୍ତାନ ଏବଂ ଜିମ୍ବାୱେ ବିପକ୍ଷରେ ଏକ ତ୍ରିକୋଣୀୟ ସିରିଜ୍ ମଧ୍ୟ ଖେଳିବ। ପିସିବି ମୁଖ୍ୟ ମୋହସିନ୍ ନକ୍‌ଭି ଏକ୍ସରେ ଲେଖିଛନ୍ତି : 'ଶ୍ରୀଲଙ୍କା ଦଳର ପାକିସ୍ତାନ ଗସ୍ତ ଜାରି ରଖିବାର ନିଷ୍ପତ୍ତି ପାଇଁ ଆପଣଙ୍କୁ ଧନ୍ୟବାଦ। ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଦିନିକିଆ ମ୍ୟାଚ୍ ଏବେ ନଭେମ୍ବର ୧୪ ଏବଂ ୧୬ରେ ରାୱଲପିଣ୍ଡିରେ ଖେଳାଯିବ। ଏସଏଲସି କହିଛି ଯେ ଯେଉଁମାନେ ପ୍ରକୃତରେ ଫେରିବାକୁ ଚାହାନ୍ତି ସେମାନଙ୍କ ପାଇଁ ତୁରନ୍ତ ବଦଳ ପଠାଯିବ।

ବିବୃତ୍ତିରେ କୁହାଯାଇଛି: 'ଯଦି କୌଣସି ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ୍ ସଦସ୍ୟ ଏସଏଲସିରେ ନିର୍ଦ୍ଦେଶ ସତ୍ତ୍ୱେ ଘରକୁ ଫେରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସିରିଜ୍ ବାଧାପ୍ରାପ୍ତ ନ ହେବା ନିଶ୍ଚିତ କରିବା ପାଇଁ ଶ୍ରୀଲଙ୍କା କ୍ରିକେଟ୍ ତୁରନ୍ତ ଜଣେ ବଦଳ ପଠାଇବ। ଯଦି କୌଣସି ଖେଳାଳି କିମ୍ବା ସପୋର୍ଟ ଷ୍ଟାଫ୍ ସଦସ୍ୟ ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କର ଆଚରଣକୁ ଆନୁଷ୍ଠାନିକ ଭାବରେ ସମୀକ୍ଷା କରାଯିବ, ଏବଂ ସମୀକ୍ଷା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।'

# ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ କେନ୍ଦୁଝରର ସାର୍ଥକ ସ୍ୱୟଂପ୍ରକାଶ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ୍ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୂଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚ ବିହାର ଟ୍ରଫି ମ୍ୟାଚ୍‌ରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନା ଯୋଗ୍ୟ ଯେ ଗତ ବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ୍‌ରେ ସାମିଲ୍ ହୋଇ କୁଚ ବିହାର ଟ୍ରଫି ପାଇଁ ଖେଳିଥିଲେ। ନିର୍ମଳା କନଭେଣ୍ଟ ସ୍କୁଲ କେନ୍ଦୁଝରରୁ ମାଟ୍ରିକ ପାସ୍ କରିବା ପରେ ରେଭେନସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କଟକରେ ଯୁକ୍ତ ଦୁଇ ପଢ଼ିଥିଲେ ଏବଂ ବର୍ତ୍ତମାନ ରେଭେନ୍‌ସା ୟୁନିଭରସିଟି କଟକରେ +୩ ପ୍ରଥମ ବର୍ଷ କଳାରେ ଅଧ୍ୟୟନରତ ସାର୍ଥକ ବରିଷ୍ଠ ପ୍ରଶିକ୍ଷକ ଗିରୀଶ ଚନ୍ଦ୍ର ହୋତା ଏବଂ ବୋଦାପଳସା କ୍ରିକେଟ କ୍ଲବର ବରିଷ୍ଠ ପ୍ରଶିକ୍ଷକ ତଥା ମାର୍ଗଦର୍ଶକ ସୁଧାଂଶୁ ନାୟକଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣ ଦ୍ୱାରା ଓଡ଼ିଶା ଦଳରେ ପୁନର୍ବାର ସ୍ଥାନ ପାଇ ବେଶ ଖୁସି ଅଛନ୍ତି। ସୂଚନା ଯୋଗ୍ୟ ଯେ ୨୦୨୧ ମସିହା ୧୬ ବର୍ଷରୁ କମ୍ କ୍ରିକେଟ ଦଳରେ ବିଜୟ ମର୍ଚ୍ଚେଣ୍ଟ ଟ୍ରଫି ପାଇଁ ମଧ୍ୟ ସାର୍ଥକ ଚୟନ ହୋଇଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମନିର୍ଦ୍ଦେଶକ ତଥା ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଏବଂ ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ଆଇପିଏଲ ୨୦୨୬ରେ ହେବ ବଡ଼ ଅଦଳବଦଳ
# ଜାଡ଼େଜାଙ୍କୁ ମିଳିବ ଅଧିନାୟକ ପଦ !




**ମୁମ୍ବାଇ**

ଚେନ୍ନାଇ ସୁପର କିଙ୍ଗ୍ସର ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜାଙ୍କୁ ରାଜସ୍ଥାନ ରୟାଲ୍ସକୁ ଟେକି ଦିଆଯିବାର ରିପୋର୍ଟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ସାମ୍ନାକୁ ଆସୁଛି। କୁହାଯାଉଛି କି ଯଦି ରବିନ୍ଦ୍ର ଜାଡ଼େଜା ରାଜସ୍ଥାନ ରୟାଲ୍ସକୁ ଯାଆନ୍ତି, ତେବେ ତାଙ୍କୁ ଅଧିନାୟକ ପଦ ଦିଆଯିବ। ଏହା ଗୁରୁତ୍ୱପୂର୍ଣ୍ଣ ଯେ ସଞ୍ଜୁ ସାମସନ ଏବଂ ରବିନ୍ଦ୍ର ଜାଡେଜା ପୂର୍ବ-ନିଲାମ ବାଣିଜ୍ୟ ମାଧ୍ୟମରେ ପରସ୍ପରକୁ ବଦଳାଇବାକୁ ପ୍ରସ୍ତୁତ। ଯଦି ଜାଡେଜା ରାଜସ୍ଥାନ ରୟାଲ୍ସକୁ ଯାଆନ୍ତି, ତେବେ ସଞ୍ଜୁ ସାମସନ ଚେନ୍ନାଇ ସୁପର କିଙ୍ଗ୍ସରେ ଯୋଗ ଦେଇପାରନ୍ତି।

ଜାଡ଼େଜା ନିଜେ ଜଜ ଠାରୁ ଅଧିନାୟକ ପଦ ପାଇଁ ଅନୁରୋଧ କରିଥିଲେ। ୩୭ ବର୍ଷୀୟ ରବିନ୍ଦ୍ର ଜାଡ଼େଜା ଆଇପିଏଲରେ ତାଙ୍କର ଶେଷ କିଛି ସିଜନରେ ଅଧିନାୟକ ପଦର ଅତିରିକ୍ତ ଦାୟିତ୍ୱ ନେବାକୁ ଚାହାଁନ୍ତି। ରାଜସ୍ଥାନ ରୟାଲ୍ସରେ ଜାଡ଼େଜା ବ୍ୟତୀତ କିଛି ନୂତନ ମୁହଁ ଅଛନ୍ତି, ଯେପରିକି ରିୟାନ ପରାଗ, ଯଶସ୍ୱୀ ଜୟସ୍ୱାଲ ଏବଂ ଧ୍ରୁବ ଜୁରେଲ। ତେବେ ଦଳ ମଧ୍ୟରେ ଆଭ୍ୟନ୍ତରୀଣ ସ୍ଥିରତା ବଜାୟ ରଖିବା ପାଇଁ ଜାଡ଼େଜାଙ୍କୁ ଅଧିନାୟକ ପଦ ଦିଆଯାଇପାରେ। ଏଠାରେ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ରବିନ୍ଦ୍ର ଜାଡ଼େଜା ୨୦୦୮ରେ ରାଜସ୍ଥାନ ରୟାଲ୍ସ ସହିତ ତାଙ୍କର ଆଇପିଏଲ କ୍ୟାରିୟର ଆରମ୍ଭ କରିଥିଲେ।

ଏହି ସମୟରେ, ସଞ୍ଜୁ ସାମସନ ଅତି କମ୍‌ରେ ଏହି ସିଜିନ ପାଇଁ ସିଏସ୍‌କେର ନେତୃତ୍ୱ ନେବେ ନାହିଁ। ୟେଲୋ ୟେଲୋ ଆର୍ମି ଏ ପର୍ଯ୍ୟନ୍ତ ଏମଏସ ଧୋନୀଙ୍କ ଐତିହ୍ୟକୁ ବହନ କରିବା ପାଇଁ ଖେଳାଳି ପାଇନାହିଁ। ବର୍ତ୍ତମାନ ଋତୁରାଜ ଗାୟକ୍‌ୱାଡ ଚେନ୍ନାଇ ସୁପର କିଙ୍ଗ୍ସର ନେତୃତ୍ୱ ନେଉଛନ୍ତି, କିନ୍ତୁ ଆଘାତ ଯୋଗୁଁ ସେ ଗତ ସିଜିନର ଅଧିକାଂଶ ସମୟ ପାଇଁ ଖେଳରୁ ବାହାରେ ଥିଲେ। ସୂତ୍ରରୁ ଜଣାପଡିଛି ଯେ ସିଏସକେ ପରିଚାଳନା ବର୍ତ୍ତମାନ ରବିନ୍ଦ୍ର ଜାଡେଜାଙ୍କୁ ଅଧିନାୟକତ୍ୱ ହସ୍ତାନ୍ତର କରିବାକୁ ମନସ୍ଥ କରିନାହିଁ।

# ଇଣ୍ଟର ସ୍କୁଲ କ୍ରିକେଟ ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଷ୍ଟାଡିୟମ ପଡ଼ିଆ ଓ କଲେଜ ପଡ଼ିଆ ପରିସରରେ କୋରାପୁଟ ଜିଲ୍ଲା ଇଣ୍ଟର ସ୍କୁଲ କ୍ରିକେଟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ୬୦ଜଣ ଖେଳଳିଙ୍କୁ ନେଇ ଏହି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ରେଡ୍, ବ୍ଲୁ, ଅରେଞ୍ଜ ଓ ୟେଲୋକୁ ନେଇ ୪ଟି ଦଳ କରାଯାଇଛି। ପ୍ରଥମ ମ୍ୟାଚ୍ ରେଡ୍ ଦଳ ଓ ବ୍ଲୁ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଦଳ ପ୍ରଥମେ ବ୍ୟାଟିଂ କରି ୨୧.୨ ବଲରେ ୧୨୫ ରନ କରି ଅଲଆଉଟ ହୋଇଯାଇଥିଲେ। ରେଡ୍ ଦଳ ୨୦.୧ ଓଭରରେ ୩ଟି ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲେ। ବ୍ଲୁ ଦଳର ସଲମିତ ସଲାମ ଡଙ୍ଗରୀ ୨୮ ରନ ସଂଗ୍ରହ କରିଥିବା ବେଳେ ରେଡ୍ ଦଳର ଅଂଶୁମାନ ପରିଡ଼ା ୨୮ ରନ ସଂଗ୍ରହ କରିଥିଲେ। ସେହିପରି ରେଡ୍ ଟିମ୍‌ର ଶୁଭ୍ରାଂଶୁ ଷଡ଼ଙ୍ଗୀ ୩ ୱିକେଟ ଅକ୍ତିଆର କରିଥିଲେ। ଆଜିର ପ୍ରଥମ ମ୍ୟାଚ୍‌ରେ ଅନୁପ ପାତ୍ର ଓ ରାଜେନ୍ଦ୍ର ଗ୍ରେଡ୍ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାବୁଲା ରାଉତ, ରବି ନାୟକ, ବାପି ପରିଡ଼ା, ବଳରାମ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ। ଏମ୍ପାୟାର ଭାବେ ପ୍ରିୟ ରଞ୍ଜନ ପାତ୍ର ଓ ଅବେଦ ନାୟକ ଏବଂ ସ୍କୋରର ଭାବେ ବିକ୍ରମ ଦେବ ମହାପାତ୍ର ଓ ଅକ୍ଷୟ କୁମାର ପ୍ରଧାନୀ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ ୟେଲୋ ଓ ଅରେଞ୍ଜ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟେଲୋ ଦଳ ପ୍ରଥମେ ବ୍ୟାଟିଂ କରି ୨୨.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୯ ରନ ସଂଗ୍ରହ କରିଥିବା ବେଳ୍‌ଏ ଅରେଞ୍ଜ ଦଳ ୩୫ ଓଭରରେ ୯ଟି ୱିକେଟ ହରାଇ ୧୬୦ ରନ ସମ୍ପଗ୍ରହ କରିଥିଲେ। ଏହି ମ୍ୟାଚ୍‌ରେ ବାଲାରାୟ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଶୁଭମ ସିଂ ଓ ରୋସନ ବେହେରା ଅମ୍ପାୟର ଓ ସାହୁକାରୀ ଗୌରବ ସ୍କୋରର ଭାବେ ଉପସ୍ଥିତ ଥିଲେ। ଏହି ଚୟନ ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ହେବା ଟିମ୍ ଆସନ୍ତା ୨୦ ତାରିଖରେ କଟକ ଠାରେ ହେବାକୁ ଥିବା ଇଣ୍ଟର ସ୍କୁଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ।

# ଐତିହାସିକ ବିଶ୍ୱକପ ବିଜୟ ପରେ ବ୍ରାଣ୍ଡ ପାଇଁ ମହିଳା କ୍ରିକେଟରଙ୍କ ବ୍ୟାଟିଂ

**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ ଟିମ୍ ଐତିହାସିକ ବିଶ୍ୱକପ ବିଜୟୀ ହେବା ପରେ ତାଙ୍କୁ ବହୁ ବଡ଼ ବଡ଼ ବିଜ୍ଞାପନର ଚେହେରା ପାଲଟିଛନ୍ତି। ବିଶ୍ୱକପ ଜିତିବାର ୩ ଦିନ ପରେ ଜେମିମା ରୋଡ୍ରିଗ୍ସ ଓ ଦ୍ରୁତ ବୋଲର ରେଣୁକା ସିଂହ କେଏଫସି ଗ୍ରେଟ୍ ଫେଷ୍ଟିଭାଲକୁ ସମର୍ଥନ କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଜେମିମା ବୋଟ୍ ପାଇଁ ବ୍ୟାଟକୁ ଗୀଟାର କରି ବଜାଇ ବ୍ରାଣ୍ଡର ପ୍ରୋମାସୋନ କରିଥିବା ଦେଖିବାକୁ ମିଳିଛି। ବିଶ୍ୱକପ ବିଜୟ ପରେ ମହିଳା କ୍ରିକେଟରଙ୍କ ବିଭିନ୍ନ





ପ୍ଲାଟଫର୍ମରେ ନିୟୋଜିତ ହେବାର ଅଭୂତପୂର୍ବ ୬ ଗୁଣା ବୃଦ୍ଧା ହୋଇଛି।

ବିଶ୍ୱକପ ପରେ ହୋଇଥିବା ଏକ ଡିଜିଟାଲ ସର୍ଭେରେ ସ୍ମୃତି ମାନ୍ଧାନାଙ୍କ ମୋଟ ୧୩.୩ ଏମ୍ ଫୋଲର୍ସ ଅଛନ୍ତି। ନୂଆ ଫୋଲର୍ସ ୫୮୧ କେ ହୋଇଛନ୍ତି। ୪.୩୭ ପ୍ରତିଶତ ବଢ଼ିଛି। ସେହିପରି ଜେମିମାଙ୍କର ୫୮୧ ନୂଆ ସହ ମୋଟ୍ ଫଲୋର୍ସ ୩.୨ଏମ୍ ଅଛନ୍ତି। ଯାହା ୪୭.୩ ବଢ଼ିଛି। ସେହିପରି ମହିଳା କ୍ରିକେଟ ଦଳର ଅଧିନାୟିକା ହର୍ମନପ୍ରୀତ କୌର ୩୮୦କେ ଫଲୋର୍ସ ବଢ଼ିବା ସହ ୨.୮ ଏମ୍ ଫଲୋର୍ସ ଅଛନ୍ତି। ଶେଫାଳି ବର୍ମାଙ୍କର ୧୩୨କେ ନୂଆ ଫଲୋର୍ସ ସହ ମୋଟ ୭୭୪କେ ଫଲୋର୍ସ ଅଛନ୍ତି।

ଫାଇନାଲ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଜେମିମାଙ୍କ ପ୍ରଦର୍ଶନ ଖୁବ ଚମତ୍କାର ଥିଲା। ଯାହା ସର୍ଫ ଏକ୍ସେଲକୁ ଏହାର ପ୍ରସିଦ୍ଧ ଲାଇନ୍ 'ଦାଗ୍ ଆଚ୍ଛା ହେଁ' ସହିତ ଯୋଡ଼ିଥିଲା। 'ଜବ୍ ଦେଶ କି ମାଟି କେ ଲିଏ ଦାଗ୍ ଲଗେ, ତୋ ଦାଗ୍ ଆଚ୍ଛା ହେଁ' ବାର୍ତ୍ତା ଦେଇଥିଲା ବ୍ରାଣ୍ଡ। ସେମି ଫାଇନାଲରେ ଜେମିମା ଶତକୀୟ ପାଳି ଖେଳି ଶେଷ ଯାଏ କ୍ରିଜ୍‌ରେ ଉପସ୍ଥିତ ଥିଲେ। ତାଙ୍କ ଜର୍ସିରେ ଦାଗ ଦେଖିବାକୁ ମିଳିଥିଲା।

# ଜାନୁଆରୀ ୭ରୁ ସୁବର୍ଣ୍ଣ ଲୋକ ମହୋତ୍ସବ ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣ ଲୋକ ମହୋତ୍ସବ ଓ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ଆସନ୍ତା ଜାନୁୟାରୀ ମାସ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ ଠାରେ ଆୟୋଜିତ ହେବାନେଇ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏସ୍‌ପି ନାରାୟଣ ନାଏକ, ଏଡିଏମ୍ ରାଜେନ୍ଦ୍ର ମାଝୀ, ଏଡିଏମ୍ ଅଞ୍ଜଳୀନା ପଧାନଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ସହରର ସମସ୍ତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା, ସ୍କୁଲ କଲେଜ କର୍ତ୍ତୃପକ୍ଷ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ସଂଘ ସଦସ୍ୟ ଯୋଗ ଦେଇ ଏହି ଉତ୍ସବକୁ ଅତ୍ୟନ୍ତ ଜାକଜମକରେ ଶାନ୍ତି ଶୃଙ୍ଖଳା ଓ ସଫଳ ଭାବେ ପରିଚାଳନା ପାଇଁ ବିଭିନ୍ନ ସୁଚିନ୍ତିତ ମତାମତ ରଖିଥିଲେ। ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ନୂତନ କମିଟି ମଧ୍ୟ ଗଠନ କରାଯାଇଛି। ଗ୍ରାମାଞ୍ଚଳ କଳାକାର ମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସୂଚନା ଦେଲେ। ପଲ୍ଲିଶ୍ରୀ ମେଳାରେ କେମିତି ଅଧିକ ନୂତନ ସାମଗ୍ରୀ ଆସିବା ସହ ପ୍ଲାଷ୍ଟିକ ମୁକ୍ତ ରହିବ ସେଥିପ୍ରତି ଧ୍ୟାନ ଦିଆଯିବ।ବିଶେଷ କରି ଆରମ୍ଭ ଦିନ ଅଧିଷ୍ଠାତ୍ରୀ ଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବେଳେ ଅନ୍ୟୁନ ୧୦୦୦ରୁ ଉର୍ଦ୍ଧ୍ୱ କଳାକାରମାନଙ୍କୁ ନେଇ ଥିଏଟର ମାର୍ଚ୍ଚ କରିବାସହ ମେଳା ପରିସରରେ ଫୁଡ୍ କୋର୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରେ କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବାପରେ ଗୁରୁତ୍ୱାରୋପ କରାଯାଇଥିଲା।



# ମାଲକାନଗିରି ପ୍ରିମିୟର ଲିଗ୍-୨୦୨୫ ଉଦ୍‌ଘାଟିତ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଡି.ଏନ.କେ ଖେଳ ପଡ଼ିଆଠାରେ ଜଗଦୀଶ ରାଓ କ୍ରିକେଟ କ୍ଲବ ପକ୍ଷରୁ ମାଲକାନଗିରି ପ୍ରିମିୟର ଲିଗ୍-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗୁରୁବାରର ଉଦ୍‌ଘାଟନୀ ମ୍ୟାଚ୍‌ରେ କାଳିମେଳାର ମାହି ହୋଣ୍ଡା କିଙ୍ଗସ ଏକାଦଶ ଦଳ ଏମ.ଭି- ୭୯ର ସାବେରୀ ଟ୍ରାଇବାଲ ଯୋଦ୍ଧା ଦଳକୁ ୨୫ ରନରେ ପରାଜିତ କରିଛି। କାଳିମେଳାର ମାହି ହୋଣ୍ଡା କିଙ୍ଗସ ଏକାଦଶ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ମୋଟ ୧୮୧ ରନ କରିଥିଲା। ଏହାର ପ୍ରତି ଜବାବରେ ଏମ. ଭି-୭୯ର ସାବେରୀ ଟ୍ରାଇବାଲ ଯୋଦ୍ଧା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଟି ଉଇକେଟ ହରାଇ ମାତ୍ର ୧୫୬ ରନ ସଂଗ୍ରହ କରିଥିଲା। କାଳିମେଳାର ମାହି ହୋଣ୍ଡା କିଙ୍ଗସ ଏକାଦଶ ଦଳର ଦିନେଶ ହାଲବା ୨୪ଟି ବଲରେ ୨୭ ରନ କରି ୩ ଓଭରରେ ମାତ୍ର ୨୨ ରନ ଦେଇ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଅବସରରେ ପୂର୍ବତନ ଇଣ୍ଡିଆ ଟିମ୍ ମ୍ୟାନେଜର ସତବିର ସିଂ, ଜିଲ୍ଲା କ୍ରିକେଟ ସଂଘ ସଭାପତି ଏମ୍‌ଡି ଫାରୁକ, ସମ୍ପାଦକ ବାବୁଲା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

Government of Odisha "e" Procurement Notice
Bid Identification No.26 /2025-26
C-1456

| | | |
|---|---|---|
| 1. Name of the work | : | 02 Nos. of work |
| 2. Estimated cost | : | 14.84 lakh to 21.46 Lakh. |
| 3. Period of completion | : | Two months. |
| 4. Date & Time of availability of bid document in the portal | : | From 11.00 AM. of 22.09.2025 to 5.00 PM of 03.10.2025 |
| 5. Last date / time for receipt of bids in the portal | : | 5.00 PM of 03.10.2025 |
| 6. Name and address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd/- Superintending Engineer
P.H. Division, Bhubaneswar

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION, BHUBANESWAR
Email: - eerwel_bbsr@yahoo.co.in
O-1435

No 3951 Dt. 6.11.2025

1st CORRIGENDUM

In continuation to this office N.I.T No. Tender Online- Electrical Division, Bhubaneswar-18/ 2025-26 dt.01.11.2025 issued vide this office letter No.3852 Dt.01.11.2025, partial modification of N.I.T has been made as follows.

| Sl.No | Item | Time schedule s per original N.I.T | Time schedule as per corrigendum notice |
|---|---|---|---|
| 1 | Date & time of availability of bid documents in the portal | From Dt.07.11.2025 at 12:00 A.M to Dt.14.11.2025 up to 5:00 P.M | From dt.19.11.2025 at 12:00 A.M to Dt.28.11.2025 up to 5:00 A.M |
| 2 | Date & time of opening of tender | Dt.15.11.2025 at 01:00 P.M | Dt.29.11.2025 at 01:00 P.M |

All other terms & Conditions are remain unchanged.

Sd/- Execuive Engineer
Rural Works. Division, Bhubaneswar

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL.WORKS DIVISION, DEOGARH.
E-mail Id eerw deogarh@yahoo.co.in
O-1383

E-Procurement Notice

BID.IDENTIFICATION NO. SERWDGH-Online- 07/2025-26

1. No of building works :- (03 Nos)
2. Estimated cost :- Approx Rs.16.20 lakh to Rs.36.22 lakh each
3. Mode of submission of tender :- Tender shall be submitted online in www.tendersodisha.gov.in
4. Availability of tender for online bidding :- 14.11.2025, 10.00 A.M to 24.11.2025 up to 5.00 P.M
5. Date and time of opening of tender :- 25.11.2025, 11.00 A.M

Other details can be seen from the website www.tendersodisha.gov.in
Corrigendum / Addendum if any shall only be published ill the above website.

Sd/- Superintending Engineer
R.W. Division, Deogarh



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୀଳଗିରି ହେଉଛି ...

ତାଙ୍କୁ ଦମନ କରିପାରେନି । ଆଜିର ଏହି ଗଣ ପଦଯାତ୍ରା ଆମକୁ ସେହି 'ଭିନ୍ନତାରେ ଏକତାର' ସନ୍ଦେଶ ଦେଉଛି । ଜାତି, ଧର୍ମ, ଭାଷା, ନିର୍ବିଶେଷରେ ଆମେ ସମସ୍ତେ ଭାରତୀୟ । ଏହି ଏକତା ହେଉଛି ଆମର ଶକ୍ତି, ଆମର ପରିଚୟ ବୋଲି ସେ କହିଥିଲେ ।

ସେ ଆହୁରି କହିଥିଲେ ଯେ, ଆମ ସରକାର ଆସିଲା ପରଠୁ, ଏହି ବିଷୟରେ ସଂପୂର୍ଣ୍ଣ ଭାବେ ସଚେତନ ଅଛନ୍ତି ଏବଂ ଯୁବ ବର୍ଗଙ୍କ କଲ୍ୟାଣ ପାଇଁ ନିଯୁକ୍ତି ଠାରୁ ଆରମ୍ଭ କରି ଶିକ୍ଷା, ଖେଳକୁଦ, କ୍ରିଏଟିଭିଟି ପାଇଁ ନୂତନ ସୁଯୋଗ ସରକାର କାର୍ଯ୍ୟକାରୀ କରୁଛନ୍ତି । ମୋଦୀଙ୍କ ମନ୍ତ୍ର, ଦେଶର ଚାରିବର୍ଗ ଅର୍ଥାତ୍ 'କୃଷକ, ଗରିବ, ମହିଳା ଏବଂ ଯୁବ' ଭିତରେ ଯୁବ ଗୋଷ୍ଠୀ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରୁଛି । ତେଣୁ ଆମ ସରକାର ବି ମୋଦୀଙ୍କର ଏହି ଭାବନାକୁ ସଂପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା ପାଇଁ ଯାହାସବୁ ସମ୍ଭବ, କରିବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ କରୁଛନ୍ତି ମଧ୍ୟ । ଏହି ଅବସରରେ ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି ଆମେ ସମସ୍ତେ ମିଳିମିଶି ସଂଗଠିତ ହୋଇ ଶକ୍ତ ଓ ସମୃଦ୍ଧ ଓଡ଼ିଶା ଓ ଭାରତ ଗଢ଼ିବାରେ ଲାଗି ପଡ଼ିବା । ଏହି ପଦଯାତ୍ରା ଅବସରରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ଆଜିର ଯୁଗ ହେଉଛି ଶିକ୍ଷା ଓ ଜ୍ଞାନର ଯୁଗ । ଆମ ଯୁବ ସମାଜକୁ ଦେଶ ଗଢ଼ିବାରେ ନେତୃତ୍ୱ ଦେବାକୁ ଆଗେଇ ଆସିବା ଆବଶ୍ୟକ । ଆଜିର ଏକତା ପଦଯାତ୍ରା ସେହି ଯୁବସମାଜକୁ ଆଗେଇ ଆସିବାକୁ ଆହ୍ୱାନ । ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଓ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ସ୍ୱାଗତଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ ।

## ପ୍ରଶାସନିକ ସଂସ୍କାର ...

ହେଉଥିବା ବିଭିନ୍ନ ବ୍ୟବସ୍ଥାର ନିଯୁକ୍ତି ପ୍ରକ୍ରିୟା ଓ ସେଥିରେ ସୁଧାର ସଂପର୍କିତ ପ୍ରସ୍ତାବ, ନିଯୁକ୍ତି ପାଇଁ ନିୟୋଜିତ ସଂସ୍ଥାଗୁଡିକର ଦକ୍ଷତା ବୃଦ୍ଧି, ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥାଗତ ପରାମର୍ଶ ଦେବା ପାଇଁ ପ୍ରସ୍ତାବ ଦେବେ । ସେହିପରି ଆନ୍ତଃ ବିଭାଗୀୟ ସମନ୍ୱୟ ଓ ସହଯୋଗ ରକ୍ଷା କରି ରାଜ୍ୟ ସରକାରଙ୍କ ଉଚ୍ଚ ଅଗ୍ରାଧିକାର କ୍ଷେତ୍ରଗୁଡିକର କାର୍ଯ୍ୟ ତ୍ୱରାନିତ କରିବା ପାଇଁ ବିଭାଗୀୟ ପ୍ରକ୍ରିୟାରେ ସୁଧାର ଆଣିବା ପାଇଁ କମିଟି ମଧ୍ୟ ପରାମର୍ଶ ଦେବେ ।

ବିଭିନ୍ନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କମିଟି ସମସ୍ତଙ୍କ ମଧ୍ୟରେ ବିକାଶ ମାନସିକତା ବୃଦ୍ଧି ପାଇଁ ପଦକ୍ଷେପ ନେବ । କମିଟି ଏହାର ସୁପାରିସ ମଧ୍ୟରେ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସେମାନଙ୍କର ଉତ୍ସାହ ବୃଦ୍ଧିକୁ ଗୁରୁତ୍ୱ ଦେବେ । ଭିତ୍ତିଭୂମି ପ୍ରକଳ୍ପ କ୍ଷେତ୍ରରେ ବୈଷୟିକ ବିଶେଷଜ୍ଞମାନଙ୍କ ସହିତ ବୈଠକ କରି ମତାମତ ନେବା ସହିତ ପରାମର୍ଶ ଦେବେ । କମିଟି ବୈଠକ ପ୍ରତି ମାସରେ ଅନ୍ତତଃ ଥରେ ଅନୁଷ୍ଠିତ ହେବ ଓ ଆବଶ୍ୟକ ସ୍ଥଳେ ଆଭାସୀ ମାଧ୍ୟମରେ ମଧ୍ୟ ଅନୁଷ୍ଠିତ ହେବ । କମିଟିର ଅଧ୍ୟକ୍ଷ ଓ ସଭ୍ୟମାନଙ୍କର ପ୍ରଶାସନିକ ତଥା ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତାକୁ ପାଥେୟ କରି ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କୁ ଉପଯୁକ୍ତ ପରାମର୍ଶ ଦେଇପାରିବେ ବୋଲି ବୈଠକର ଅଧକ୍ଷ ଓ ସଭ୍ୟମାନେ ଆଶା ପ୍ରକାଶ କରିବା ସହିତ ସେମାନଙ୍କର ମତ ରଖିଥିଲେ ।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ରାଜ୍ୟ ସରକାରଙ୍କ ତରଫରୁ ନିଆ ଯାଇଥିବା କେତେକ ପ୍ରଶାସନିକ ସଂସ୍କାର ସମ୍ପର୍କିତ ସୂଚନା କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ । ଜନ ଅଭିଯୋଗ ଶୁଣାଣି ବ୍ୟବସ୍ଥାର ଆଧୁନିକୀକରଣ, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ତଦାରଖ ବ୍ୟବସ୍ଥା, 'ଆମ ଶାସନ' ଫିଡ୍‌ବ୍ୟାକ୍ ବ୍ୟବସ୍ଥା, ୱାର୍କ ପାସ୍ ବୁକ୍ କାର୍ଯ୍ୟକାରିତା ଆଦି ସଂପର୍କରେ କମିଟିରେ ଆଲୋଚନା କରିଥିଲେ । କମିଟିର ସୁପାରିସ ଦ୍ୱାରା ପ୍ରଶାସନିକ କାର୍ଯ୍ୟ, ଶାସନ ପରିଚାଳନା ଅଧିକ ଦକ୍ଷତାର ସହ ହୋଇପାରିବା ସହ ଏହା ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିପାରିବ ବୋଲି ମୁଖ୍ୟ ଶାସନ ସଚିବ ଆଶା ପ୍ରକାଶ କରିଛନ୍ତି ।

ଉନ୍ନୟନ କମିଶନର ଏବଂ ଅନ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବମାନେ ବିଭିନ୍ନ କ୍ଷେତ୍ରରେ ପ୍ରଶାସନିକ କାର୍ଯ୍ୟ ପରିଚାଳନା ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଉଠୁଥିବା ସମସ୍ୟା ସଂପର୍କରେ ଆଲୋଚନା କରିବା ସହିତ ସେସବୁର ସମାଧାନ ପାଇଁ କମିଟିର ଦୃଷ୍ଟି ଆକର୍ଷଣ କରିଥିଲେ ।

## ରାଷ୍ଟ୍ରପତିଙ୍କ ...

ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସଂସଦୀୟ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ ସିଂହ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ, ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ, ଓଡିଶିସିଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ରାଧାକୃଷ୍ଣ ଶର୍ମା, ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍, ଦେବ ଦତ୍ତ ସିଂହ, ଗୁଇନ୍ଦା ନିର୍ଦ୍ଦେଶକ ଆର. ପି କୋଚେ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ବିଏମସି କମିଶନର ଚଞ୍ଚଳ ରାଣା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏଜି ଛକରୁ ହଟିବ...

ଜୟଦେବ ବିହାରଠାରୁ ନନ୍ଦନକାନନ ରାସ୍ତାର ପ୍ରଶସ୍ତିକରଣ ଓ ଉଭୟ ପଟରେ ସମାନ୍ତରାଳ ରାସ୍ତା ନିର୍ମାଣ ଏବଂ ସଂଯୋଗୀକରଣ ରାସ୍ତା, ଏମସ୍‌କୁ ଯାଉଥିବା ରାସ୍ତାର ଉନ୍ନତି ଓ ପ୍ରଶସ୍ତିକରଣ, ଖଣ୍ଡଗିରି-ଜାଗମରା ଏଲିଭେଟେଡ୍ ରାସ୍ତା ଏବଂ କଳ୍ପନା ଛକରେ ଆଧୁନିକ ଏଲିଭେଟେଡ୍ ରାସ୍ତା ସହ ଏ.ଜି ଛକରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇଁ ଦୁଇ ଥାକିଆ ରାସ୍ତାର ପରିକଳ୍ପନା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥି ସହିତ ପୁରୀର ବିଭିନ୍ନ ରାସ୍ତା, କୋଠାବାଡ଼ି, ଧର୍ମଶାଳା, ପାଠାଗାର ଏବଂ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ମନ୍ତ୍ରୀ ସମୀକ୍ଷା କରିବା ସହ ସମସ୍ତ ନିର୍ମାଣ କାର୍ଯ୍ୟକୁ ଅତିଶୀଘ୍ର ସମାପ୍ତ କରିବା ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଏଥି ସହିତ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ଡିଭିଜନ୍ ସ୍ତରରେ ବିଭିନ୍ନ ସରକାରୀ ବିଧି ବ୍ୟବସ୍ଥାକୁ ତ୍ୱରିତ କରିବା ପାଇଁ ସମସ୍ତ କାର୍ଯ୍ୟ ଓସ୍ୱାସ୍ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଜରିଆରେ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ଏହି କ୍ରମରେ ଆଜିଠାରୁ ଓବିସିସିର ସମସ୍ତ ସରକାରୀ କାର୍ଯ୍ୟ ଓସ୍ୱାସ୍ ମାଧ୍ୟମରେ ହେବା ନେଇ ଶୁଭାରମ୍ଭ ହୋଇଛି ।

ଏହି ବୈଠକରେ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ପୂର୍ତ୍ତ ବିଭାଗର ଇଆଇସି(ସିଭିଲ୍) ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଓବିସିସିର ପରିଚାଳନା ନିର୍ଦ୍ଦେଶକ ସମୀର ହୋତା, ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ (ରାସ୍ତା-୧) ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ (ବିଲ୍ଡିଂ-୧) ଇଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ଯନ୍ତ୍ରୀ(ରାସ୍ତା -୨) ଇଂ ଶିବବ୍ରତ ତରିଆ,ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର,ଭୁବନେଶ୍ୱର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ ମନୋଜ ମହାନନ୍ଦଙ୍କ ସହ ଏନ୍‌ଏଚ୍‌ଏଆଇର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏଣିକି ଗୋଟିଏ ...

ବିଧାୟକ ଓ ବ୍ରହ୍ମଗିରି ବିଧାୟିକା ପ୍ରମୁଖ ଉପସ୍ଥିତ ଥିଲେ । ପୁରୀ ବାସିନ୍ଦାଙ୍କ ଜମିଜମା ସମସ୍ୟାର ସମାଧାନ ଉପରେ ବୈଠକରେ ଆଲୋଚନା ହୋଇଥିଲା ।

## ଜାଡ଼ରେ ଥରୁଛି...

ହୋଇଛି । ସେହିପରି ଜି. ଉଦୟଗିରିରେ ତାପମାତ୍ରା ୭.୪ ଡିଗ୍ରୀ ଥିବାବେଳେ ଦାରିଙ୍ଗବାଡ଼ିରେ ୭.୫ ଏବଂ ଫୁଲବାଣୀରେ ୮.୫ ଡିଗ୍ରୀ ତାପମାତ୍ରା ରହିଛି । ୧୫ ଡିଗ୍ରୀ ତଳେ ଟ୍ୱିନ୍ ସିଟିର ରାତ୍ରି ତାପମାତ୍ରା ଥିବାବେଳେ କଟକରେ ୧୪.୬ ଓ ଭୁବନେଶ୍ୱରର ତାପମାତ୍ରା ୧୪.୧ ଡିଗ୍ରୀ ରହିଛି ।

ଓଡ଼ିଶାର କଶ୍ମୀର 'ଦାରିଙ୍ଗବାଡ଼ି'ରେ କ୍ରମାଗତ ଭାବେ ତାପମାତ୍ର ହ୍ରାସ ପାଉଥିବା ଦେଖିବାକୁ ମିଳିଛି । ଏହା ଫଳରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଥଣ୍ଡା ବୃଦ୍ଧି ପାଇଛି । ବ୍ଲକ ତାପମାତ୍ରା ସୂଚନା କେନ୍ଦ୍ରରୁ ପ୍ରକାଶ ୬ତାରିଖରେ ୧୫ ଡିଗ୍ରୀ ସେଲସିୟସ ଥିବା ବେଳେ ୭ଦିନରେ ଗୁରୁବାର ୭.୫ ଡିଗ୍ରୀ ସେଲସିୟସ ହ୍ରାସ ପାଇଛି । ୯ ତାରିଖରେ ତାପମାତ୍ରା ହ୍ରାସ ପାଇ ୧୧ ଡିଗ୍ରୀ ସେଲସିୟସ ହୋଇଥିଲା ବେଳେ ଗୁରୁବାର ଦାରିଙ୍ଗବାଡ଼ିରେ ୭.୫ ଡିଗ୍ରୀ ସେଲସିୟସରେ ପହଞ୍ଚିଛି ।

# ଉତ୍କଳ ଆଲୁମିନା ଓ ଜିଲ୍ଲା ପ୍ରଶାସନ ସହଭାଗିତାରେ ସାଇବର ସଚେତନତା କାର୍ଯ୍ୟକ୍ରମ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**



ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସାଇବର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ପୁଲିସ ପ୍ରଶାସନ ଏବଂ ଉତ୍କଳ ଆଲୁମିନା ପକ୍ଷରୁ ମିଳିତ ଆନୁକୁଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଗୌରହରୀ ସାହୁ ଯୋଗ ଦେଇ କହିଛନ୍ତି ଯେ, କ୍ରମବର୍ଧିଷ୍ଣୁ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟର ବହୁଳ ବ୍ୟବହର ଦୈନନ୍ଦିନ ଜୀବନରେ ଏକ ଅଭିନ୍ନ ଅଙ୍ଗ ହେଉଛି । ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା ଉପଯୋଗ ବୃଦ୍ଧି ତଥା ଅନ୍ୟାନ୍ୟ ନୂତନ ପ୍ରଯୁକ୍ତି ଯୋଗୁଁ ସାଧାରଣ ଲୋକେ ଏହାର ଉଚିତ୍ ବ୍ୟବହାର ନଜାଣି ସାଇବର ଠକେଇର ଶିକାର ହୋଇଛନ୍ତି । ଇଣ୍ଟରନେଟ୍ ସୁରକ୍ଷା ପ୍ରତି ଶିକ୍ଷିତ ବର୍ଗ ମଧ୍ୟ ସଚେତନତା ଅବଲମ୍ବନ କରୁନଥିବାରୁ ଏହା ଦୁର୍ବୃତ୍ତଙ୍କ ସାହସ ବୃଦ୍ଧି କରିଛି ବୋଲି ଶ୍ରୀ ସାହୁ ନିଜ ବକ୍ତବ୍ୟରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ରାୟଗଡା ସାଇବର ସେଲ୍‌ର ନିରୀକ୍ଷକ ଅଭିନାଶ ରେଡ୍ଡି କହିଥିଲେ ଯେ, ସାଇବର ଅପରାଧ ପ୍ରତିରୋଧ ପାଇଁ ଏକମାତ୍ର ଉପାୟ ସଚେତନତା । ସାଇବର ଠକ ମାନଙ୍କୁ ଚିହ୍ନଟ କରିବା । ଏବଂ ନିଜର ପାସୱାର୍ଡ ସୁରକ୍ଷା, ସୁରକ୍ଷିତ ଅନଲାଇନ୍ ପରିଚାଳନା ଓ ୱାଟସ୍ ଆପ୍ ଓ ଫେସବୁକ୍ ଭଳି ସୋସିଆଲ୍ ମିଡିଆ ମାଧ୍ୟମରେ ଠକଙ୍କ ପ୍ରତି ସଜାଗ ରହିବା ସମ୍ପର୍କରେ ସେ ଗୁରୁତ୍ୱାରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାଇବର ସଚେତନତା ସମ୍ବନ୍ଧିତ ବିଭିନ୍ନ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନେ ଉତ୍ସାହ ସହ ଯୋଗଦେଇ ଥିଲେ । ଏହି ଅବସରରେ ଦୋରାଗୁଡା ଥାନାଧିକାରୀ ଶ୍ରୀମତୀ କିରଣବଳା ସାମଲ ଓ ଟିକିରି ଥାନାଧିକାରୀ ଶ୍ରୀମତୀ ବିଶ୍ୱବନ୍ଦିନୀ ବାଗ ଉପସ୍ଥିତ ଥିଲେ । ଉତ୍କଳ ଆଲୁମିନା ପକ୍ଷରୁ ପରମଜିତ ସିଂହ ବଜ୍ୱା, ବିଜୟ ଚୌହାନ, ଶ୍ରୀମତୀ ଲୋପାମୁଦ୍ରା ମିଶ୍ର, ଗିରିଜା ପଣ୍ଡା, ଅନିଲ ପାତ୍ର, ପିତାମ୍ବର ବେହେରା, ଦିଗନ୍ତ ମହାନ୍ତି ଓ ମନୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ଉତ୍କଳ ଆଲୁମିନାର ଆଇଟି ଓ ସିଏସଆର୍ ଟିମ୍ ସଦସ୍ୟଙ୍କ ପ୍ରତ୍ୟେକ୍ଷ ସହଯୋଗରେ ସଫଳ ହୋଇଥିଲା ।

# ସିଆଇଆଇ ଦ୍ୱାରା ବେଦାନ୍ତ ଲାଞ୍ଜିଗଡ଼ 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ' ୟୁନିଟ୍ ଭାବେ ପ୍ରମାଣିତ

**ଲାଞ୍ଜିଗଡ଼, ନ୍ୟୁଜ ବ୍ୟୁରୋ**

ବେଦାନ୍ତ ଆଲୁମିନିୟମ ଲିମିଟେଡର ଓଡ଼ିଶାସ୍ଥିତ ଲାଞ୍ଜିଗଡ଼ ଆଲୁମିନା ରିଫାଇନାରୀ ନିକଟରେ ଭାରତୀୟ ଶିଳ୍ପ ମହାସଂଘ ବା ସିଆଇଆଇ ଦ୍ୱାରା 'ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ୟୁନିଟ୍' ପ୍ରମାଣପତ୍ର ହାସଲ କରିଛି । ଏହି ପ୍ରମାଣପତ୍ର ସିଆଇଆଇର ପ୍ଲାଷ୍ଟିକ୍-ବ୍ୟବହାର ପ୍ରୋଟୋକଲ ଅନୁଯାୟୀ ଅକ୍ଟୋବର ୨୦୨୫ରେ ପ୍ରଦାନ କରାଯାଇଛି । ଏହି ପ୍ରମାଣପତ୍ର ବେଦାନ୍ତ ଲାଞ୍ଜିଗଡ଼ର ଏହାର କାର୍ଯ୍ୟରେ ଏକକ-ବ୍ୟବହାର ପ୍ଲାଷ୍ଟିକ୍ ଦୂର କରିବାରେ ସଫଳତାକୁ ସ୍ୱୀକୃତି ଦେଇଛି । ଏହି ମାଇଲଖୁଣ୍ଟ ପରିବେଶଗତ ସୁରକ୍ଷା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରେ ଏବଂ ଭାରତର ଉତ୍ପାଦନ କ୍ଷେତ୍ରରେ ସ୍ଥାୟୀ ଅଭ୍ୟାସ ପାଇଁ ଏକ ମାନଦଣ୍ଡ ସ୍ଥାପନ କରେ । ବିଗତ କିଛି ବର୍ଷ ଧରି ବେଦାନ୍ତ ଲାଞ୍ଜିଗଡ଼ ତା'ର ରିଫାଇନାରୀ ଅଞ୍ଚଳ ଏବଂ ଏହାର ଆବାସିକ ଟାଉନସିପରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ୍ ଜିନିଷ ଉପରେ ସମ୍ପୂର୍ଣ୍ଣ ନିଷେଧ କାର୍ଯ୍ୟକାରୀ କରିଥିଲା । ଏଗୁଡ଼ିକୁ କମ୍ପାନୀ ପରିବେଶ-ଅନୁକୂଳ ବିକଳ୍ପ ଏହାସହିତ, ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ସଚେତନତା ଅଭିଯାନ ଓ କର୍ମଶାଳା ଆୟୋଜନ କରାଯାଉଛି, ଯେଉଁଥିରେ ୧,୧୦୦ରୁ ଅଧିକ କର୍ମଚାରୀ ଏବଂ ୧,୫୦୦ ବ୍ୟବସାୟିକ ଅଂଶୀଦାର ସାମିଲ ହେଇଛନ୍ତି । ଏହି ପଦକ୍ଷେପର ଫଳସ୍ୱରୂପ କମ୍ପାନୀ ଗତ ବର୍ଷରେ ପ୍ରାୟ ୨,୫୦୦ କିଲୋଗ୍ରାମ ପ୍ଲାଷ୍ଟିକ୍ ଅପଚୟ ହ୍ରାସ କରିପାରିଛି । ଏହି ସଫଳତା ବିଷୟରେ ଆନନ୍ଦ ପ୍ରକାଶ କରି ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "ଏହି ମାନ୍ୟତା ଆମର ପ୍ରତିବଦ୍ଧତାକୁ ଦୃଢ଼ କରେ, ଯେ ସ୍ଥାୟୀତ୍ୱ ଏବଂ ଉତ୍ପାଦନୀୟ ଉତ୍କର୍ଷତା ସମନ୍ୱିତ ଭାବେ ଆଗକୁ ବଢ଼ିପାରେ । ବେଦାନ୍ତ ଲାଞ୍ଜିଗଡ଼ର ଅଭିବୃଦ୍ଧି



ରଣନୀତିରେ ସ୍ଥାୟୀତ୍ୱ ସନ୍ନିହିତ, ଯାହାର ଉଦ୍ଦେଶ୍ୟ ଆମେ ଗ୍ରହଣ କରୁଥିବା ପ୍ରତ୍ୟେକ ପଦକ୍ଷେପ ଜରିଆରେ ପରିବେଶକୁ ସୁରକ୍ଷା ଦେବା ଓ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା । ଏହି ସଫଳତା ପ୍ରତିଫଳିତ କରେ ଯେ କିପରି ଶୃଙ୍ଖଳିତ କାର୍ଯ୍ୟାନ୍ୱୟନ ଏବଂ ସାମୂହିକ ମାଲିକାନା ଆମର ସ୍ଥାୟୀତ୍ୱ ପ୍ରତିବଦ୍ଧତାକୁ ମାପଯୋଗ୍ୟ ଫଳାଫଳରେ ପରିଣତ କରିପାରିବ ।" ବେଦାନ୍ତ ଲାଞ୍ଜିଗଡ଼ ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ, ଜୈବ ବିବିଧତା ବୃଦ୍ଧି ଏବଂ ନବୀକରଣୀୟ ଶକ୍ତି ସମନ୍ୱୟ କ୍ଷେତ୍ରରେ ନାନା ପଦକ୍ଷେପ ମାଧ୍ୟମରେ ଏହାର ସ୍ଥାୟୀତ୍ୱ ଲକ୍ଷ୍ୟକୁ ଆଗକୁ ବଢାଇ ଚାଲିଛି । କମ୍ପାନୀର ପ୍ରୟାସ ବେଦାନ୍ତର 'ଶୂନ୍ୟ କ୍ଷତି, ଶୂନ୍ୟ ଅପଚୟ, ଶୂନ୍ୟ ନିର୍ଗମନ' ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ, ଯାହା ନିଶ୍ଚିତ କରେ ଯେ ବ୍ୟବସାୟ ଅଭିବୃଦ୍ଧି ପରିବେଶଗତ ଦାୟିତ୍ୱ ସହିତ ସମନ୍ୱୟରେ ଚାଲିବ ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ କାର୍ଯ୍ୟ ଚାପ ପରିଚାଳନା ଏବଂ ବୃତ୍ତିଗତ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ସେମିନାର



**ଖୋର୍ଦ୍ଧା ରୋଡ୍, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଆଜି ଏହାର ସଭାଗୃହ କକ୍ଷରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ ପାଇଁ କାର୍ଯ୍ୟ ଚାପ ପରିଚାଳନା ଏବଂ ବୃତ୍ତିଗତ କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଏକ ଆଲୋଚନାଚକ୍ର / ସେମିନାର ଆୟୋଜନ କରାଯାଇଥିଲା । ଏହି ସେମିନାରର ଉଦ୍ଦେଶ୍ୟ ଥିଲା ସୁରକ୍ଷିତ ରେଳ ପରିଚାଳନା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ ଚାପ ଓ ମାନସିକ ଚାପ ନିୟନ୍ତ୍ରଣ, ମାନସିକ ସୁସ୍ଥତା ଏବଂ ବୃତ୍ତିଗତ ଦକ୍ଷତା ଉପରେ ସଚେତନତା ବୃଦ୍ଧି କରିବା । ବ୍ରହ୍ମାକୁମାରୀ ମୁଖ୍ୟାଳୟ, ମାଉଣ୍ଟ ଆବୁରୁର ପ୍ରସିଦ୍ଧ ପ୍ରେରଣାଦାୟକ ବକ୍ତା, ପ୍ରଶିକ୍ଷକ ଏବଂ ପରାମର୍ଶଦାତା ଡକ୍ଟର ଇ. ଭି. ସ୍ୱାମୀନାଥନ ଏହି ଅଧିବେଶନରେ ବକ୍ତା ଭାବରେ ଯୋଗଦାନ କରିଥିଲେ । ବିଭିନ୍ନ ସଂଗଠନରେ ତାଙ୍କର ଚିନ୍ତନାତ୍ମକ ବକ୍ତୃତା ପାଇଁ ଜଣାଶୁଣା ଡକ୍ଟର ଇ. ଭି. ସ୍ୱାମୀନାଥନ '୩ S ସହିତ ଚାପ ପରିଚାଳନା – ସ୍ପିଡ୍ ବା ଗତି, ସେଫଟି ବା ସୁରକ୍ଷା ଏବଂ ସ୍ପିରିଚୁଆଲିଟି ବା ଆଧ୍ୟାତ୍ମିକତା' ଉପରେ ବିସ୍ତୃତ ଭାବରେ ବକ୍ତବ୍ୟ ରଖିଥିଲେ । ସେ ବ୍ରହ୍ମାକୁମାରୀ ସଂଗଠନ ସହିତ ଜଡିତ, ଯାହା ବିଶ୍ୱର ସର୍ବବୃହତ ଆଧ୍ୟାତ୍ମିକ ସଂଗଠନ ୧୧୦ଟି ଦେଶରେ ବିସ୍ତାରିତ ଏବଂ ଏହି ସଂଗଠନ ଧର୍ମନିରପେକ୍ଷ ଭାବନା ଏବଂ ଭାରତୀୟ ସମ୍ବିଧାନର ପ୍ରକୃତ ଆତ୍ମାକୁ ପ୍ରୋତ୍ସାହିତ କରି ଧର୍ମ ବାହାରେ ଆଧ୍ୟାତ୍ମିକ ଜ୍ଞାନକୁ ପ୍ରୋତ୍ସାହିତ କରୁଛି । ଡକ୍ଟର ଇ. ଭି. ସ୍ୱାମୀନାଥନଙ୍କ ଅଭିଭାଷଣ ସମୟରେ, ସେ ଜୋର ଦେଇ କହିଥିଲେ ଯେ 'ଆମର ଆଚରଣ ହେଉଛି ଆମର ସୁରକ୍ଷା', ଉଚ୍ଚ ଚାପପୂର୍ଣ୍ଣ କାର୍ଯ୍ୟ ପରିବେଶରେ ସୁରକ୍ଷା ବଜାୟ ରଖିବାରେ ମନନଶୀଳତା, ଭାବପ୍ରବଣ ସନ୍ତୁଳନ ଏବଂ ଆତ୍ମ-ସଚେତନତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସେ ଆହୁରି ବିସ୍ତାରିତ କରିଥିଲେ ଯେ କାର୍ଯ୍ୟ ଚାପ ଏବଂ ଯାତ୍ରୀଙ୍କ ସୁରକ୍ଷା ୨୪ଘଣ୍ଟିଆ ନିଶ୍ଚିତ କରିବାର ନିରନ୍ତର ଦାୟିତ୍ୱ ପ୍ରାୟତଃ ଚାପ ସୃଷ୍ଟି କରିପାରେ, କିନ୍ତୁ ଏକ ସକାରାତ୍ମକ ମାନସିକତା ଏବଂ ଆଧ୍ୟାତ୍ମିକ ଶୃଙ୍ଖଳା ଗ୍ରହଣ କରିବା ଚାପକୁ ଉତ୍ପାଦକତାରେ ଏବଂ ଚାପକୁ ଶକ୍ତିରେ ପରିଣତ କରିପାରିବ । ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କ ଉଦ୍ଧୃତି ଦେଇ, 'ଚିକିତ୍ସା ସହିତ ଧ୍ୟାନ ମଧ୍ୟ ସ୍ଥିର କରାଯିବା ଉଚିତ', ମାନସିକ ସ୍ୱାସ୍ଥ୍ୟ ଅଭ୍ୟାସର ଗୁରୁତ୍ୱାରୋପ ସମ୍ବନ୍ଧରେ ସେ କହିଥିଲେ । ସେ ସକାରାତ୍ମକ ଚିନ୍ତାଧାରାର ଶକ୍ତି ଏବଂ କାର୍ଯ୍ୟଦକ୍ଷତା ଉପରେ ସେମାନଙ୍କର ସିଧାସଳଖ ପ୍ରଭାବ ଉପରେ ଧ୍ୟାନ ଦେଇ 'ପ୍ୟାଥୋଲୋଜିରୁ ମନସ୍ତତ୍ତ୍ୱକୁ' ଯିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ । ରେଳବାଇରେ ଅଧିକାଂଶ ଦୁର୍ଘଟଣା ମାନବ ବିଫଳତା ଯୋଗୁଁ ଘଟେ ଏବଂ କାରଣ ହେଉଛି ମାନସିକ କଷ୍ଟ । ଯେତେବେଳେ ବାହ୍ୟ ଚାପ ଆଭ୍ୟନ୍ତରୀଣ ମୁକାବିଲା କ୍ଷମତାକୁ ଅତିକ୍ରମ କରେ ସେତେବେଳେ ସେ ଚାପର କାରଣ ବ୍ୟାଖ୍ୟା କରିଥିଲେ । ଚାପକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରେନ ପରିଚାଳନାରେ ସୁରକ୍ଷା ଏବଂ ଦକ୍ଷତା ପାଇଁ ଧ୍ୟାନ ଏବଂ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ ଆଭ୍ୟନ୍ତରୀଣ ଶକ୍ତିକୁ ଉନ୍ନତ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଥିଲେ । କ୍ରୁ ଲବି, ରନିଂ ରୁମ୍, ପ୍ରମୁଖ ରେଳ ବସତି ପାଇଁ ଜୋନାଲ ସ୍ତରରେ ସୁରକ୍ଷା ସେମିନାର ଆୟୋଜନ କରିବା ପାଇଁ ସେ ଆଞ୍ଚଳିକ ବ୍ରହ୍ମକୁମାରୀ କେନ୍ଦ୍ର ଏବଂ ରେଳବାଇ ମଧ୍ୟରେ ଉପଯୁକ୍ତ ସମନ୍ୱୟ ପାଇଁ ପରାମର୍ଶ ଦେଇଛନ୍ତି ଯାହା ଦ୍ୱାରା ସୁରକ୍ଷିତ ଟ୍ରେନ ପରିଚାଳନାରେ ପରୋକ୍ଷ ଭାବରେ ରେଳବାଇକୁ ସହାୟତା କରିପାରିବ । ଡକ୍ଟର ସ୍ୱାମୀନାଥନ ପ୍ରମୁଖ ଦିଗଗୁଡ଼ିକ ଉପରେ ମଧ୍ୟ କହିଥିଲେ ଯେପରିକି: ଗତି ସହିତ କୌଣସି ପ୍ରକାରର ଆପତ୍ତି ନକରି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସମୟ ନେବା, ଦୁର୍ଘଟଣା ଏଡ଼ାଇବା ପାଇଁ ଗୁଣାତ୍ମକ ଚେତନା ଏବଂ ଭାବପ୍ରବଣ ସନ୍ତୁଳନ ବିକାଶ କରିବା, ଚାପ ପରିଚାଳନା ପାଇଁ ଆବଶ୍ୟକୀୟ ଉପକରଣ ଭାବରେ ଧ୍ୟାନ, ବ୍ୟାୟାମ ଏବଂ ସୁସ୍ଥ ଖାଦ୍ୟ ଅଭ୍ୟାସ କରିବା, ଆତ୍ମ-ବୁଝିବା ଏବଂ ଆଭ୍ୟନ୍ତରୀଣ ସ୍ଥିରତା ମାଧ୍ୟମରେ ବୃତ୍ତିଗତ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଦିଗ ପ୍ରତି ଗୁରୁତ୍ୱ ଦେଇଥିଲେ । ବୃତ୍ତିଗତ ଉତ୍କର୍ଷତା ହାସଲ କରିବା ପାଇଁ 'ମନକୁ ଧ୍ୟାନ ଦିଅ, କାରଣ ମନ ଗୁରୁତ୍ୱପୂର୍ଣ୍ଣ' ଅଟେ । କାର୍ଯ୍ୟ ଏବଂ ଜୀବନରେ ଶାନ୍ତି, ଆନନ୍ଦ ଏବଂ ଖୁସି ହାସଲ କରିବା ପାଇଁ ମନକୁ 'ସର୍ବୋତ୍ତମ ବନ୍ଧୁ' ଭାବେ ବିବେଚନା କରିବା ଦରକାର ବୋଲି ସେ କହିଥିଲେ । ଏହି ଆଲୋଚନାଚକ୍ରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ଅଧିକାରୀ ଏବଂ ବରିଷ୍ଠ ପର୍ଯ୍ୟବେକ୍ଷକ କର୍ମଚାରୀମାନେ ଏହି ସେମିନାରରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ନମୋନାରାୟଣ ମୀନାଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା । ଏହି ଆଲୋଚନାଚକ୍ର ଏକ ଆଦାନପ୍ରଦାନ ଅଧିବେଶନ ସହିତ ଶେଷ ହୋଇଥିଲା ଯେଉଁଠାରେ ଅଧିକାରୀ ଏବଂ କର୍ମଚାରୀମାନେ ପ୍ରକାଶ କରିଥିଲେ ଯେ ଏପରି ପ୍ରେରଣାଦାୟକ କାର୍ଯ୍ୟକ୍ରମ ଧ୍ୟାନ ବୃଦ୍ଧି କରିବାରେ, କାର୍ଯ୍ୟକ୍ଷେତ୍ର ଚାପ ହ୍ରାସ କରିବାରେ ଏବଂ ସାମଗ୍ରିକ ବୃତ୍ତିଗତ କାର୍ଯ୍ୟଦକ୍ଷତାକୁ ଉନ୍ନତ କରିବାରେ ସାହାଯ୍ୟ କରିବା ସହ 'ସଚେତନ କାର୍ଯ୍ୟ ମାଧ୍ୟମରେ ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟରେ ମଧ୍ୟ ଯୋଗଦାନ ଦେଇଥାଏ ।

### ନଭେମ୍ବର ୧୬ରୁ ୩୦ ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ

# ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ବିରୋଧରେ ରାଜ୍ୟବ୍ୟାପୀ କଡ଼ାକଡ଼ି ଯାଞ୍ଚ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଁ ସରକାରଙ୍କ ଦ୍ୱାରା ନିରନ୍ତର ପ୍ରୟାସ ଜାରି ରହିଛି । ନିକଟରେ ଶୂନ ଦୁର୍ଘଟଣା ଦିବସ ପାଳନ ପରେ ଏବେ ଶୂନ ମୃତାହତ ପକ୍ଷ ପାଳନ ପାଇଁ ନିଷ୍ପତି ଗ୍ରହଣ କରାଯାଇଛି । ନଭେମ୍ବର ୧୬ ରୁ ୩୦ ଯାଏଁ ସାରା ରାଜ୍ୟରେ ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ଗ୍ରହଣ କରିଛି । ଏହି ସମୟରେ ଚାରିଟି 'ଇ' ଯଥା- ଏନଫୋର୍ସମେଂଟ, ଇଂଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ । ସଡ଼କ ଦୁର୍ଘଟଣା ଜନିତ ଶୂନ ମୃତାହତ ପାଳନ ସମୟରେ ସଡ଼କ ନିୟମ ଉଲ୍ଲଘଂକାରୀଙ୍କ ବିରୋଧରେ ଶୂନ ସହନଶୀଳତା ନୀତି ଅବଲମ୍ବନ କରାଯିବ । ସାରା ରାଜ୍ୟରେ କଡ଼ାକଡ଼ି ଯାଞ୍ଚ କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି । ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଅନ୍ୟ ବିଭାଗ ସହ ମିଳିତ ଭାବରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଏନଫୋର୍ସମେଂଟ କାର୍ଯ୍ୟକ୍ରମ ବ୍ୟାପକ କରାଯିବ । ବିଶେଷକରି, ଜନଗହଳି ସ୍ଥାନ, ଟ୍ରାଫିକ ପଏଂଟ, ଶିକ୍ଷାନୁଷ୍ଠାନ, ମଲ୍. ବଜାର ଆଦି ସ୍ଥାନରେ ଟିମ୍ ମୁତୟନ ରହିବେ । ସଡ଼କରେ ବେପରୁଆ ଗାଡ଼ି ଚାଳନା କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାକରୀଙ୍କ ପାଇଁ ବିପଦ ସୃଷ୍ଟି କରୁଥିବା ନିୟମ ଉଲ୍ଲଘଂନକାରୀଙ୍କ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ନୂଆପଡା ଉପନିର୍ବାଚନ, ସରକାରୀ କଳର ଅପବ୍ୟବହାର ସତ୍ତ୍ୱେ ଆମେ ଜିତିବୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୂଆପଡା ଉପନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରି, ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲଂଘନ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଅପଚେଷ୍ଟା କରିଛି ବୋଲି ଆଜି ବିଜୁ ଜନତା ଦଳ ଅଭିଯୋଗ କରିଛି । ଏହାସତ୍ତ୍ୱେ, ବିଜୁ ଜନତା ଦଳର ପ୍ରାର୍ଥୀନୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଦୃଢୋକ୍ତି କରିଛି ବିଜେଡି । ଶଙ୍ଖ ଭବନରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ଦଳର ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ପିଏସି ସଦସ୍ୟ ଶ୍ରୀମତୀ ଟୁକୁନି ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଶ୍ରୀମତୀ ଇପ୍ସିତା ସାହୁ, ନୂଆପଡା ଉପନିର୍ବାଚନରେ ହୋଇଥିବା ବିଭିନ୍ନ ଅନିୟମିତତା ଓ ସରକାରୀ କଳର ଅପବ୍ୟବହାରର ବିସ୍ତୃତ ତାଲିକା ପ୍ରଦାନ କରିବା ସହିତ ଏହା ଗଣତନ୍ତ୍ରର କଣ୍ଠରୋଧ ବୋଲି କହିଥିଲେ । ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଥିଲେ, ବିଜେପି ଦ୍ୱାରା କରାଯାଇଥିବା ବିଭିନ୍ନ ଆଚରଣ ବିଧିଂ ଉଲଂଘନ ଗୁଡିକୁ ଆମେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ, ଯାହାକୁ ଆପଣ ମାନେ ଗଣମାଧ୍ୟମରେ ପ୍ରକାଶ କରିଥିଲେ । ନିର୍ବାଚନ ପ୍ରଚାର ସମୟରେ ବିଜେପି ତରଫରୁ ଶାଢ଼ୀ ଓ ଟଙ୍କା ବଣ୍ଟନ କରାଗଲା ଯାହାର ପ୍ରାମାଣିକ ତଥ୍ୟ ସହିତ ଆମେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲୁ । ସେହିପରି, ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରୀତି ରଞ୍ଜନ ଘଡ଼ାଇଙ୍କ ବାସସ୍ଥଳୀ ଉପରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ାଉ କରାଯାଇଥିଲା ଓ ବିଜେଡିର ସ୍ଥାନୀୟ ନେତା ମନୋଜ ମିଶ୍ରଙ୍କ ଘରେ ଆଇଟି ରେଡ କରାଯାଇଥିଲା । ନବୀନ ପଟ୍ଟନାୟକଙ୍କ ହେଲିକେପ୍ଟରକୁ ତିନି ଘଣ୍ଟା କାଳ ବିଳମ୍ବ କରାଯାଇଥିଲା । ସାଇଲେଣ୍ଟ ପିରିଅଡରେ ବିରୋଧୀ ଦଳର ନେତା ମାନେ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଛାଡି ଦେଇଥିବା ବେଳେ ବିଜେପିର ନେତା ମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟ ଜାରି ରଖୁଥିଲେ । ନିର୍ବାଚନ ଚାଲିଥିବା ବେଳେ ବିଜେପି ତରଫରୁ ବୁଥ ଭିତରେ କ୍ୟାମ୍ପେନିଂ କରାଯାଉଥିଲା । ନିର୍ବାଚନ ଅଧିକାରୀଙ୍କ ପାଖରେ ଏହି ଉଲଂଘନ କାର୍ଯ୍ୟର ପ୍ରମାଣ ସହିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା । ବିଜେପିର ସମସ୍ତ ଆଇନ ଉଲଂଘନ ଉଦ୍ୟମ ସତ୍ତ୍ୱେ, ନୂଆପଡା ବାସୀ ବିଜେଡିକୁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି । ତେଣୁ, ଚଉଦ ତାରିଖ ଦିନ ଫଳାଫଳ ଘୋଷଣା ହେବା ବେଳେ ବିଜେଡି ପ୍ରାର୍ଥୀନୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଶ୍ରୀମତୀ ମଲ୍ଲିକ ଦୃଢୋକ୍ତି କରିଥିଲେ । ଶ୍ରୀମତୀ ଟୁକୁନି ସାହୁ କହିଥିଲେ, ନିର୍ବାଚନ ଆଚରଣ ବିଧି ଉଲଂଘନ କ୍ଷେତ୍ରରେ ଏବଂ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରିବାରେ, ବିଜେପି ସମସ୍ତ ସୀମା ଉଲଂଘନ କରିଛି, ଯାହା ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ମାନେ ବିଜେପିର ଏଜେଣ୍ଟ ଭଳି ବ୍ୟବହାର କରୁଥିଲେ । ୨୫୦ ନମ୍ବର ବୁଥରେ ଇଭିଏମରେ ଭୋଟିଂ ବେଳେ ଯେ କୌଣସି ବଟନ ଚିପିଲେ ପଦ୍ମଫୁଲକୁ ଭୋଟ ଯାଉଛି ବୋଲି ଅଭିଯୋଗ ଆସି ସେଠାରେ ଉତ୍ତେଜନା ଦେଖା ଦେଇଥିଲା । କିନ୍ତୁ ତାକୁ ମଧ୍ୟ ଚାପି ଦିଆ ଯାଇଥିଲା । ଏଇ ସବୁକୁ ଅନୁଶୀଳନ କଲେ, ନୂଆପଡା ଉପନିର୍ବାଚନରେ ମୁକ୍ତ ଓ ଅବାଧ ନିର୍ବାଚନ ହେବା ଉକ୍ତି ଏକ ପ୍ରହସନରେ ପରିଣତ ହୋଇଥିଲା । ଶ୍ରୀମତୀ ଇପ୍ସିତା ସାହୁ କହିଥିଲେ, ସମଗ୍ର ଉପନିର୍ବାଚନ ସମୟରେ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଭୂମିକା ଯେଉଁଭଳି ସରକାରୀ ଦଳକୁ ଜିତାଇବାକୁ ଖୋଲା ଖୋଲି କାର୍ଯ୍ୟ କରୁଥିଲେ, ତାହା ରାଜ୍ୟର ନିର୍ବାଚନ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ । ଯେଉଁଭଳି ଭାବେ କାର୍ଯ୍ୟରତ ଡିଆଇଜିଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଯାଇଥୁଲା, ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାକୁ ଏକ ସୁଚିନ୍ତିତ ଯୋଜନା ଥିଲା । ଆଶ୍ଚର୍ଯ୍ୟଜନକ ଭାବେ, ହିମାଂଶୁ ଲାଲଙ୍କ ନେତୃତ୍ୱରେ ସମଗ୍ର ପୋଲିସ ପ୍ରଶାସନ ବିଜେପି ପାଇଁ କାର୍ଯ୍ୟ କରୁଥିଲେ । ସାଇଲେଣ୍ଟ ପିରିଅଡରେ, ପୋଲିସ ପ୍ରୋଟେକସନରେ ବିଜେପି କର୍ମୀ ମାନେ ଟଙ୍କାବଣ୍ଟା କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ । ବିଜେଡି କର୍ମୀ ଏହାର ଅଭିଯୋଗ ଆଣିବା ପରେ, ପୋଲିସ ଟଙ୍କା ବାଣ୍ଟୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ, ଅଭିଯୋଗ ଆଣିଥିବା ବିଜେଡି କର୍ମୀଙ୍କୁ ଅଟକ ରଖୁଥିଲେ ।

### ଏକାମ୍ର ପୁସ୍ତକ ମହୋତ୍ସବର ପୁରସ୍କାର ଘୋଷଣା

# ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ପାଇବେ ଡାକ୍ତର କବିପ୍ରସାଦ ମିଶ୍ର ସ୍ମୃତିସମ୍ମାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏକାମ୍ର ପୁସ୍ତକ ମହୋତ୍ସବ କମିଟି ତରଫରୁ ବିଶିଷ୍ଟ ଭେଷଜ ବିଶେଷଜ୍ଞ, ସାହିତ୍ୟିକ ତଥା ପରିବେଶ ବିଜ୍ଞାନୀ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ପ୍ରାକ୍ତନ ଉପଦେଷ୍ଟା ଡାକ୍ତର କବିପ୍ରସାଦ ମିଶ୍ରଙ୍କ ସ୍ମୃତିରେ ଡାକ୍ତର କବିପ୍ରସାଦ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ଏକାମ୍ର ପୁସ୍ତକ ମହୋତ୍ସବର ପଞ୍ଚଦଶ ମହୋତ୍ସବରେ ଅନୁଭୂତିରେ ଶ୍ରୀଜଗନ୍ନାଥ ସଂଧ୍ୟାରେ ଭୁବନେଶ୍ୱର ଶହୀଦ ନଗର ଦୁର୍ଗାପୂଜା ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ରାଜଧାନୀ ପୁସ୍ତକମେଳା ମଞ୍ଚରେ ଆସନ୍ତା ୧୬ ତାରିଖ ରବିବାର ସଂଧ୍ୟାରେ ଏହି ସମ୍ମାନ ପ୍ରଦାନ କରାଯିବ । ଏହା ବ୍ୟତୀତ ସାହିତ୍ୟ, ସଂସ୍କୃତି, ସମାଜସେବା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରଶ୍ମିରଂଜନ ରାୟ, ପ୍ରମୋଦ କୁମାର ମିଶ୍ର, ସୀତାକାନ୍ତ ଦାସ, ଚିତ୍ତରଂଜନ ପଟ୍ଟନାୟକ, ବନ୍ଦନା ପଣ୍ଡା, ମୀରା ସେଠ, ସରିତା ସିଂହ ମହାନ୍ତି ଓ ରେଣୁବାଳା ମହାପାତ୍ରଙ୍କୁ ସମ୍ମାନୀତ କରାଯିବ । ଏହି ସଂଧ୍ୟାରେ ଜଗନ୍ନାଥଙ୍କୁ କେନ୍ଦ୍ରକରି ଅନୁଭୂତି ମୂଳକ ଆଲୋଚନା ଚକ୍ରରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଲେଖକ ଡାକ୍ତର ଇନ୍ଦ୍ରମଣି ଜେନା, ବିଶିଷ୍ଟ ଲେଖିକା ଶ୍ରୀମତୀ ବନଜ ଦେବୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିରର ପ୍ରାକ୍ତନ ଉପପ୍ରଶାସକ ଡ. ଭାସ୍କର ମିଶ୍ର ଓ ସୁଭଦ୍ରାଙ୍କ ବାଡ଼ଗ୍ରାହୀ ସେବକ ରାମଚନ୍ଦ୍ର ଦାସମହାପାତ୍ର ଯୋଗଦେବେ । ଏହି ସଭାରେ ଡ. ଭାସ୍କର ମିଶ୍ରଙ୍କ ପୁସ୍ତକ ପୁରାଣ ଇତିହାସରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ । ଉକ୍ତ ସଭାରେ ବହୁ ସଂଖ୍ୟାରେ ଯୋଗଦେବାପାଇଁ ସାଧାରଣ ସଂପାଦକ ଭାସ୍କର ଜେନା ଅନୁରୋଧ କରିଛନ୍ତି ।

ଭୁବନେଶ୍ୱର
୧୪ ନଭେମ୍ବର,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଜାମାଲାଗି ବେଶ ନୀତି : ମହାପ୍ରଭୁଙ୍କ 'ଆଦ୍ୟ ଶୀତବସ୍ତ୍ର'

**ପୁରୀ ୧୩/୧୧ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ଗୁରୁବାର ଜାମାଲାଗି ବେଶ ନୀତି। ଶ୍ରୀଜିଉଙ୍କର ଶ୍ରୀଅଙ୍ଗରେ ଶୀତର ପହିଲି ସ୍ୱର୍ଶ ଅନୁଭବ ହେବାରୁ ଶ୍ରୀମନ୍ଦିରର ପରମ୍ପରା କ୍ରମେ ଆଜି ପବିତ୍ର ପ୍ରଥମାଷ୍ଟମୀ ପରଦିନ ତଥା ଅର୍ଥାତ୍ ମାର୍ଗଶୀର କୃଷ୍ଣ ନବମୀ ଠାରୁ ଓଢଣ ଷଷ୍ଠୀ ପୂର୍ବ ଦିନ ଯାଏଁ ମହାପ୍ରଭୁ ସ୍ୱଳ୍ପ ଶୀତ ହେତୁ ଜାମା ଲାଗି ବେଶରେ ଦର୍ଶନ ଦିଅନ୍ତି। ଶ୍ରୀମନ୍ଦିରରେ ଅବକାଶ ବଢ଼ିଲେ ଶ୍ରୀଜିଉ ଙ୍କର ଜାମାଲାଗି ବେଶ ଅନୁଷ୍ଠିତ ହୁଏ। ସକାଳ ଧୂପ ବଢିଲେ ମହାପ୍ରଭୁଙ୍କର ମଇଲମ ହୋଇଥାଏ । ଶୀତର ପ୍ରକୋପ ଯେତେ ବେଳେ କମ ଥାଏ ଲୋକ ଯେପରି ମୋଟା କମ୍ବଳ , ସ୍ୱେଟର ବ୍ୟବହାର ନ କରି ପତଳା ଚାଦର ,ଜାମା ପରିଧାନ କରିଥାନ୍ତି । ଠିକ ସେହିପରି ରତ୍ନସିଂହାସନସ୍ଥ ଶ୍ରୀଜିଉ ମାର୍ଗଶୀର କୃଷ୍ଣ ନବମୀରୁ ମାର୍ଗଶୀର ଶୁକ୍ଳ ପଞ୍ଚମୀ ଯାଏଁ ଜାମା ପରିଧାନ କରିଥାନ୍ତି। ଶ୍ରୀଜୀଉ ସମ୍ପୂର୍ଣ୍ଣ ଶରୀର ଆବୃତ କରୁଥିବା ଘୋଡ ନ ପିନ୍ଧି ଜାମା ଭଳି



ଶରୀରର ଉପରି ଭାଗକୁ ଆଚ୍ଛାଦିତ କରୁଥିବା ଘୋଡ ବା ଜାମା ବସ୍ତ୍ର ପରିଧାନ କରନ୍ତି। ଏହାକୁ ସାଧାରଣରେ "ଠିଆ ଘୋଡଲାଗି ବେଶ "ବୋଲି କୁହାଯାଏ। ଘୋଡ ବା ବସ୍ତ୍ର ସ୍ୱତନ୍ତ୍ର ରୂପେ ସୂତା କପଡା ବା ମଖମଲ କପଡାରେ ନିର୍ମିତ ହୋଇଥାଏ । ଜାମା ଲାଗି ବେଶରେ ଶ୍ରୀଅଙ୍ଗ ସମ୍ପୂର୍ଣ୍ଣ ଘୋଡାଇ ହେଉ ନଥିବାରୁ, ଶ୍ରୀଜୀଉ ମାନେ କିଛି ସୁବର୍ଣ୍ଣ ଅଳଙ୍କାର ଧାରଣ କରନ୍ତି।

ଏହି ଜାମା ଲାଗି ବେଶରେ ଶ୍ରୀଜିଉ ୩୦ ମୂର୍ତ୍ତି ଅଳଙ୍କାର ପରିଧାନ କରିଥାନ୍ତି। ବସ୍ତ୍ର ଏବଂ ଅଳଙ୍କାର ଜାମା ଲାଗି ବେଶରେ ପ୍ରାଧାନ୍ୟ ଲାଭ କରେ। ଶ୍ରୀଜିଉଙ୍କ ଶ୍ରୀମୁଖ ଚାରିପଟେ ଆବୃତ କରେ ବଳା । ଶ୍ରୀଅଙ୍ଗକୁ ଆବୃତ କରେ ଜାମା ଓ ଫତେଇ। ବାର ଅନୁଯାୟୀ ବସ୍ତ୍ରର ରଙ୍ଗ ସ୍ଥିର ହୋଇଥାଏ। ଏବଂ ଏହି ସମସ୍ତ ବସ୍ତ୍ର ସେହି ଗୋଟିଏ ରଙ୍ଗର ହୋଇଥାଏ। ସେଇ ରଙ୍ଗର କନା ମଧ୍ୟ ଚୁଳ ପାଇଁ ବ୍ୟବହୃତ ହୋଇଥାଏ। ଚୁଳ ଉପରେ ଶୋଭା ପାଇଥାଏ ସୁବର୍ଣ୍ଣ ଚନ୍ଦ୍ରିକା । ସୁଭଦ୍ରାଙ୍କୁ ଚୂଳ ଲାଗି ହୋଇନଥାଏ। ଦିଅଁମାନଙ୍କ କପାଳରେ ଲାଗିଥାଏ ସୂର୍ଯ୍ୟ ଓ ଚନ୍ଦ୍ର ନାମକ ଦୁଇଟି ଅଳଙ୍କାର। ଚିତା ପାଖେ ଲାଗିଥାଏ ସୁବର୍ଣ୍ଣର ତିଳକ । ଶ୍ରୀମୁଖ ବଳା ରେ ଲାଗି ଥାଏ ସ୍ୱର୍ଣ୍ଣ ଆଡକାନି । ତା ତଳକୁ ଲାଗିଥାଏ କୁଣ୍ଡଳ । ଦେବୀ ସୁଭଦ୍ରାଙ୍କ ଚିତା ଉପରେ ଶୋଭା ପାଏ ୨ଟି ତଡ଼ଗୀ । ୩ ଦିଅଁଙ୍କ ଅଣ୍ଟାକୁ ବେଷ୍ଟନ କରି ରହେ ଓଡିଆଣି ବା ଅଣ୍ଟା ପଟି। ଏହା ଛଡା ୩ ଦିଅଁ ଗୋଟିଏ ଗୋଟିଏ ହରିଡା ମାଳ ରେ ଅଳଙ୍କୃତ ହୋଇଥାନ୍ତି। ବଡ଼ ଠାକୁର ଏବଂ ମହାପ୍ରଭୁ ଙ୍କ ଶ୍ରୀଭୁଜ ରେ ଶୋଭା ପାଏ ନଳିଭୁଜ। ନଳି ଭୁଜର ସମ୍ମୁଖରେ ହଳ ମୁଷଳ ଏବଂ ଶଙ୍ଖ ଚକ୍ର ଶୋଭା ପାଇଥାଏ।

# ମହାପ୍ରସାଦକୁ ଅସମ୍ମାନ: ଚପଲ ପିନ୍ଧି ମହାପ୍ରସାଦ ସେବନ କଲେ ମହିଳା ପର୍ଯ୍ୟଟକ

**ପୁରୀ, ୧୩/୧୧ ନ୍ୟୁଜ ବ୍ୟୁରୋ**

ଚପଲ ପିନ୍ଧି ଖାଇଲେ ମହାପ୍ରସାଦ। ଶ୍ରୀମନ୍ଦିର ପଶ୍ଚିମପାର୍ଶ୍ୱ ଭିତର ପରିକ୍ରମା ମାର୍ଗରେ ଜଣେ ମହିଳା ଶ୍ରଦ୍ଧାଳୁ ଚପଲ ପିନ୍ଧି ମହାପ୍ରସାଦ ଖାଉଥିବାର ଭିଡିଓ ଭାଇରାଲ ହୋଇଛି । ମହାପ୍ରସାଦକୁ ସମ୍ମାନ କରିବାରେ ଭକ୍ତମାନେ ଦୃଷ୍ଟି ନଦେବା ଓ ଏନେଇ ମହାପ୍ରସାଦ ଦେଉଥିବା ଯାତ୍ରୀ ପଣ୍ଡା ସଚେତନ ନକରାଇବା ଉଦ୍ବେଗର କାରଣ ହୋଇଛି । ମଙ୍ଗଳବାର ସନ୍ଧ୍ୟାରେ ଏହି ଉଦ୍ବେଗଜନକ ଘଟଣା ଘଟିଥିବା ଭିଡିଓରୁ ଜଣାପଡୁଛି । ଜଣେ ବ୍ୟକ୍ତି ଉକ୍ତ ଭିଡିଓ କରୁଥିବା ଦେଖିବା ପରେ ଏହି ମହିଳା ଶ୍ରଦ୍ଧାଳୁ ଜଣକ ମହାପ୍ରସାଦ ଛାଡ଼ି ଦୂରକୁ ପଳାଇଥିଲେ ।

ଶାସ୍ତ୍ର ମୁତାବକ ଭକ୍ତିର ସହ ଶ୍ରୀଜିଉଙ୍କ ଦର୍ଶନ ଯେତିକି ମୁକ୍ତିପ୍ରଦ, ସେତିକି ମୁକ୍ତିପ୍ରଦ ମହାପ୍ରସାଦ । ମହାପ୍ରସାଦକୁ କେବଳ ଦର୍ଶନ କରି ପ୍ରଣିପାତ କରିଦେଲେ ମୁକ୍ତିର ବାଟ ସହଜ ହୋଇଯାଏ । ମହାପ୍ରସାଦକୁ ଖାଇବା ବେଳେ ବିନା ଆସନରେ ଖାଇବାର ପରମ୍ପରା ରହିଛି । ତେବେ ମହାପ୍ରସାଦର ମର୍ଯ୍ୟାଦା ରକ୍ଷାରେ କେତେକ ସ୍ଥାନରେ ଅବହେଳା ହେଉଥିବା ବିଭିନ୍ନ ସମୟରେ ଦୃଶ୍ୟ ସାମ୍ନାକୁ ଆସିବା ଉଦ୍ବେଗର କାରଣ ହୋଇଛି ।



## ଲାଲ ଚନ୍ଦନର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ

# ଓଡ଼ିଶା ବନ ବିଭାଗକୁ ୨୯.୪୦ ଲକ୍ଷ ଟଙ୍କା ପ୍ରଦାନ କଲା ଏନବିଏ

**ଭୁବନେଶ୍ୱର, ୧୩।୧୧ ନ୍ୟୁଜ ବ୍ୟୁରୋ**

ଜାତୀୟ ଜୈବ ବିବିଧତା ପ୍ରାଧିକରଣ (ଏନବିଏ) ଲାଲ ଚନ୍ଦନ ଗଛର ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଉପଲବ୍ଧତା ଏବଂ ଲାଭ ଆବଣ୍ଟନ (ଏବିଏସ) ବ୍ୟବସ୍ଥା ଅଧୀନରେ ଓଡ଼ିଶା ବନ ବିଭାଗକୁ ୨୯.୪୦ ଲକ୍ଷ ଟଙ୍କା ପ୍ରଦାନ କରିଛି । ଏନବିଏ ଭାରତର ସ୍ଥାନୀୟ ଜୈବିକ ସମ୍ପଦର ଦୀର୍ଘସ୍ଥାୟୀ ବ୍ୟବହାର ଏବଂ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନିରନ୍ତର ପ୍ରୟାସ ସ୍ୱରୂପ ଏହି ପଦକ୍ଷେପ ନେଇଛି । ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ବନ ବିଭାଗରୁ ସଂଗୃହିତ ଲାଲ ଚନ୍ଦନ କାଠ ଗଣ୍ଡିରୁ ପ୍ରାପ୍ତ ଲାଭ ବିତରଣ ଅର୍ଥରୁ ଏବିଏସ ପାଣ୍ଠି ସୃଷ୍ଟି କରାଯାଇଥିଲା। ଏହି ଗଛଗୁଡ଼ିକ ଏକ ଶତାବ୍ଦୀରୁ ଅଧିକ ପୁରୁଣା ବୋଲି ବିଶ୍ୱାସ କରାଯାଏ। ତତ୍କାଳୀନ ପାରଳାଖେମୁଣ୍ଡିର ମହାରାଜାଙ୍କ ଦ୍ୱାରା ମୂଳତଃ ବୃକ୍ଷଗୁଡ଼ିକ ରୋପଣ କରାଯାଇଥିଲା। ୨୦୧୮ ବାତ୍ୟା ସମୟରେ ଲାଲ ଚନ୍ଦନ ଗଛ ପ୍ରାକୃତିକ ଭାବେ ଭାଙ୍ଗି ପଡ଼ିଥିଲା। ଏହାପରେ ଓଡ଼ିଶା ବନ୍ୟ ବିକାଶ ନିଗମ ଭାଙ୍ଗିପଡ଼ିଥିବା ଲାଲ ଚନ୍ଦନ କାଠ ନିଲାମ କରିଥିଲା।

ଏନବିଏ ଦ୍ୱାରା ସାରା ଦେଶରେ ଜୈବିକ ସମ୍ପଦର ସଂରକ୍ଷଣ ପ୍ରୟାସକୁ ସମର୍ଥନ ବ କରିବା ଲାଗି ଏବିଏସ ବିତରଣର ଏକ ଅଂଶବିଶେଷ ସ୍ୱରୂପ ଏହି ପାଣ୍ଠି ଜାରି କରାଯାଇଛି । ବର୍ତ୍ତମାନ ସୁଦ୍ଧା ଏନବିଏ ପ୍ରାୟୋଜିତ ଗବେଷଣା ପ୍ରକଳ୍ପ ସମେତ ଲାଲ ଚନ୍ଦନର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ଆନ୍ଧ୍ର ପ୍ରଦେଶ ବନ ବିଭାଗ, କର୍ଣ୍ଣାଟକ ବନ ବିଭାଗ ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟ ଜୈବ ବିବିଧତା ବୋର୍ଡକୁ ୫୦ କୋଟି ଟଙ୍କାରୁ ଅଧିକ ପ୍ରଦାନ କରିଛି । ଏହା ସହିତ ଏହା ସହିତ, ଆନ୍ଧ୍ରପ୍ରଦେଶର ୧୯୮ ଜଣ ଚାଷୀଙ୍କୁ ୩ କୋଟି ଏବଂ ତାମିଲନାଡୁର ୧୮ଜଣ ଚାଷୀଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି ସଦ୍ୟତମ ଅର୍ଥରାଶି ଜାରି କରିବା ସହିତ ଲାଲ ଚନ୍ଦନର ବ୍ୟବସାୟିକ ଉପଯୋଗରୁ ଉପାର୍ଜିତ ଅର୍ଥରାଶି ପାଇବାରେ ଓଡ଼ିଶା ଚତୁର୍ଥ ରାଜ୍ୟ ହୋଇଛି । ଏହି ପାଣ୍ଠି ରାଜ୍ୟ ସାରା ଲାଲ ଚନ୍ଦନର ସଂରକ୍ଷଣ ଏବଂ ସ୍ଥାୟୀ ବ୍ୟବହାର ପାଇଁ ଲକ୍ଷ୍ୟ ରଖାଯାଇଥିବା କାର୍ଯ୍ୟକଳାପକୁ ସମର୍ଥନ କରିବ।

# ଏଏସଓ ପରୀକ୍ଷା ରଦ୍ଦ କଲେ ଓଡ଼ିଶା ହାଇକୋର୍ଟ

## ଡିସେମ୍ବର ୭ରେ ସାନି ମୁଖ୍ୟ ଲିଖିତ ପରୀକ୍ଷା

**କଟକ, ୧୩/୧୧ ନ୍ୟୁଜ ବ୍ୟୁରୋ**

ବାତିଲ୍ ହେଲା Assistance Section Officer (ଏଏସଓ) ପରୀକ୍ଷା । ଚଳିତବର୍ଷ ଜୁଲାଇ ୧୩ ତାରିଖରେ ଅନୁଷ୍ଠିତ ହୋଇଥିବା ଏଏସଓ ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରିଛନ୍ତି ଓଡ଼ିଶା ହାଇକୋର୍ଟ। ପରୀକ୍ଷା ପରିଚାଳନା ପାଇଁ ଯେଉଁ ଏଜେନ୍ସିକୁ ଦାୟିତ୍ୱ ଦିଆ ଯାଇଥିଲା, ସେମାନଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ହାଇକୋର୍ଟ। ତେଣୁ ଏହାକୁ ବାତିଲ୍ କରାଯାଇଥିବା ନେଇ ଓଡ଼ିଶା ହାଇକୋର୍ଟ ପକ୍ଷରୁ ପ୍ରକାଶ



ପାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଆସନ୍ତା ଡିସେମ୍ବର ୭ ତାରିଖରେ ପୁଣି ମୁଖ୍ୟ ଲିଖିତ ପରୀକ୍ଷା କରାଯିବ ନେଇ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଓଡ଼ିଶା ହାଇକୋର୍ଟରେ ଏଏସଓ (ଆସିଷ୍ଟାଣ୍ଟ ସେକ୍ସନ ଅଫିସର) ପଦ ପୂରଣ ପାଇଁ ଅନୁଷ୍ଠିତ ହୋଇଥିବା ଲିଖିତ ପରୀକ୍ଷାକୁ ରଦ୍ଦ କରାଯାଇଛି । ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଚଳିତବର୍ଷ ଜୁଲାଇ ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା ମୁଖ୍ୟ ଲିଖିତ ପରୀକ୍ଷା। ତେବେ ଆସନ୍ତା ଡିସେମ୍ବର ୭ରେ ସାନି ମୁଖ୍ୟ ଲିଖିତ ପରୀକ୍ଷା କରାଯିବ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ଏହି ଲିଖିତ ପରୀକ୍ଷା ପାଇଁ ୭ ହଜାର ୧୧୩ ଜଣ ପରୀକ୍ଷାର୍ଥୀ ଯୋଗ୍ୟତା ହାସଲ କରିଥିଲେ । ଏହି ପରୀକ୍ଷା ପରିଚାଳନା ପାଇଁ ଯେଉଁ ଏଜେନ୍ସିକୁ ଦାୟିତ୍ୱ ଦିଆ ଯାଇଥିଲା, ସେମାନଙ୍କ କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ ସନ୍ଦେହ ପ୍ରକାଶ କରିଥିଲେ । ଯେଉଁ କାରଣରୁ ଏହି ପରୀକ୍ଷାକୁ ବାତିଲ କରାଯାଇଥିବା ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି ।

ସାନି ପରୀକ୍ଷା ଆସନ୍ତା ଡିସେମ୍ବର ୭ରେ ୩ଟି ସିଟିଂରେ ଅନୁଷ୍ଠିତ ହେବ। ପ୍ରଥମ ସିଟିଂ ସକାଳ ୯ରୁ ୧୧ଟା ପର୍ଯ୍ୟନ୍ତ ଇଂରାଜୀ ପରୀକ୍ଷା ହେବ । ସେହିପରି ସକାଳ ୧୨ରୁ ୧ ଯାଏଁ ଦ୍ୱିତୀୟ ସିଟିଂରେ ଜେନେରାଲ ଆୱାରନେସ ଏବଂ ରିଜୋନିଂ ପରୀକ୍ଷା କରାଯିବ । ଉକ୍ତ ଦିନ ଅପରାହ୍ନ ସାଢ଼େ ୨ଟାରୁ ସାଢେ ୪ଟା ମଧ୍ୟରେ ତୃତୀୟ ସିଟିଂ ଗଣିତ ପରୀକ୍ଷା କରାଯିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି ।

# ଭିନ୍ନକ୍ଷମ ଶିଶୁଙ୍କର ହେବ ସର୍ଭେ : ଘର ଘର ବୁଲି ତଥ୍ୟ ସଂଗ୍ରହ କରିବେ ଅଙ୍ଗନବାଡ଼ି କର୍ମୀ

**ଭୁବନେଶ୍ୱର,୧୩/୧୧ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜନ୍ମରୁ ୬ ବର୍ଷ ମଧ୍ୟରେ ରହିଥିବା ଭିନ୍ନକ୍ଷମ ଶିଶୁଙ୍କର ସର୍ଭେ କରାଯିବ। ଚିହ୍ନଟ ଶିଶୁଙ୍କୁ ଜାତୀୟ ଶିକ୍ଷା ନୀତି ୨୦୨୦, ଆର୍ପିଡବ୍ଲୁଡି ଆକ୍ଟ ୨୦୧୬ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ। ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସହଯୋଗ କରିବେ । ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାରେ ସର୍ଭେ କରାଯିବ । ଏ ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ସମାଜିକ କଲ୍ୟାଣ ଅଧିକାରୀ, ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀଙ୍କୁ ଚିଠି କରାଯାଇଛି । ଏଥିସହ ସମସ୍ତ ଆଇସିଡିସି ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀଙ୍କୁ ମଧ୍ୟ ଚିଠି ହୋଇଛି । କୁହାଯାଇଛି, ଭିନ୍ନକ୍ଷମ ଅଧିକାର ଆକ୍ଟ (ଆର୍ପିଡବ୍ଲୁଡି),୨୦୧୬ରେ ଥିବା ସମସ୍ତ ୨୧ କାଟାଗୋରୀରେ ସମସ୍ତ ଭିନ୍ନକ୍ଷମ ଶିଶୁଙ୍କୁ ସାମିଲ କରାଯିବ । ଅଙ୍ଗନବାଡ଼ି କର୍ମୀମାନେ ନିଜ ଅଞ୍ଚଳରେ ଘର ଘର ବୁଲି ସର୍ଭେ କରିବେ । ଏଥିପାଇଁ ସେମାନଙ୍କୁ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ । ଏହାର ସଂପୂର୍ଣ୍ଣ ଡାଟା ଆଇସିଡିସି ସୁପରଭାଇଜରଙ୍କ ଦ୍ୱାରା ସିଡିପିଓଙ୍କୁ ପ୍ରଦାନ କରାଯିବ । ଏହି ସର୍ଭେ ଠିକ୍ ଭାବେ ହେଉଛି କି ନାହିଁ ତାକୁ ଅଧିକାରୀମାନେ ଯାଞ୍ଚ କରିବେ। ଏହି ସର୍ଭେ ପ୍ରକ୍ରିୟା ଆସନ୍ତା ୧ ମାସ ମଧ୍ୟରେ ଶେଷ ହେବ ।

# ଭିଜିଲାନ୍ସ ଜାଲରେ ବରିଷ୍ଠ କିରାଣୀ

**ଭୁବନେଶ୍ୱର, ୧୩/୧୧ ନ୍ୟୁଜ ବ୍ୟୁରୋ**

ପେନସନ କାଗଜପତ୍ର ପ୍ରକ୍ରିୟାକରଣ ପାଇଁ ଲାଞ୍ଚ ନେବା ପଡ଼ିଲା ମହଙ୍ଗା । ଧରାପଡ଼ିଲେ ସିନିୟର କ୍ଲର୍କ । ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କଠାରୁ ୨୦,୦୦୦ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ ଭବାନୀପାଟଣା ଡିଭିଜନ ସିନିୟର କ୍ଲର୍କ ଟି. ଭେଙ୍କଟଗିରି ରାଓ। ତାଙ୍କ ୩ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢାଉ କରୁଛି । ସୂଚନା ମୁତାବକ, ଅଭିଯୋଗକାରୀ ୩୧.୦୩.୨୦୨୪ରେ ଅବସର ନେଇଥିଲେ । ଏହା ପରଠାରୁ ସିନିୟର କ୍ଲର୍କ ଟି. ଭେଙ୍କଟଗିରି ରାଓଙ୍କୁ ତାଙ୍କ ପେନସନ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ । ବାରମ୍ବାର ଅନୁରୋଧ ପରେ ମଧ୍ୟ ଟି. ଭେଙ୍କଟଗିରି ରାଓ ଫାଇଲ୍ ପ୍ରକ୍ରିୟାକରଣ କରୁନଥିଲେ । ବରଂ ତାଙ୍କୁ ୨୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ । ଯାହାପରେ ଅବସରପ୍ରାପ୍ତ କର୍ମଚାରୀ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଭବାନୀପାଟଣାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟରରେ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଟିମ୍ ଅତର୍କିତ ଚଢଉ କରିଛି । ଭିଜିଲାନ୍ସ ଟିମ୍‌କୁ ଦେଖି ଟି. ଭେଙ୍କଟଗିରି ରାଓ ତାଙ୍କ କ୍ୱାର୍ଟରର ଝରକା ଦେଇ ଲାଞ୍ଚ ଟଙ୍କାକୁ ଫୋପାଡ଼ି ଦେବାକୁ ଚେଷ୍ଟା କରିଥିଲେ । ହେଲେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବାରେ ସଫଳ ହୋଇଛି ଏବଂ ସମସ୍ତ ଲାଞ୍ଚ ଟଙ୍କା ମଧ୍ୟ ଜବତ କରିଛି । ଏହି ଚଢଉ ପରେ ତାଙ୍କ ତିନୋଟି ସ୍ଥାନରେ ଏକକାଳୀନ ରେଡ୍ କରୁଛି ଭିଜିଲାନ୍ସ ଟିମ୍ ।

# ଇସ୍କନ ବିଦେଶରେ କରିବ ଅଦିନିଆ ରଥଯାତ୍ରା

**ଭୁବନେଶ୍ୱର, ୧୩/୧୧ ନ୍ୟୁଜ ବ୍ୟୁରୋ**

ବାରମ୍ବାର ତାଗିଦ୍ ସତ୍ତ୍ୱେ ଇସ୍କନର ମନମାନି। ବିଦେଶରେ କରିବ ଅଦିନିଆ ରଥଯାତ୍ରା। ତାଇୱାନର ଡିମେଣ୍ଟିଙ୍ଗ ଏମଆରଟି ଏକ୍‌ଜିଟ୍-୬ରେ ଆସନ୍ତା ୨୩ ତାରିଖରେ ହେବ ଆୟୋଜନ। ରଥଯାତ୍ରାରେ ସାମିଲ ହେବାକୁ ଅନଲାଇନ୍‌ରେ ଦେଲା ସୂଚନା। ଇସ୍କନ ଅନୁଗାମୀ ଓ ଜଗନ୍ନାଥ ପ୍ରେମୀଙ୍କୁ ସାମିଲ ହେବାକୁ ଅନୁରୋଧ କରିଛି। ଏହି ଅବସରରେ ସାଂସ୍କୃତିକ, କୀର୍ତ୍ତନ, ଯୋଗ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ତେବେ ଏହି ଘଟଣାକୁ ନେଇ ସେବାୟତ ଓ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ଇସ୍କନ ବାରମ୍ବାର ଏଭଳି ଅଦିନିଆ ରଥଯାତ୍ରା ଆୟୋଜନ କରୁଥିବାରୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି। ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ ଆରମ୍ଭ ହୋଇଥିବା ଇସ୍କନ ଅନୁଷ୍ଠାନ ସନାତମ ଧର୍ମର ନୀତି ବିରୋଧରେ କାମ କରୁଛି। ତିଥି ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ନକରି ବିଦେଶରେ ପାଣିପାଗ, ବିଦେଶରେ ଛୁଟି ତଥା ସ୍ଥାନୀୟ ପ୍ରଶାସନର ନିଷ୍ପତ୍ତି ଅନୁସାରେ ରଥଯାତ୍ରା ପାଳନ କରୁଛି। ରଥଯାତ୍ରା ବ୍ୟତୀତ ଅନ୍ୟ ତିଥିରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଗର୍ଭଗୃହରୁ ବାହାରକୁ ଆଣି ରଥଯାତ୍ରା କରୁଛି। ଯାହାକି ଶାସ୍ତ୍ର ବିରୋଧୀ। ଇସ୍କନର ଏଭଳି ଜଗନ୍ନାଥ ବିରୋଧୀ କାମ ପାଇଁ ଜଗନ୍ନାଥ ପ୍ରେମୀ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଗଜପତି ମହାରାଜ ମଧ୍ୟ ଇସ୍କନକୁ ତାଗିଦ୍ କରିଛନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ ମଧ୍ୟ ଏହାର ଦୃଢ଼ ବିରୋଧ କରୁଛନ୍ତି । ତଥାପି ଅମାନିଆ ଇସ୍କନ ବିଦେଶରେ ଅଦିନିଆ ରଥଯାତ୍ରା କରୁଛି।

# ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ : ଡକ୍ଟର ଜିତେନ୍ଦ୍ର ସିଂ

**ଭୁବନେଶ୍ୱର, ୧୩।୧୧ ନ୍ୟୁଜ ବ୍ୟୁରୋ**

୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ୱାସ୍ଥ୍ୟ ଗରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ଭୁବନେଶ୍ୱର ସ୍ଥିତ ସିଏସଆଇଆର-ଆଇଏମଏମଟି ଠାରେ ଲଙ୍ଗିଟ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ-କୋହୋର୍ଟ କନେକ୍ଟକୁ ଉଦଘାଟନ କରି ସେ ଏହା କହିଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘ କାଳୀନ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ। ଡକ୍ଟର ସିଂ ଆହୁରି କହିଛନ୍ତି, ''ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ




ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍। କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଏହା ସ୍ୱାସ୍ଥ୍ୟର ଚାରିଟି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଧାରକ ଯଥା ଜୈବିକ, ପରିବେଶଗତ, ଆନୁବଂଶିକ ଏବିଂ ଜୀବନ ଶୈଳୀ କାରକଗୁଡିକ ଉପରେ ଧ୍ୟାନକେନ୍ଦ୍ରିତ କରିଥାଏ। ଏହି ସମ୍ମିଳନୀରେ ଡକ୍ଟର ରାମାନୁଜ ନାରାୟଣ (ନିର୍ଦ୍ଦେଶକ, ସିଏସଆଇଆର-ଆଇଏମଏମଟି),ଡକ୍ଟର ସୌଭିକ ମାଇତି(ନିର୍ଦ୍ଦେଶକ, ସିଏସଆଇଆର-ଆଇଜିଆଇବି), ଡକ୍ଟର ବିନୟ ନନ୍ଦଗୁରୀ(ସ୍ୱାସ୍ଥ୍ୟସେବା ଦଳ ନିର୍ଦ୍ଦେଶକ, ସିଏସଆଇଆର-ସିସିଏମବି) ଏବଂ ଡକ୍ଟର ଦେବାଶିଷ ଦାଶ(ନିର୍ଦ୍ଦେଶକ, ବିଆରଆଇସି-ଆଇଏଲଏସ) ପ୍ରମୁଖଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପଦାଧିକାରୀଙ୍କ ସମେତ ସିଏସଆଇଆର ମୁଖ୍ୟାଳୟ ଏବିଂ ସହଭାଗୀ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଏବିଂ ଅଧିକାରୀମାନେ ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଡକ୍ଟର ଏନ.କେ. ଗାଙ୍ଗୁଲି, ଡକ୍ଟର କୃଷ୍ଣ ରେଡ୍ଡୀ, ଡକ୍ଟର ଶାନ୍ତନୁ ବସନଗୁପ୍ତା, ଡକ୍ଟର ଏ.ବି. ଦେ, ଡକ୍ଟର ବିବେକାନନ୍ଦ ଝା ଏବଂ ଡକ୍ଟର ନିଖିଲ ଟଣ୍ଡନଙ୍କ ଭଳି ବିଶେଷଜ୍ଞମାନେ ଉପସ୍ଥିତ ଥିଲେ।

# ବାଲିଯାତ୍ରାର ଶେଷ ଦିନରେ ଠେଲାପେଲା ଓ ଦଳାଚକଟା : ୨ଆହତ

**କଟକ, ୧୩/୧୧ ନ୍ୟୁଜ ବ୍ୟୁରୋ**

ଗୁରୁବାର ହୋଇଛି ଐତିହାସିକ ବାଲିଯାତ୍ରାର ଶେଷ ଦିନ। ଉଦଯାପନୀ ଦିବସରେ ମୁଖ୍ୟ ଆକର୍ଷଣ ପାଲଟିଛନ୍ତି ବଲିଉଡର ଖ୍ୟାତାନାମା ଗାୟିକା ଶ୍ରେୟା ଘୋଷାଲ। ତାଙ୍କର ଶୋ' ଦେଖିବା ପାଇଁ ଏବଂ ତାଙ୍କର ଝଲକ ଟିକେ ପାଇବା ପାଇଁ ଲୋକାରଣ୍ୟ ହୋଇ ଉଠିଛି ବାଲିଯାତ୍ରା ପଡ଼ିଆ। ପ୍ରବଳ ଭିଡ଼ କାରଣରୁ ବାଲିଯାତ୍ରାରେ ଠେଲାପେଲା ଓ ଦଳାଚକଟା ପରିସ୍ଥିତି ଉପୁଜିଥିଲା। ଏଥିରେ ଜଣେ ମହିଳା ସମେତ ଦୁଇ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ପୋଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ ପାଇଁ ରଣକ୍ଷେତ୍ର ପାଲଟିଲା ବାଲିଯାତ୍ରା ପଡ଼ିଆ। ଶ୍ରେୟାଙ୍କ ଶୋ' ଦେଖିବାକୁ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିବା ବେଳେ ଏମିତି ପରିସ୍ଥିତି ସୃଷ୍ଟି ହୋଇଛି। ପୋଲିସ ବ୍ୟାରିକେଡ୍ ଯୋଗୁଁ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିବା ଜଣା ପଡ଼ିଛି। ଦଳାଚକଟାରେ ଜଣେ ମହିଳା ସମେତ ଦୁଇ ଜଣ ଆହତ ହୋଇଛନ୍ତି। ସଙ୍ଗେ ସଙ୍ଗେ ଉଦ୍ଧାର କରି ଚିକିତ୍ସା ପାଇଁ ସହାୟତା କେନ୍ଦ୍ରକୁ ନିଆଯାଇଛି। ପରିସ୍ଥିତି ଏମିତି ହୋଇଛି ଯେ, ପୋଲିସ ସହିତ ଲୋକଙ୍କ ହାତାହାତି ହୋଇଛି। ବ୍ୟାରିକେଡ୍ ଭାଙ୍ଗିବାକୁ ଲୋକମାନେ ଚେଷ୍ଟା ବି କରିଛନ୍ତି। ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସ୍‌କୁ ଲାଠି ଚାଳନା କରିବାକୁ ପଡ଼ିଛି।

# ଭିଜିଲାନ୍ସ ଜାଲରେ ବାଲିଅନ୍ତା ଥାନା ଏଏସଆଇ

**ବାଲିପାଟଣା, ୧୩/୧୧ ନ୍ୟୁଜ ବ୍ୟୁରୋ**

ଭିଜିଲାନ୍ସ ଜାଲରେ ପୋଲିସ ଏଏସଆଇ । ବାଲିଅନ୍ତା ଥାନା ଏଏସଆଇ ସୋମନାଥ ପଲେଇଙ୍କୁ ମାଡ଼ି ବସିଲା ଭିଜିଲାନ୍ସ । ଏକ ପାରିବାରିକ ମାମଲାରେ ୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରା ପଡ଼ିଛନ୍ତି ପୋଲିସ ବାବୁ । ସୂଚନା ଅନୁଯାୟୀ, ବାଲିଅନ୍ତା ଥାନାରେ ଏକ ପାରିବାରିକ ବିବାଦ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଏଏସଆଇ ସୋମନାଥ ପଲେଇ ତଦନ୍ତକାରୀ ଅଧିକାରୀ ଥିଲେ। ଅଭିଯୋଗକାରୀଙ୍କୁ ମାମଲାରେ ସାହାଯ୍ୟ କରିବାକୁ ଶ୍ରୀ ପଲେଇ ୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଟଙ୍କା ନ ଦେଲେ ମାମଲାରେ ଛନ୍ଦି ଦେବାକୁ ପୋଲିସ ବାବୁ ଧମକ ଦେଇଥିଲେ । ଘଟଣାକୁ ନେଇ ଅଭିଯୋଗକାରୀ ଭିଜିଲାନ୍ସରେ ଅଭିଯୋଗ କରିଥିଲେ । ଗୁରୁବାର ୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ସୋମନାଥ ପଲେଇଙ୍କୁ ଧରିବା ସହ ନିଜ ହେପାଜତକୁ ନେଇଛନ୍ତି ।




# ଦେଢ଼ ବର୍ଷରେ ୨୫୦ ଟପିଲା ଯୌତୁକ ନିର୍ଯାତନା ମାମଲା

**ଅନୁଗୁଳ, ୧୨/୧୧ ନ୍ୟୁଜ ବ୍ୟୁରୋ**

ଯୌତୁକ ଲୋଭରେ ନିର୍ଦ୍ଦୟ ହେଉଛନ୍ତି ଶାଶୂଘର ଲୋକ । ସୈତାନ୍ ସାଜୁଛି ସ୍ୱାମୀ । ବାହାଘରର ଦିନ କେଇଟା ନ ଯାଉଣୁ ଆରମ୍ଭ ହେଉଛି ନିର୍ଯାତନା । କେଉଁଠି ଯୌତୁକ ନିର୍ଯାତନା ସହି ନପାରି ନବବଧୂ ଆତ୍ମହତ୍ୟା କରୁଛି ତ ଆଉ କେଉଁଠି ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଛନ୍ତି ଶାଶୂଘର ଲୋକେ । ଯୌତୁକ ଭଳି କୁତ୍ସିତ ପ୍ରଥାକୁ ଲୋକ ଜାବୁଡ଼ି ଧରିଥିବା ବେଳେ ଅନୁଗୁଳ ଜିଲ୍ଲାରେ ଯୌତୁକ ଜନିତ ନିର୍ଯାତନା ଉଦବେଗଜନକ ଭାବେ ବଢ଼ିଚାଲିଛି। ଗତ ଦେଢ଼ ବର୍ଷ ମଧ୍ୟରେ ଜିଲ୍ଲାରେ ଯୌତୁକ ଜନିତ ନିର୍ଯାତନା ମାମଲା ୨୫୦ ଟପିଥିବା ବେଳେ ଯୌତୁକ ଜୁଇରେ ଜଳିଲେଣି ୧୫ରୁ ଅଧିକ ମହିଳା। ପୁଲିସ୍ ତଥ୍ୟ ମୁତାବକ, ୨୦୨୪ ଜୁନରୁ ଜୁଲାଇ ୨୦୨୫ ମଧ୍ୟରେ ୧୯୨ଟି ଯୌତୁକ ନିର୍ଯାତନା ମାମଲା ଜିଲ୍ଲାର ବିଭିନ୍ନ ଥାନାରେ ରୁଜୁ ହୋଇଛି । ଶାଶୂଘର ଲୋକଙ୍କ ନିର୍ଯାତନା ଅସହ୍ୟ ହେବାରୁ ନବବିବାହିତା ବୋହୂ ଥାନାରେ ପହଞ୍ଚିଛନ୍ତି। ଗତ ୪ ମାସର ପରିସଂଖ୍ୟାନକୁ ମିଶାଇଲେ ଏହି ମାମଲା ସଂଖ୍ୟା ୨୫୦ ଟପିବ ବୋଲି କୁହାଯାଉଛି । ସେହିପରି ଗତବର୍ଷ ଜୁନରୁ ଚଳିତ ବର୍ଷ ଜୁଲାଇ ମଧ୍ୟରେ ୧୦ ଜଣ ମହିଳା ଯୌତୁକ ଜୁଇରେ ଜଳିଛନ୍ତି। ଏମାନଙ୍କ ମଧ୍ୟରୁ ୭ ଜଣ ନିର୍ଯାତନା ସହିନପାରି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି । ଅପରପକ୍ଷରେ ୩ ଜଣ ମହିଳାଙ୍କୁ



ଶାଶୂଘର ଲୋକ ହତ୍ୟା କରିଥିବା ପୁଲିସର ତଥ୍ୟ କହୁଛି । ସଚେତନତାର ଅଭାବ ଓ ଯୌତୁକ ଲୋଭ ଏହି ଯୌତୁକ ନିର୍ଯାତନାକୁ ଜନ୍ମ ଦେଉଛି। ଶିମିଳିପଡ଼ା ଅଞ୍ଚଳର ମିନାକ୍ଷୀ ଭଞ୍ଜ ରାଜକିଶୋରପଡ଼ାର ସିଦ୍ଧାନ୍ତ ସାହୁଙ୍କୁ ପ୍ରେମ ବିବାହ କରିଥିଲେ । ଉଭୟ ତୁରଙ୍ଗଠାରେ ଭଡ଼ାଘରେ ରହୁଥିବା ବେଳେ କିଛି ଦିନ ପରେ ତାଙ୍କ ଜୀବନରେ ପଶିଥିଲା ଯୌତୁକ ଝଡ଼। ପରିବାର ଲୋକଙ୍କ କଥାରେ ପଡ଼ି ସିଦ୍ଧାନ୍ତ ଯୌତୁକ ଆଣିବାକୁ ବାଧ୍ୟ କରାଇଥିଲେ। ଉଭୟଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିବାଦ ଏତେ ଉଗ୍ର ନେଇଥିଲା ଯେ, ଗତ ମାସ ୨୨ ତାରିଖରେ ସିଦ୍ଧାନ୍ତ ସୈତାନ୍ ସାଜିଥିଲା। ଯାହାକୁ ଭଲ ପାଇ ବିବାହ କରିଥିଲା, ତା'ର ତଣ୍ଟି କାଟି ହତ୍ୟା କରିଥିଲା । ମୃତ ମୀନାକ୍ଷୀଙ୍କ ମା' ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିବା ବେଳେ ପୁଲିସ୍ ଅଭିଯୁକ୍ତ ସିଦ୍ଧାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । କେବଳ ଏହି ଗୋଟିଏ ଘଟଣା ନୁହଁ, ଜିଲ୍ଲାରେ ନିୟମିତ ଏମିତି ଯୌତୁକ ପାଇଁ ଜୀବନ ଯାଉଛି । ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ଅନେକ ମହିଳା ଶାଶୂଘରୁ ତଡ଼ା ଖାଇ ବାପ ଘରେ ମୁଣ୍ଡ ଗୁଞ୍ଜିଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପଟ୍ଟନାୟକ କହିଛନ୍ତି, ଯୌତୁକ ପାଇଁ ମହିଳାଙ୍କ ଜୀବନ ଯିବା ଦୁଃଖର ବିଷୟ । ଅନ୍ୟ ଜିଲ୍ଲାମାନଙ୍କ ତୁଳନାରେ ଅନୁଗୁଳରେ ଯୌତୁକ ନିର୍ଯାତନା ହାର୍ କମ୍ । ଅନେକ କ୍ଷେତ୍ରରେ ଅନ୍ୟ କାରଣରୁ ମୃତ୍ୟୁ ହେଉଥିଲେ ମଧ୍ୟ ଯୌତୁକଜନିକ ମୃତ୍ୟୁର ରୂପ ଦିଆଯାଉଛି। ପ୍ରକୃତ ଯୌତୁକଜନିତ ମାମଲାଠୁ ଏହି ମିଛ ମାମଲା ଢେର୍ ଅଧିକ। ଯଦ୍ୱାରା ନିର୍ଦ୍ଦୋଷ, ଏମିତିକି ସମ୍ପୃକ୍ତି ନଥିଲେ ସୁଦ୍ଧା ଟାଣି ଓଟାରି ପରିବାର ଲୋକଙ୍କୁ ଯୋଡ଼ି ଦିଆଯାଉଛି। ଏ କ୍ଷେତ୍ରରେ ଆଇନର ସଦୁପଯୋଗ ହେବା ଉଚିତ୍ ବୋଲି ସେ ପ୍ରକାଶ କରିଛନ୍ତି।

# ଯୁକ୍ତ ଦୁଇରୁ ଉଚ୍ଚଶିକ୍ଷା ସବୁଠି ସିଟ୍ ଫାଙ୍କା : କେବଳ ବିଏଡ୍ ଓ ଏମ୍‌ଏଡ୍‌ରେ ପୂରଣ ହୋଇଛି ସବୁ ସିଟ୍

**ଭୁବନେଶ୍ୱର,୧୩/୧୧ ନ୍ୟୁଜ ବ୍ୟୁରୋ**

ଯୁକ୍ତ ଦୁଇରୁ ପିଜି ସବୁଠି ହଜାର ହଜାର ସିଟ୍ ଖାଲି ପଡ଼ିଛି । କେବଳ ଶିକ୍ଷକ ଶିକ୍ଷା ଅର୍ଥାତ୍ ବିଏଡ୍ ନାମଲେଖାକୁ ଛାଡ଼ି ଦେଲେ ସେ ଆଇଟିଆଇ ହେଉକି ପଲିଟେକ୍ନିକ୍ କିମ୍ବା ଯୁକ୍ତ ତିନି ସବୁଠି ସିଟ୍ ଫାଙ୍କା। ଏପରିକି ସେଲ୍ଫ ଫାଇନାନ୍ସ ବିଷୟରୁ ମଧ୍ୟ ପିଲାମାନେ ମୁହଁ ମୋଡୁଛନ୍ତି । ରାଜ୍ୟରେ ଯୁକ୍ତ ଦୁଇ, ଯୁକ୍ତ ତିନି, ସ୍ନାତକୋତ୍ତର (ପିଜି), ସିଟି, ଆଇଟିଆଇ, ପଲିଟେକ୍ନିକ୍ରେ ମୋଟ ୨ ଲକ୍ଷ ୯୫ ହଜାର ୫୧୪ ସିଟ୍ ଖାଲି ପଡ଼ିଛି । ଏହା ଏବେ ଶିକ୍ଷାବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି । ଚଳିତ ବର୍ଷ ନାମଲେଖା ପ୍ରକ୍ରିୟା ଆଗୁଆ ଆରମ୍ଭ ହେଲା । ଧାର୍ଯ୍ୟ ସମୟରେ ମଧ୍ୟ ପାଠପଢ଼ା ଆରମ୍ଭ କରାଗଲା । ସରକାରଙ୍କ ଟାର୍ଗେଟ୍ ଥିଲା ସବୁ ସିଟ୍ ନିର୍ଦ୍ଧାରିତ ସମୟରେ ନାମଲେଖା ସାରିବେ । କିନ୍ତୁ ସବୁ ବିଭାଗରେ ହଜାର ହଜାର ସିଟ୍ ଫାଙ୍କା ପଡ଼ିବାରୁ ନଭେମ୍ବର ଯାଏ ନାମଲେଖା ମଧ୍ୟ ଚାଲିଲା । ତଥାପି ସିଟ୍ ପୂରଣ ହୋଇପାରିଲା ନାହିଁ । ସାମ୍ସ ତଥ୍ୟ ଅନୁଯାୟୀ, ଯୁକ୍ତ ଦୁଇରେ ନାମଲେଖା ପାଇଁ କଳା, ବାଣିଜ୍ୟ, ବିଜ୍ଞାନ, ସଂସ୍କୃତ, ଧନ୍ଦାମୂଳକ ସବୁ ବିଷୟରେ ମୋଟ୍ ୫ ଲକ୍ଷ ୯୬ ହଜାର ୪୩୫ଟି ସିଟ୍ ରହିଛି । ଏଥିରୁ ୪ ଲକ୍ଷ ୨୨ ହଜାର ସିଟ୍ରେ ନାମ ଲେଖା ହୋଇଛି। ବାକି ୧ ଲକ୍ଷ ୭୩ ହଜାର ୮୨୭ ସିଟ୍ ଖାଲି । ଯୁକ୍ତ ଦୁଇ ବିଜ୍ଞାନରେ ସର୍ବାଧିକ ୭୭ ହଜାର ୫୭୪ ସିଟ୍ ଖାଲି ରହିଛି । ଯୁକ୍ତ ତିନିରେ ମୋଟ ସିଟ୍ ସଂଖ୍ୟା ୨ ଲକ୍ଷ ୭୭ ହଜାର ୮୮୧ । ଏଥିରୁ ୭୮ ହଜାର ୯୧୧ ସିଟ୍ ଖାଲି। ଯୁକ୍ତ ତିନି କଳାରେ ସର୍ବାଧିକ ୩୧ ହଜାର ୪୩୬ ସିଟ୍ ଖାଲି ରହିଛି । ସେଲ୍ଫ ଫାଇନାନ୍ସ ପାଇଁ ମୋଟ ୫୦୫୪ଟି ସିଟ୍ ଥିବା ବେଳେ ୩୩୩୮ ଜଣ ନାମ ଲେଖାଇଛନ୍ତି । ବାକି ୧୭୧୬ ସିଟ୍ ଖାଲି । ପିଜିରେ ୩୧ ହଜାର ୮୯୩ରୁ ୯ ହଜାର ୭୪୫ ଖାଲି ରହିଛି । ଏତ ଗଲା ସାଧାରଣ ପାଠ୍ୟକ୍ରମ କଥା । ପଲିଟେକ୍ନିକ୍‌ରେ ମୋଟ ୭୭ ହଜାର ୯୩୩ସିଟ୍ରୁ ୫୩ ହଜାର ୨୫୮ ଜଣ ଫ୍ରେସ୍ ମୋଡ୍‌ରେ ନାମ ଲେଖାଇଥିବା ବେଳେ ଲାଟେରାଲ୍ ଏଣ୍ଟ୍ରି ମାଧ୍ୟମରେ ୮୪୨୦ ଜଣ ଓ ଡବ୍ଲ୍ୟୁପିରେ ୭୦୫ ଜଣ ନାମ ଲେଖାଇଛନ୍ତି । ଆହୁରି ୧୫ ହଜାର ୫୫୦ ସିଟ୍ ଫାଙ୍କା ପଡ଼ିଛି । ସେହିପରି ଆଇଟିଆଇରେ ୭୮ ହଜାର ୨୨୪ ସିଟ୍‌ରୁ ୬୧ ହଜାର ୩୪୩ରେ ନାମଲେଖା ହୋଇଥିବା ବେଳେ ୧୬୮୮୧ ସିଟ୍ ଫାଙ୍କା । ଡିଇଆଇଇଡି (ସିଟି) ନାମଲେଖା ପାଇଁ ୬୫୫୦ ସିଟ୍ ଥିବା ବେଳେ ୫୯୫୨ ସିଟ୍‌ରେ ନାମଲେଖା ହୋଇଛି । ସେହିପରି ବିଏଡ୍, ଏମ୍ଏଡ୍ ପାଇଁ ମୋଟ ୨୭୫୦ ସିଟ୍ ଥିବା ବେଳେ ମାତ୍ର ଗୋଟିଏ ସିଟ୍‌କୁ ଛାଡ଼ି ସବୁ ସିଟ୍ ପୂରଣ ହୋଇଛି ।